79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୮୫ ● କଟକ ● ଗୁରୁବାର ● ୨୧ ମଇ-୨୦୨୬ ● ବୃଷ-୨୧ ● ସାଲ୍-୧୪୩୧
CUTTACK ● THURSDAY ● 21 MAY-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

### ରେକର୍ଡ ଭାଙ୍ଗିଲା +୨ ରେଜଲ୍ଟ: ୪ ବିଭାଗରେ ମୋଟ୍ ପାସ୍‌ହାର ୮୫.୮୫%

# ପୁଅଙ୍କୁ ପଛରେ ପକାଇଲେ ଝିଅ

**ଭୁବନେଶ୍ୱର/ବ୍ରହ୍ମପୁର/କଟକ,(ପିପିଏସ୍):** ପ୍ରକାଶ ପାଇଛି ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ। ଚଳିତବର୍ଷ ୪ ବିଭାଗରେ ମୋଟ୍ ପାସ୍‌ହାର ୮୫.୮୫% ରହିଛି। ଗତବର୍ଷ ତୁଳନାରେ ଏଥର ପାସ୍‌ହାର ୩.୪୦% ବଢ଼ିଛି। ବିଜ୍ଞାନରେ ବାଲେଶ୍ୱର ଜିଲ୍ଲା, କଳାରେ ସମ୍ବଲପୁର ଶ୍ରେଷ୍ଠ ସ୍ଥାନରେ ରହିଛି। ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କିଏ ଡାକ୍ତର ତ ପୁଣି କିଏ ଇଞ୍ଜିନିୟର ହେବାର ସ୍ୱପ୍ନ ରଖିଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ୩ ଲକ୍ଷ ୯୮ହଜାର ୯୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପାସ୍ କରିଛନ୍ତି ପାସ୍ କରିଛନ୍ତି ୩ ଲକ୍ଷ ୮୧ ହଜାର ୭୮୧ ଜଣ। ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ। ବୁଧବାର ପରୀକ୍ଷା ଫଳ ଘୋଷଣା କରିବା ଅବସରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। କୌଣସି ଗୋଟିଏ ବିଷୟରେ ଇମ୍ପ୍ରୁଭମେଣ୍ଟ ପାଇଁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଆଯିବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇପାରିବେ। ଜୁଲାଇ ପ୍ରଥମ ସପ୍ତାହରେ ହେବ ଇମ୍ପ୍ରୁଭମେଣ୍ଟ ପରୀକ୍ଷା। କଳାରେ ପାସ୍‌ହାର ୮୪.୫୦% ରହିଛି। କଳାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ଛାତ୍ରଙ୍କ ପାସ୍‌ହାର ୭୭.୯୭% ରହିଥିବା ବେଳେ ଛାତ୍ରୀଙ୍କ ପାସ୍‌ହାର ୮୯.୪୫% ରହିଛି। ବାଣିଜ୍ୟରେ ପାସ୍‌ହାର ୮୮.୦୭% ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ଛାତ୍ରୀଙ୍କ ପାସ୍‌ହାର ୮୬.୬୭%




ରହିଥିବା ବେଳେ ଛାତ୍ରୀଙ୍କ ପାସ୍‌ହାର ୯୦.୪୩% ରହିଛି। ବିଜ୍ଞାନରେ ପାସ୍‌ହାର ୮୮.୮୦% ରହିଛି। ବିଜ୍ଞାନରେ ମଧ୍ୟ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ। ବିଜ୍ଞାନରେ ଛାତ୍ରଙ୍କ ପାସ୍‌ହାର ୮୭.୪୧% ରହିଥିବା ବେଳେ ଛାତ୍ରୀଙ୍କ ପାସ୍‌ହାର ୯୦.୨୪% ରହିଛି। ସେହିପରି ଚଳିତବର୍ଷ ଧନ୍ଦାମୂଳକ ଶିକ୍ଷା ପାସ୍‌ହାର ୭୭.୮୨% ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ଛାତ୍ରଙ୍କ ପାସ୍‌ହାର ୭୧.୪୯% ରହିଥିବା ବେଳେ ଛାତ୍ରୀଙ୍କ ପାସ୍‌ହାର ୮୩.୪୫% ରହିଛି। କଳାରେ ସମ୍ବଲପୁର ଜିଲ୍ଲା ନମ୍ବର ୱାନ୍ ହୋଇଥିବା ବେଳେ ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ନବରଙ୍ଗପୁର ରହିଛି ସବୁଠୁ ପଛରେ। ତେବେ ବ୍ରହ୍ମପୁରର ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ପୁଅ ଅଂଶୁମାନ ଷଡ଼ଙ୍ଗୀ ୬ଶହରୁ ୫୯୫ ନମ୍ବର ରଖି ନିଜ ପରିବାର ପାଇଁ ଗର୍ବ ଆଣିଥିବା ବେଳେ କଟକର ମଧୁମିତା ସାହୁ ରଖିଛନ୍ତି ୫୯୮ ମାର୍କ। ଚଳିତଥର ପରୀକ୍ଷାରେ ବ୍ୟାପକ ସଂସ୍କାର ଅଣାଯିବା ସହିତ ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ସବୁ ଖାତା ଅନଲାଇନରେ ଦେଖାଯାଇଥିଲା। ତାସହ କଳାରେ ବି ଦୁଇଟି ବିଷୟ ଅନଲାଇନରେ ଭାଲ୍ୟୁଏସନ୍ ହୋଇଥିଲା। କେବଳ ସେତିକି ନୁହଁ ପ୍ରଥମଥର ପାଇଁ ରେଗୁଲାର ଏବଂ ଏକ୍ସ ରେଗୁଲାର ପିଲାମାନେ ଯେ କୌଣସି ଗୋଟିଏ ପେପରରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ। ୨୧୦ ନମ୍ବର ରଖି ଯଦି ଜଣେ ପରୀକ୍ଷାର୍ଥୀ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ, ତେବେ ଦୁଇମାସ ଭିତରେ ସେ ଆଉଥରେ ପରୀକ୍ଷା ଦେଇପାରିବେ। ତେବେ ଯେଉଁମାନେ ଏକାଧିକ ବିଷୟରେ ଫେଲ୍ ହୋଇଥିବେ ସେମାନେ ଆସନ୍ତା ବର୍ଷ ଏକ୍ସରେଗୁଲାର ବର୍ଗରେ ପରୀକ୍ଷା ଦେଇପାରିବେ। ରିଚେକିଂ ପାଇଁ ଆସନ୍ତା ୨୭ତାରିଖ ସୁଦ୍ଧା ପ୍ରକାଶ ପାଇବ ବିଜ୍ଞପ୍ତି। ସେହିପରି ଗୁରୁବାରଠାରୁ ପ୍ରୋଭିଜିନାଲ ମାର୍କସିଟ ଡିଜି ଲକରରେ ଉପଲବ୍ଧ ହେବ। ମୁଖ୍ୟମନ୍ତ୍ରୀ

**❑ ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ସବୁଠୁ ପଛରେ**
**❑ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ଛାତ୍ରଛାତ୍ରୀ**

ମୋହନ ମାଝୀ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟରେ ଚଳିତବର୍ଷ ଫେବ୍ରୁଆରୀ ୧୮ରୁ ମାର୍ଚ୍ଚ ୨୮ତାରିଖ ପର୍ଯ୍ୟନ୍ତ ଯୁକ୍ତ ଦୁଇ ପରୀକ୍ଷା ହୋଇଥିଲା। ୪ଲକ୍ଷ ୧ ହଜାର ୬୨୩ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ହେଲେ ୩ଲକ୍ଷ ୯୬ହଜାର ୫୯୨ଜଣ ପରୀକ୍ଷା ଦେଇଥିଲେ। ବାକି ୫ ହଜାର ୩୧ଜଣ ପରୀକ୍ଷା ଦେଇନଥିଲେ। ଦୁଇଟି ପର୍ଯ୍ୟାୟରେ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ଖାତା ମୂଲ୍ୟାୟନ ହୋଇଥିଲା।

# ୪୬°ରେ ଜଳିଲା ଝାରସୁଗୁଡ଼ା

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ବିଶେଷ କରି ପଶ୍ଚିମ ଓଡ଼ିଶା ଜଳୁଛି। ବୁଧବାର ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ 'ଏକ୍ସ'ରେ ଲେଖିଛନ୍ତି ଯେ ୨୦୨୪ ମସିହା ମେ' ୩୧ ତାରିଖରେ ଝାରସୁଗୁଡ଼ାରେ ପାରଦ ୪୭ଡିଗ୍ରୀ ଛୁଇଁଥିଲା। ତା'ପୂର୍ବରୁ ୧୯୯୮ ମେ' ୨୮ ତାରିଖରେ ଏଠାକାର ସର୍ବୋଚ୍ଚ ତାପମାତ୍ରା ୪୮ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ସେହିବର୍ଷ ମେ' ୨୪ ତାରିଖରେ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା



- ଝାରସୁଗୁଡ଼ା ୪୬°
- ସମ୍ବଲପୁର ୪୫.୩°
- ହୀରାକୁଦ ୪୫°
- ସୋନପୁର ୪୩.୯°
- ବରଗଡ଼ ୪୩.୮°
- ଟିଟିଲାଗଡ଼ ୪୩.୫°
- ତାଳଚେର ୪୩.୮°
- ବଲାଙ୍ଗିର ୪୩.୩°
- ସୁନ୍ଦରଗଡ଼ ୪୨.୮°
- ଅନୁଗୁଳ ୪୨.୧°
- ନୟାଗଡ଼ ୪୨°
- ନୂଆପଡ଼ା ୪୧.୫°



୪୭.୬ ଡିଗ୍ରୀ ରହିଥିଲା। ତା' ପୂର୍ବରୁ ୧୯୭୮ ମସିହା ମେ' ୨୦ ତାରିଖରେ ଝାରସୁଗୁଡ଼ାର ତାପମାତ୍ରା ୪୭.୫ ଡିଗ୍ରୀ ରହିଥିଲା। ୪୬ ଡିଗ୍ରୀ ସହିତ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୫.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ହୀରାକୁଦର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁରର ୪୩.୯, ବରଗଡ଼ର ୪୩.୮, ଟିଟିଲାଗଡ଼ର ୪୩.୫, ତାଳଚେରର ୪୩.୮, ବଲାଙ୍ଗିରର ୪୩.୩, ସୁନ୍ଦରଗଡ଼ର ୪୨.୮, ଅନୁଗୋଳର ୪୨.୧, ନୟାଗଡ଼ର ୪୨, ନୂଆପଡ଼ାର ୪୧.୫, ରାଉରକେଲାର ୪୧.୩, କେନ୍ଦୁଝରର ୪୦.୭, ବାରିପଦାର ୪୦.୭, କେନ୍ଦ୍ରାପଡ଼ାର ୪୦.୨ ଓ ଭଦ୍ରକର ୪୦ ଡିଗ୍ରୀ ସେଲ୍ ?ସିୟସ ରେକର୍ଡ କରାଯାଇଛି। ମଙ୍ଗଳବାର ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ତେଣେ ଅସହ୍ୟ ତାତିରେ ଜଳୁଛି ଦେଶର ବିଭିନ୍ନ ରାଜ୍ୟ। ୪୭.୬ ଡିଗ୍ରୀ ସେଲସିୟସ୍ ଛୁଇଁଛି ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲା। ବୁନ୍ଦେଲଖଣ୍ଡ ଅଞ୍ଚଳର ବାନ୍ଦା ଚଳିତବର୍ଷ ଗ୍ରୀଷ୍ମ ରେକର୍ଡକୁ ଲଗାତାର ଭାଙ୍ଗିବାରେ ଲାଗିଛି। ଗତ ମାସରେ ଦ୍ୱିତୀୟ ଥର ବାନ୍ଦା କେବଳ ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ସବୁଠାରୁ ଉତ୍ତପ୍ତ ଏବଂ ଏସିଆରେ ତୃତୀୟ ଭାବେ ଚିହ୍ନଟ ହୋଇଛି। ବାନ୍ଦାରେ ଦିନର ତାପମାତ୍ରା ୪୭.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଏହା ଗତ ୭୫ବର୍ଷ ମଧ୍ୟରେ ୧୮ ମଇରେ ରେକର୍ଡ କରାଯାଇଥିବା ସର୍ବାଧିକ ତାପମାତ୍ରା। ପୂର୍ବରୁ ୨୭ ଏପ୍ରିଲ, ୨୦୨୬ରେ ଏଠାରେ ମଧ୍ୟ ୪୭.୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା। ଗତ କିଛି ଦିନ ଧରି ଦିଲ୍ଲୀ-ଏନ୍‌ସିଆରର ଅନେକ ସ୍ଥାନରେ ପ୍ରବଳ ଗରମ ଏବଂ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଜାରି ରହିଛି।

**୪୭.୬° ଛୁଇଁଲା ଉତ୍ତରପ୍ରଦେଶର ବାନ୍ଦା ଜିଲ୍ଲା**

# ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

### ୩୫୮ଟି ପୁରୁଣା ଆଇନର ହେବ ଉଚ୍ଛେଦ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟ କ୍ୟାବିନେଟ୍ ୭ଟି ବିଭାଗର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ରାଜ୍ୟରେ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ ସହ ୩୫୮ଟି ପୁରୁଣା ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଅନୁମୋଦନ ମିଳିଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ଯେ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ରାଜ୍ୟରେ ଆବିଷ୍କୃତ ହୋଇଥିବା ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା, ସୁପରିଚାଳନା ତଥା ସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର 'ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ' ସ୍ଥାପନ କରାଯିବ। ଏହାସହିତ ପ୍ରତ୍ନତତ୍ତ୍ୱିକ କ୍ୟୁରେଟର ସେବାର ପୁନର୍ଗଠନ କରାଯାଇ ନୂତନ 'ଓଡ଼ିଶା ପ୍ରତ୍ନତତ୍ତ୍ୱିକ କ୍ୟୁରେଟର ସେବା(ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬'କୁ ଅନୁମୋଦନ ମିଳିଛି, ଯାହା ଗବେଷଣା ଓ ଐତିହ୍ୟର ପ୍ରଚାର ପ୍ରସାରରେ ବିଶେଷ ସହାୟକ ହେବ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଅଧୀନରେ ଥିବା ପୁରୁଣା ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୨କୁ ଉଚ୍ଛେଦ କରାଯାଇ ନୂତନ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଚାଷ ନିୟନ୍ତ୍ରଣ ଅଧିନିୟମ, ୨୦୨୬ ପ୍ରଣୟନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ନୂତନ ବିଧେୟକ ମାଧ୍ୟମରେ ସାମୁଦ୍ରିକ ସମ୍ପଦର ସଂରକ୍ଷଣ, ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାର ସୁରକ୍ଷା ଏବଂ ଗଭୀର ସମୁଦ୍ରରେ ମାଛଧରା କାର୍ଯ୍ୟକୁ ନିୟନ୍ତ୍ରିତ କରାଯିବ। ଏଥିସହିତ ବେଆଇନ ମାଛଧରା ରୋକିବା ପାଇଁ ଟ୍ରାନ୍ସପଣ୍ଡର ଓ ଭେସେଲ୍ ଟ୍ରାକିଂ ଭଳି ଆଧୁନିକ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବା ସହ ୨୦୩୬ ସୁଦ୍ଧା ୨୫ହଜାର କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ଲକ୍ଷ୍ୟ ହାସଲ ପାଇଁ ମାର୍ଗ ପ୍ରଶସ୍ତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟବସାୟିକ କାରବାରକୁ ସହଜ ଓ ସରଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ 'ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯'କୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବା ପାଇଁ ନୂତନ ରିପିଲ୍ ଆଦେଶ, ୨୦୨୬କୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଖୁଚୁରା ଡିଜେଲ ଆଉଟଲେଟଗୁଡ଼ିକୁ ପୁନର୍ବାର ବିଭିନ୍ନ ବିଭାଗରୁ ଅନାପତ୍ତି ପ୍ରମାଣପତ୍ର ନେବାକୁ ପଡ଼ିବ ନାହିଁ, ଯଦିଓ ବିକ୍ରୟ ପ୍ରକ୍ରିୟା ପୂର୍ବଭଳି ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଦ୍ୱାରା ପରିଚାଳିତ ହେବ। ପ୍ରଶାସନିକ ସଂସ୍କାରକୁ ଆଗକୁ ନେଇ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ନିୟନ୍ତ୍ରଣାଧୀନ ଜିଲ୍ଲା ଓ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ଅମଲା ସେବା ନିୟମାବଳୀ, ୨୦୨୬କୁ ମଞ୍ଜୁରୀ ଦିଆଯାଇଛି। ପୂର୍ବରୁ ଏହି ପଦବୀଗୁଡ଼ିକ ରାଜସ୍ୱ କ୍ୟାଡର ଦ୍ୱାରା ପରିଚାଳିତ ହେଉଥିବା ବେଳେ ଏବେ ଚାରୋଟି ସ୍ତରରେ ମୋଟ ୧୦୩୨ଟି ପଦବୀ ସୃଷ୍ଟି କରାଯାଇ ସେଗୁଡ଼ିକର ନିଯୁକ୍ତି ଓ ପଦୋନ୍ନତି ସମ୍ପୃକ୍ତ ବିଭାଗ ଅଧୀନକୁ ଅଣାଯାଇଛି। ୬୩୦ଟି କନିଷ୍ଠ ସହାୟକ ଓ ୨୪୯ଟି ବରିଷ୍ଠ ସହାୟକ ପଦବୀ ଏଥିରେ ସାମିଲ ରହିଛି। ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆଇନ ବିଭାଗର ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ହାଇକୋର୍ଟ ଓ ଜିଲ୍ଲା କୋର୍ଟଗୁଡ଼ିକରେ କାର୍ଯ୍ୟରତ କୋର୍ଟ ମ୍ୟାନେଜରମାନଙ୍କ ସେବା ନିୟମିତୀକରଣ ପାଇଁ ନୂତନ ନିୟମ ପ୍ରଣୟନ କରାଯାଇଛି, ଯାହା ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବ। ଏହାବ୍ୟତୀତ ଜିଲ୍ଲା ଓ ସିଭିଲ୍ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା ନିୟମାବଳୀ, ୨୦୦୮ରେ ସଂଶୋଧନ କରି ଗ୍ରୁପ୍-ଡି କର୍ମଚାରୀମାନଙ୍କୁ ଜୁନିଅର କ୍ଲର୍କ ପଦବୀକୁ ପଦୋନ୍ନତିର ସୁଯୋଗ ଦିଆଯାଇଛି, ଯାହାଦ୍ୱାରା ଖାଲି ପଦବୀ ଶୀଘ୍ର ପୂରଣ ହୋଇପାରିବ। ଆଇନ ପୁସ୍ତକରୁ ଅନାବଶ୍ୟକ ବୋଝ ହ୍ରାସପାଇଁ ରାଜ୍ୟ ଆଇନ ଆୟୋଗଙ୍କ ସୁପାରିସ କ୍ରମେ ୧୯୭୪ରୁ ୨୦୨୫ ମଧ୍ୟରେ ପ୍ରଣୀତ ହୋଇଥିବା ଓ ଏବେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ୩୫୮ଟି ପୁରୁଣା ଅଧିନିୟମକୁ ବିଲୋପ କରିବା ପାଇଁ ଓଡ଼ିଶା ବିଲୋପ ବିଲ୍, ୨୦୨୬ ଆଣିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶା ତାପଜ ଶକ୍ତି ନୀତି- ୨୦୦୮ରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି, ଯାହା ରାଜ୍ୟକୁ ଅଧିକ ନିବେଶ ଆକୃଷ୍ଟ କରିବାରେ ସହାୟକ ହେବ।



# ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କଡ଼ା ତାଗିଦ୍ 'ନିୟମ ନ ମାନିଲେ ଚାକିରି ଯିବ'

**ଭୁବନେଶ୍ୱର,(ପିପିଏସ୍):** ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କୁ ଯୋଗାଣ ସଚିବଙ୍କ କଡ଼ା ତାଗିଦ୍। ନିୟମ ପାଳନ ନ କଲେ ନିଲମ୍ବିତ ହେବେ କିମ୍ବା ଚାକିରି ଯିବ। ଅତ୍ୟାବଶ୍ୟକୀୟ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି ପୂର୍ବରୁ ପଦକ୍ଷେପ ନିଅନ୍ତୁ। ରିଆକ୍ଟିଭ ହେବା ପରିବର୍ତ୍ତେ ଆଗୁଆ ପ୍ରୋଆକ୍ଟିଭ ହୋଇ କାମ କରନ୍ତୁ ବୋଲି ଯୋଗାଣ ସଚିବ ସଞ୍ଜୟ ସିଂହ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ କଣ୍ଟ୍ରୋଲ ରୁଲ୍‌କୁ ପାଳନ କରନ୍ତୁ। ନହେଲେ ନିଲମ୍ବନ ଓ ବହିଷ୍କାର କରାଯିବ। ଏଲପିଜି, ଡିଜେଲ, ପେଟ୍ରୋଲ ଦରଦାମ ବୃଦ୍ଧିରେ କାହିଁକି ପ୍ରୋଆକ୍ଟିଭ୍ ହୋଇ କାମ କରିବାକୁ ନିର୍ଦ୍ଦେଶ ନିର୍ଦ୍ଦେଶକୁ ଅପେକ୍ଷା କରିବାକୁ ପଡୁଛି। କିଛି ଅସୁବିଧା ଅଛି ତୁରନ୍ତ ଜଣାଅ। ଜିଲ୍ଲାସ୍ତରରେ ଚଢ଼ଉ କର। କଳାବଜାରୀଙ୍କ ଉପରେ ଆକ୍ସନ୍ ନିଅ। କେଉଁଠି ଅସୁବିଧା ରହୁଛି ଜଣାଅ। ଏହି ଅବସରରେ ଯୋଗାଣ ଅଧିକାରୀମାନଙ୍କୁ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ପାଳନ ପାଇଁ ଯୋଗାଣ ଅଧିକାରୀମାନଙ୍କୁ ଶପଥ କରାଇଛନ୍ତି। ଚାଉଳ ଡେଲିଭରୀକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଯୋଗାଣ ସଚିବ। ୨୦୨୪-୨୫ରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ୫୦ହଜାର ମେଟ୍ରିକ୍ ଟନ୍ ଚାଉଳ ଡେଲିଭର କେଉଁ କାରଣରୁ ହୋଇପାରିନି ବୋଲି ଅଧିକାରୀଙ୍କୁ ପ୍ରଶ୍ନ କରିଛନ୍ତି। ୧୦୦% ଇକେୱାଇସିପାଇଁ ବିଭାଗୀୟ ଅଧିକାରୀଙ୍କୁ ଟାର୍ଗେଟ୍ ଦେଇଛନ୍ତି ସଚିବ।

### ଓଏସ୍‌ଏସ୍‌ଏସ୍‌ସିକୁ ବିଭାଗୀୟ ଚିଠି

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରିବ ପିଇଓ ନିଯୁକ୍ତି !

**ଭୁବନେଶ୍ୱର,(ପିପିଏସ୍):** ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଞ୍ଚାୟତ ଏକ୍ସିକ୍ୟୁଟିଭ୍ ଅଫିସର୍ (ପିଇଓ) ପଦବୀରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍(ଓଏସ୍‌ଏସ୍‌ଏସ୍‌ସି)କୁ ଚିଠିଲେଖି ଶୀଘ୍ର ବିଜ୍ଞପ୍ତି ପ୍ରକାଶ ସହ ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରିବାକୁ ଅନୁରୋଧ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବହୁ ସଂଖ୍ୟକ ପିଇଓ ପଦ ଖାଲି ଥିବାରୁ ଗ୍ରାମସ୍ତରର ପ୍ରଶାସନ ଓ ସରକାରୀ କାର୍ଯ୍ୟକ୍ରମ ପ୍ରଭାବିତ ହେଉଥିବା କଥା ସରକାର ସ୍ୱୀକାର କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବିଶେଷ ସଚିବ ସୂର୍ଯ୍ୟ ନାରାୟଣ ଦାଶ ୧୮ ମେ ୨୦୨୬ ତାରିଖରେ ଓଏସ୍‌ଏସ୍‌ଏସ୍‌ସି ସଚିବଙ୍କୁ ଏହି ଚିଠି ଲେଖିଛନ୍ତି। ଏହା ପୂର୍ବରୁ ୧୭ଜାନୁଆରୀ ଓ ୨୫ ଫେବୃଆରୀରେ ମଧ୍ୟ ଏହି ବିଷୟରେ ବିଭାଗ ପକ୍ଷରୁ ପତ୍ରାଚାର ହୋଇଥିବା ଚିଠିରେ ଉଲ୍ଲେଖ ରହିଛି। ତଥାପି ନିଯୁକ୍ତି ପ୍ରକ୍ରିୟାରେ ଅଗ୍ରଗତି ନ ହେବାରୁ ବିଭାଗ ପୁନର୍ବାର ଏହାକୁ ଗୁରୁତ୍ୱ ସହ ଉଠାଇଛି। ଚିଠିରେ କୁହାଯାଇଛି ଯେ, ପଞ୍ଚାୟତ ଏକ୍ସିକ୍ୟୁଟିଭ୍ ଅଫିସରମାନେ ପଞ୍ଚାୟତସ୍ତରର ପ୍ରଶାସନିକ ବ୍ୟବସ୍ଥାର ମୂଳଭିତ୍ତି। ସେମାନେ ବିଭିନ୍ନ ଆଇନଗତ, ବିକାଶମୂଳକ ଓ ନିର୍ବାଚନ ସମ୍ପର୍କିତ କାର୍ଯ୍ୟଭାର ନିର୍ବାହ କରୁଛନ୍ତି। ଏହି ପଦଗୁଡ଼ିକ ଦୀର୍ଘଦିନ ଧରି ଖାଲି ରହିବାରୁ ଦୈନିକ ପ୍ରଶାସନିକ କାର୍ଯ୍ୟ, ରେକର୍ଡ ରକ୍ଷଣାବେକ୍ଷଣ ଓ ତୃଣମୂଳସ୍ତରରେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ବାଧାପ୍ରାପ୍ତ ହେଉଛି। ବିଶେଷ କରି ଆଗାମୀ କିଛିମାସ ମଧ୍ୟରେ ପଞ୍ଚାୟତ ନିର୍ବାଚନ ହେବାର ସମ୍ଭାବନା ଥିବାରୁ ପିଇଓମାନଙ୍କ ଭୂମିକାକୁ ସରକାର ଅତ୍ୟନ୍ତ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚନ ପରିଚାଳନା, ଭୋଟର ତାଲିକା ଓ ରେକର୍ଡ ସଂରକ୍ଷଣ, ନିର୍ବାଚନ କର୍ତ୍ତୃପକ୍ଷ ସହ ସମନ୍ୱୟ, ଏବଂ ପ୍ରାକ୍ ନିର୍ବାଚନ ଏବଂ ନିର୍ବାଚନ ପରବର୍ତ୍ତୀ କାର୍ଯ୍ୟକ୍ରମରେ ପିଇଓମାନଙ୍କ ଦାୟିତ୍ୱ ଅତ୍ୟଧିକ। ତେଣୁ ଏହି ପଦ ଖାଲି ରହିଲେ ନିର୍ବାଚନ ପ୍ରକ୍ରିୟାର ସୁଚାରୁ ପରିଚାଳନା ବାଧାପ୍ରାପ୍ତ ହେବା ଆଶଙ୍କା କରାଯାଇଛି। ସରକାର ଓଏସ୍‌ଏସ୍‌ଏସ୍‌ସିକୁ "ପ୍ରଶାସନିକ ଆବଶ୍ୟକତା ଓ ବୃହତ୍ତର ଜନସ୍ୱାର୍ଥ"କୁ ଦୃଷ୍ଟିରେ ରଖି ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବା ସହ ସମଗ୍ର ନିଯୁକ୍ତି ପ୍ରକ୍ରିୟା ଶୀଘ୍ର ସମାପ୍ତ କରିବାକୁ ଅନୁରୋଧ କରିଛନ୍ତି। ଚିଠିର ନକଲ ସମସ୍ତ ଜିଲ୍ଲାପାଳ, ସିଡିଓ-କମ୍-ଇଓ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ମଧ୍ୟ ପଠାଯାଇଛି। ପ୍ରଶାସନିକ ମହଲରେ ଏହି ଚିଠିକୁ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଭାବେ ଦେଖାଯାଉଛି। ଦୀର୍ଘଦିନ ଧରି ପିଇଓ ନିଯୁକ୍ତିକୁ ଅପେକ୍ଷା କରିଥିବା ଚାକିରି ପ୍ରାର୍ଥୀମାନଙ୍କ ମଧ୍ୟରେ ଏହା ଆଶା ସୃଷ୍ଟିକରିଛି। ସେପଟେ ଗ୍ରାମ ପଞ୍ଚାୟତ ସ୍ତରରେ କର୍ମଚାରୀ ସଂକଟ ଦୂରହେଲେ ବିକାଶମୂଳକ କାର୍ଯ୍ୟ ଓ ଶାସନ ବ୍ୟବସ୍ଥା ଆହୁରି ସୁଦୃଢ଼ହେବ ବୋଲି ମନେ କରାଯାଉଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମସ୍ତରର ପ୍ରଶାସନକୁ ସକ୍ରିୟ ଓ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମନେ କରାଯାଉଛି।

**ସମ୍ପାଦକୀୟ**
**ଭୋଜଶାଳା ହିଁ ମନ୍ଦିର**

**ବାଟେଘାଟେ**



ସହରର ରାସ୍ତା ଘାଟରେ ବୁଲନ୍ତି
ମାଳମାଳ ବୁଲା କୁକୁର
ପଥଚାରୀ କେତେ ହୀନସ୍ତା ହୁଅନ୍ତି
ସେଥିକୁ ନଥାଏ ଖାତର
କଟକର ମହାନଗର
ନିଗମ କୁକୁର ବନ୍ଧ୍ୟାକରଣ
ଚାଲିଥିଲା କେଉଁ ପ୍ରକାର
ସାମ୍ବାଦିକ ଟିକେ ପଚାର
ସୁପ୍ରିମକୋର୍ଟଙ୍କ ବିଚାର
ବିନା ଯନ୍ତ୍ରଣାରେ ମାରିବ ତାହାଙ୍କୁ
ରଖିଥାଅ ମନେ ଏଥର
-ରାହୀ

# ଯନ୍ତ୍ରୀବାବୁଙ୍କର ୯୭ପ୍ଲଟ୍

### କୋଟିପତି ନିର୍ବାହୀଯନ୍ତ୍ରୀ ଭୁବନେଶ୍ୱର ଶବର ଗିରଫ; ଠାବହେଲା ୫କୋଠା

**ଭବାନୀପାଟଣା, ଧର୍ମଗଡ଼, ଭୁବନେଶ୍ୱର,(ପିପିଏସ୍):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଆର୍ ଆଣ୍ଡ ବି ସବ୍-ଡିଭିଜନର ନିର୍ବାହୀଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଗିରଫ କରିଛି ଭିଜିଲାନ୍ସ। ବୁଧବାର ଏନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଶ୍ରୀ ଶବରଙ୍କର ୬ଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ କରିଥିବା ବେଳେ ଠାବ କରିଛି ପୁଳା ପୁଳା ସମ୍ପତ୍ତି। ତାଙ୍କ ସମ୍ପତ୍ତି ମଧ୍ୟରେ ରହିଛି ୯୭ଟି ପ୍ଲଟ୍, ୬ଟି ବହୁତଳ କୋଠା, ୨ଟି ଫାର୍ମ ହାଉସ୍ ଓ ଗୋଟିଏ ମାର୍କେଟ କଂପ୍ଲେକ୍ସ। ଏହି ୯୭ଟି ପ୍ଲଟ୍‌ର ମୋଟ ଜାଗା ୮୩ ଏକର। ସେହିପରି ୧୭ ଏକର ଜାଗାରେ ତାଙ୍କର ୨ଟି ଯାକ ଫାର୍ମ ହାଉସ୍ ଅଛି। ତାଙ୍କ ମାର୍କେଟ କମ୍ପ୍ଲେକ୍ସରେ ୮ଟି କ୍ୟାବିନ୍ ଅଛି। ଏହାବ୍ୟତୀତ ସେ ୧୦ଲକ୍ଷ ୭୨ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ୧୯ଲକ୍ଷ ୭୮ହଜାର ଟଙ୍କାର ନଗଦ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଠାବ କରାଯାଇଛି। ସେହିଭଳି ତାଙ୍କର ଗୋଟିଏ ହୁଣ୍ଡାଇ କ୍ରେଟା କାର୍ ଅଛି। ପଚରାଉଚରା ବେଳେ ନିର୍ବାହୀଯନ୍ତ୍ରୀ ଭୁବନେଶ୍ୱର ଶବର ଏତେ ପରିମାଣରେ ସମ୍ପତ୍ତି କିପରି ଠୁଳ କଲେ, ତା'ର କିଛି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏହା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହିତ ତଦନ୍ତ ଜାରିରଖିଛି। ଭୁବନେଶ୍ୱର ଶବର ୧୯୯୯ ମସିହାରେ ୬୦୦୦ ଟଙ୍କାରେ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୯ ଜୁଲାଇ ୧ ତାରିଖରେ କୋରାପୁଟ ଆର ଆଣ୍ଡ ବି ଡିଭିଜନ ଅଧୀନ ସୁନାବେଡ଼ା ସେକ୍ସନରେ ସେ କନିଷ୍ଠଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ୨୦୦୩ ମସିହା ପର୍ଯ୍ୟନ୍ତ ରହିଥିଲେ। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ସେ ନବରଙ୍ଗପୁର ଆର୍ ଆଣ୍ଡ ବି ସେକ୍ସନରେ କାର୍ଯ୍ୟ କରିଥିଲେ। ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ସେ ଭବାନୀପାଟଣା ଆର୍ ଆଣ୍ଡ ବି ସେକ୍ସନ ଦୁଇରେ କାର୍ଯ୍ୟ କରିଥିଲେ। ୨୦୧୩ରେ ସେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ସେହି ଭବାନୀପାଟଣା ଆର୍ ଆଣ୍ଡ ବି ସେକ୍ସନ ଦୁଇରେ ଅବସ୍ଥାପିତ ହୋଇଥିଲେ। ପରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ଼ ଆର୍ ଆଣ୍ଡ ବି ସବ୍-ଡିଭିଜନରେ ନିଯୁକ୍ତ ହୋଇଥିଲେ। ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ସେ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରେ ସେ ନିର୍ବାହୀଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ଼ ଆର୍ ଆଣ୍ଡ ବି ସବ୍-ଡିଭିଜନରେ କାର୍ଯ୍ୟ ଜାରି ରଖିଥିଲେ। ଏବେ ସେ ସେଠାରେ କାର୍ଯ୍ୟରତ ଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର୍ ଆଣ୍ଡ ବି ଡିଭିଜନର ନିର୍ବାହୀଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇ ଆସୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରଙ୍କ ୬ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ହେଉଥିବା ଏହି ଚଢ଼ଉରେ ୬ଜଣ ଡିଏସ୍‌ପି, ୬ଇନ୍‌ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଥିଲେ। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।





**❑ ଧର୍ମଗଡ଼ ଆର୍ ଆଣ୍ଡ ବି ସବ୍-ଡିଭିଜନ ନିର୍ବାହୀଯନ୍ତ୍ରୀ**




# ଆଜିର ରାଶିଫଳ

**ମେଷ**
ଆଜି ଆପଣଙ୍କ ପାଇଁ ଏକ ମହାନ ଦିନ ହେବ। ଆପଣଙ୍କୁ ଆପଣଙ୍କର କାର୍ଯ୍ୟ ସମାପ୍ତ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ। ଏହି ରାଶିରେ ଜନ୍ମିତ ଛାତ୍ରମାନେ ଆଜି ସଫଳତା ପାଇବେ। ପ୍ରେମିକମାନେ ଆଜି ଏକ ଯାତ୍ରା ଯୋଜନା କରିବେ, ଏବଂ ସେମାନେ ଉପହାର ମଧ୍ୟ ଆଦାନପ୍ରଦାନ କରିବେ। ସେମାନେ ସମ୍ଭବତଃ ସେମାନଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ଆବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ବଜାର ଯିବେ।

**ବୃଷ**
ଆଜି ଆପଣଙ୍କ ପାଇଁ ଏକ ଖୁସିର ଦିନ ହେବ। ଆପଣ ଅନ୍ୟମାନଙ୍କୁ ଆପଣଙ୍କ ଯୋଜନା ସହିତ ସହମତ ହେବାକୁ ରାଜି କରାଇବେ। ଆପଣଙ୍କ ପାରିବାରିକ ସମ୍ପର୍କ ମଧୁର ହେବ। ସମସ୍ତେ ଖୁସି ଏବଂ ପ୍ରଫୁଲ୍ଲିତ ହେବେ। ଆପଣ ଆପଣଙ୍କର ପୂର୍ବ ନିବେଶର ଲାଭ ପାଇପାରିବେ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ବରିଷ୍ଠ ବ୍ୟକ୍ତିମାନେ ଆପଣଙ୍କ କାମରେ ଖୁସି ହେବେ।

**ମିଥୁନ**
ଆଜି ଆପଣଙ୍କ ପାଇଁ ଏକ ବହୁତ ଭଲ ଦିନ ହେବ। ଆପଣ ନିଜର ଆଚରଣକୁ ଉନ୍ନତ କରିବାକୁ ଚେଷ୍ଟା କରିବେ। ଆପଣଙ୍କର କିଛି କାମ ପାଇଁ ଅଧିକ ସମୟ ଆବଶ୍ୟକ ହେବ, ଯାହା ଆପଣଙ୍କୁ ଅଫିସରେ ବିଳମ୍ବିତ ସମୟ ପାଇଁ ରହିବାକୁ ବାଧ୍ୟ କରିବ। ଆପଣ ବନ୍ଧୁମାନଙ୍କ ସହିତ କିଛି ଖୁସିର ମୁହୂର୍ତ୍ତ ବିତାଇବେ। ଆପଣ ଜଣେ ବିଶେଷ ବ୍ୟକ୍ତିଙ୍କ ସମର୍ଥନରୁ ଲାଭ ପାଇବେ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।

**କର୍କଟ**
ଆଜି ଆପଣଙ୍କ ପାଇଁ ଏକ ମହାନ ଦିନ ହେବାକୁ ଯାଉଛି। ଆପଣଙ୍କର ସମ୍ପୂର୍ଣ୍ଣ ଧ୍ୟାନ ଆପଣଙ୍କ କାମକୁ ଉନ୍ନତ କରିବା ଉପରେ ରହିବ। ପିଲାମାନେ ସେମାନଙ୍କ ପିତାମାତାଙ୍କ ପ୍ରତି ଅଧିକ ଧ୍ୟାନ ଦେବେ ଏବଂ ସେମାନଙ୍କ କଥା ଶୁଣିବେ।ପାରିବାରିକ ମାମଲା ସମ୍ବନ୍ଧୀୟ ଆପଣଙ୍କ ନିଷ୍ପତ୍ତି ପ୍ରଭାବଶାଳୀ ପ୍ରମାଣିତ ହେବ। ଆଜି ଆପଣ ଯେକୌଣସି ଚାଲିଥିବା ରଗଡ଼ ରୁ ମୁକ୍ତି ପାଇବେ।

**ସିଂହ**
ଆଜି ଆପଣଙ୍କ ପାଇଁ ସକାରାତ୍ମକ ଫଳାଫଳ ଆଣିଛି। ଅଫିସରେ ଆପଣଙ୍କ କାର୍ଯ୍ୟଭାର ବଢ଼ିପାରେ, କିନ୍ତୁ ଆପଣଙ୍କ କାମ ଆପଣଙ୍କ ବସ୍‌କୁ ପ୍ରଭାବିତ କରିବ। ଆପଣଙ୍କୁ ଟଙ୍କା ପ୍ରତି ଅସାବଧାନ ହେବା ଉଚିତ୍ ନୁହେଁ। ଯାତ୍ରା ଏବଂ ପର୍ଯ୍ୟଟନ ସହିତ ଜଡିତ ଲୋକଙ୍କ ପାଇଁ ଆଜି ଏକ ଭଲ ଦିନ ହେବ। ଆପଣ ଆପଣଙ୍କ ନିକଟତର ବ୍ୟକ୍ତିଙ୍କଠାରୁ ପରାମର୍ଶ ପାଇବେ ଯାହା ବହୁତ ଲାଭଦାୟକ ହେବ।

**କନ୍ୟା**
ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆପଣଙ୍କ ବ୍ୟବସାୟରେ କିଛି ପରିବର୍ତ୍ତନ କରିବେ, ଯାହା ଲାଭଦାୟକ ପ୍ରମାଣିତ ହେବ। ନୂତନ ବିବାହିତ ଦମ୍ପତି ପରସ୍ପରକୁ ବୁଝିବାକୁ ଚେଷ୍ଟା କରିବେ। ଓକିଲମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ। ଆପଣ ହଠାତ୍ ଜଣେ କ୍ଲାଏଣ୍ଟଙ୍କଠାରୁ ଆର୍ଥିକ ଲାଭ ପାଇପାରନ୍ତି।

**ତୁଳା**
ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଯେକୌଣସି କାମ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ଏହା ଆପଣଙ୍କ କାମକୁ ସହଜ କରିବ। ଆଜି, ଆପଣ ସମସ୍ତଙ୍କ ସହିତ ଭଲ ବ୍ୟବହାର କରିବାକୁ ଚେଷ୍ଟା କରିବେ ଏବଂ କାହାର ଭାବନାକୁ ଆଘାତ ନ ଦେବାକୁ ଚେଷ୍ଟା କରିବେ।

**ବିଛା**
ଆଜି ଆପଣଙ୍କ ପାଇଁ ଏକ ମହାନ ଦିନ ହେବ। ଆପଣ ଆଶା କରିଥିବାଠାରୁ ଅଧିକ ବ୍ୟବସାୟିକ ଲାଭ ପାଇବେ। ଘରର କାମ ସମାପ୍ତ କରିବାରେ ବୟସ୍କ ଲୋକଙ୍କ ପରାମର୍ଶ ସହାୟକ ହେବ। ଆପଣ ଆଜି ପାରିବାରିକ ଦ୍ୱନ୍ଦରୁ ମୁକ୍ତି ପାଇବେ। ଆପଣଙ୍କ ସଠିକ୍ ମାର୍ଗଦର୍ଶନ ପରିବାରର ସମସ୍ତ ସଦସ୍ୟଙ୍କ ହୃଦୟରେ ପ୍ରେମ ବୃଦ୍ଧି କରିବ। ଯେଉଁମାନେ ଚାକିରି ଖୋଜୁଛନ୍ତି ସେମାନେ ଆଜି ଏକ ପ୍ରମୁଖ କମ୍ପାନୀରୁ ଫୋନ୍ ପାଇବେ।


**ଧନୁ**
ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବାକୁ ଯାଉଛି। ସକାରାତ୍ମକ ଫଳାଫଳ ହାସଲ କରିବା ପାଇଁ ଆପଣଙ୍କୁ ଆପଣଙ୍କର ବୁଝାମଣା ବ୍ୟବହାର କରିବାକୁ ପଡିବ। ଆପଣଙ୍କୁ ଆପଣଙ୍କର ବଡ଼ ଲୋକଙ୍କଠାରୁ ଆଶୀର୍ବାଦ ମିଳିବ, ଯାହା ଆପଣଙ୍କ ସକାରାତ୍ମକତାକୁ ବୃଦ୍ଧି କରିବ। ଆପଣଙ୍କର ସମ୍ମାନ ବୃଦ୍ଧି ହେବ। ଅବିବାହିତ ଲୋକଙ୍କ ପାଇଁ ବିବାହ ଆଲୋଚନା ଚୂଡ଼ାନ୍ତ ହେବ।

**ମକର**
ଆଜି, ଆପଣ ଆପଣଙ୍କ ଦିନର ଅଧିକାଂଶ ସମୟ ଭ୍ରମଣରେ ବିତାଇବେ। ଆପଣଙ୍କ ପରିବାର ଆପଣଙ୍କୁ ସକାରାତ୍ମକ ପରାମର୍ଶ ଦେବେ। ଆପଣ ଅଫିସରେ ଏକ କାର୍ଯ୍ୟ ସହଜରେ ସମାପ୍ତ କରିବେ, ଯାହା ଆପଣଙ୍କ ଜୁନିଅର ଏବଂ ସିନିୟର ଉଭୟଙ୍କ ଠାରୁ ପ୍ରଶଂସା ପାଇବ। ଆପଣଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ, ଏବଂ ଆପଣଙ୍କ ସମ୍ମାନ ମଧ୍ୟ ବୃଦ୍ଧି ପାଇବ।

**କୁମ୍ଭ**
ଆଜି ଆପଣଙ୍କ ପାଇଁ ଏକ ବିଶେଷ ଦିନ ହେବାକୁ ଯାଉଛି। ଯଦି ଆପଣଙ୍କ ବରିଷ୍ଠ ବ୍ୟକ୍ତି କିମ୍ବା ବସ୍ ଆପଣଙ୍କୁ କାର୍ଯ୍ୟସ୍ଥଳରେ କିଛି କହୁଛନ୍ତି, ତେବେ ଏହାକୁ ଗମ୍ଭୀରତାର ସହ ନିଅନ୍ତୁ ଏବଂ ଆପଣଙ୍କର ତ୍ରୁଟିଗୁଡ଼ିକୁ ଚିହ୍ନଟ କରନ୍ତୁ ଏବଂ ସେଗୁଡ଼ିକୁ ସୁଧାରିବା ପାଇଁ କାମ କରନ୍ତୁ। ଆଜି, ଆପଣ ବ୍ୟବସାୟିକ ପ୍ରଗତି ପାଇଁ ଆର୍ଥିକ ଯୋଜନା କରିବେ। ଆପଣଙ୍କ ପିଲାମାନଙ୍କଠାରୁ ଆପଣଙ୍କୁ ଶୁଭ ଖବର ମିଳିବ।ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ।

**ମୀନ**
ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବାକୁ ଯାଉଛି। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଭଲ ପ୍ରଦର୍ଶନକୁ ପୁନରାବୃତ୍ତି କରିବା ପାଇଁ, ଆପଣଙ୍କୁ ଏକାଗ୍ରତା ବଜାୟ ରଖିବାକୁ ପଡିବ। ବ୍ୟବସାୟୀମାନେ ଏହାକୁ ଏକ ଭଲ ଦିନ ପାଇବେ; ବ୍ୟବସାୟ ଯୋଜନା ସହିତ ସତର୍କତା ଅବଲମ୍ବନ କରନ୍ତୁ। ଆପଣ ଆଜି ନିଜକୁ ଆଧ୍ୟାତ୍ମିକତା ପ୍ରତି ଅଧିକ ଆକର୍ଷିତ ପାଇପାରନ୍ତି। ଆପଣ କୌଣସି ଧାର୍ମିକ ସ୍ଥଳ ପରିଦର୍ଶନ କରିପାରନ୍ତି।

# ଆତଙ୍କବାଦ ବିରୋଧୀ ଦିବସ




ଆତଙ୍କବାଦ ବିରୋଧୀ ଦିବସ ପ୍ରତିବର୍ଷ ମେ' ୨୧ରେ ଭାରତରେ ପାଳନ କରାଯାଏ। ଆତଙ୍କବାଦ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଆତଙ୍କବାଦ ବିରୋଧରେ ଏକତାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଏହି ଦିନର ମୂଳ ଉଦ୍ଦେଶ୍ୟ। ଉକ୍ତ ଦିନ ଯୁବକମାନଙ୍କୁ ଆତଙ୍କବାଦ ଏବଂ ହିଂସା ପଥରୁ ଦୂରେଇ ରଖିବା ପାଇଁ ଏକ ବାର୍ତ୍ତା ଦିଆଯାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମେ' ୨୧, ୧୯୯୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଆତ୍ମଘାତୀ ଆକ୍ରମଣରେ ନିହତ ହୋଇଥିଲେ। ଏହି ଘଟଣା ପରେ ଭାରତ ସରକାରଙ୍କ ପକ୍ଷରୁ ମେ' ୨୧କୁ ଆତଙ୍କବାଦ ବିରୋଧୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ସେବେଠାରୁ ରାଜୀବ ଗାନ୍ଧୀଙ୍କ ସ୍ମୃତିରେ ମେ' ୨୧ରେ ଆତଙ୍କବାଦ ବିରୋଧୀ ଦିବସ ପାଳନ କରାଯାଉଛି। ଲୋକଙ୍କ ମଧ୍ୟରେ ଶାନ୍ତି, ମାନବିକତା, ଏକତା ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବା ତଥା ଆତଙ୍କବାଦ ବିରୋଧୀ ସାମାଜିକ କାର୍ଯ୍ୟକଳାପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ପାଳନ କରାଯାଏ। ବିରୋଧୀ ଦିବସ ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହି ଦିନ ବିଭିନ୍ନ ଫୋରମରେ ଆତଙ୍କବାଦ ବିରୋଧୀ ଶପଥ ନିଆଯାଏ। ଆତଙ୍କବାଦ ସମ୍ବନ୍ଧୀୟ ପ୍ରସଙ୍ଗରେ ସେମିନାର, ବିତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୁଏ।

# କେଉଁମାନେ ମାଠିଆ ପାଣି ପିଇବା ଅନୁଚିତ

ଗ୍ରୀଷ୍ମ ଋତୁ ଆସିଲେ ପ୍ରାୟ ସମସ୍ତେ ଥଣ୍ଡା ପାଣି ପିଇବାକୁ ପସନ୍ଦ କରନ୍ତି। ଫ୍ରିଜ୍ ପାଣି ଅପେକ୍ଷା ମାଠିଆ ପାଣି ପ୍ରାକୃତିକ ଭାବେ ଥଣ୍ଡା ଓ ସ୍ୱାସ୍ଥ୍ୟକର ହୋଇଥାଏ। କିନ୍ତୁ ବିଶେଷଜ୍ଞଙ୍କ ଅନୁସାରେ, କିଛି ରୋଗ ବା ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ଏହି ମାଠିଆ ପାଣି ବରଦାନ ବଦଳରେ ଅଭିଶାପ ସାଜିପାରେ।

କେଉଁମାନେ ସାବଧାନ ରହିବା ଆବଶ୍ୟକ ?

**୧. ଥଣ୍ଡା ଓ କାଶ ସମସ୍ୟା:** ଯଦି ଆପଣଙ୍କୁ ବାରମ୍ବାର ଥଣ୍ଡା, କାଶ ବା ଗଳା ବସିଯିବା ଭଳି ସମସ୍ୟା ରହୁଛି, ତେବେ ମାଠିଆ ପାଣି ପିଇବା ଦ୍ୱାରା କଫ ବୃଦ୍ଧି ହୋଇପାରେ। ଏଭଳି ସ୍ଥିତିରେ ସାଧାରଣ ତାପମାତ୍ରାର ପାଣି ପିଇବା ଭଲ।

**୨. ଦୁର୍ବଳ ହଜମ ପ୍ରକ୍ରିୟା:** ଯେଉଁମାନଙ୍କର ଗ୍ୟାସ୍, ବଦହଜମୀ ବା ପେଟ ଯନ୍ତ୍ରଣା ଭଳି ସମସ୍ୟା ଥାଏ, ସେମାନଙ୍କ ପାଇଁ ଅଧିକ ଥଣ୍ଡା ପାଣି ହଜମ ପ୍ରକ୍ରିୟାକୁ ଧୀମା କରିଦିଏ। ଏହାଦ୍ୱାରା ପେଟ ସମସ୍ୟା ଆହୁରି ବଢ଼ିଯାଏ।

୩. ଆଜ୍ମା ବା ଶ୍ୱାସକ୍ରିୟା ଜନିତ ରୋଗ: ଆଜ୍ମା ରୋଗୀଙ୍କ ପାଇଁ ଅତ୍ୟଧିକ ଥଣ୍ଡା ପାଣି କଷ୍ଟଦାୟକ ହୋଇଥାଏ। ଏହା ଶ୍ୱାସନଳୀରେ ସମସ୍ୟା ସୃଷ୍ଟି କରିପାରେ, ଯାହା ଫଳରେ ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ।

**୪. ଛୋଟ ପିଲା ଓ ବୃଦ୍ଧ:** ଛୋଟ ପିଲା ଏବଂ ବୟସ୍କ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି (ଓଜ୍ଞଜ୍ଞଙ୍କଭସଜ୍ଞଚ) ତୁଳନାତ୍ମକ ଭାବେ କମ୍ ଥାଏ। ତେଣୁ ମାଠିଆ ପାଣି ପିଇବା ଦ୍ୱାରା ସେମାନଙ୍କୁ ସହଜରେ **ଜ୍ୱର ବା ସଂକ୍ରମଣ ହେବାର ଭୟ ଥାଏ।**



**କ'ଣ କରିବେ ?**

ମାଠିଆକୁ ନିୟମିତ ଭାବେ ସଫା ରଖନ୍ତୁ। ଯଦି ଆପଣ ଉପରୋକ୍ତ କୌଣସି ସମସ୍ୟାର ସାମ୍ନା କରୁଛନ୍ତି, ତେବେ ଉଷୁମ ବା କୋଠରୀ ତାପମାତ୍ରାରେ ଥିବା ପାଣି ପିଅନ୍ତୁ। ଖରାରୁ ଆସିବା ମାତ୍ରେ ସଙ୍ଗେ ସଙ୍ଗେ ଅଧିକ ଥଣ୍ଡା ମାଠିଆ ପାଣି ପିଅନ୍ତୁ ନାହିଁ। ନିଜ ଶରୀରର ଅବସ୍ଥାକୁ ଦୃଷ୍ଟିରେ ରଖି ହିଁ ପାନୀୟ ଜଳର ଚୟନ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ।

# ପାରା ଅପରିଷ୍କାର କରୁଛନ୍ତି କି ?

ପାରା ମଣିଷ ସମାଜର ସବୁଠାରୁ ନିକଟତର ପକ୍ଷୀ ବୋଲି କୁହାଯାଏ। ପୂର୍ବରୁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଚିଠି ପଠେଇବା ପାଇଁ ପାରା ଲୋଡାପଡୁଥିଲା। କିଛିଲୋକ ପାରା ପୋଷିଥାନ୍ତି। ଆଉ କିଛିଜଣ ନିଜ ବାଲକୋନିରେ ପାରାଙ୍କ ପାଇଁ ଶସ୍ୟଦାନା ସବୁବେଳେ ରଖିଥାନ୍ତି। ଯାହାଦ୍ୱାରା ସେମାନେ ଆସି ମନ ଆନନ୍ଦରେ ଖୁଣ୍ଟି ଖାଇ ଉଡିଯାନ୍ତି। ହେଲେ ବାଲକୋନିରେ ଆସି ବୁଲିବା ଭିତରେ ସେମାନେ ସ୍ଥାନକୁ ପୁରା ଅପରିଷ୍କାର କରି ଦିଅନ୍ତି। ଯାହାକୁ ସଫା କରିବାରେ ନାନା ଅସୁବିଧା ହୋଇଥାଏ। ବାରମ୍ବାର ସେମାନଙ୍କୁ ଘଉଡାଇଲେ ବି ସେମାନେ ଆସି ସ୍ଥାନ ଅପରିଷ୍କାର କରି ଦିଅନ୍ତି। ତେବେ ଆମେ ଆପଣଙ୍କୁ ଏପରି କିଛି ଗଛ ଲଗାଇବାକୁ କହୁଛୁ ଯାହାଦ୍ୱାରା ପାରା ସେମାନଙ୍କର ପାଖ ମଧ୍ୟ ମାଡିବେନି।

ଘରେ କାକ୍ଟସ୍ ଗଛ ଲଗେଇବାର ଅନେକ ଫାଇଦା ରହିଛି। ଏହି ଗଛ ଲଗାଇବା ଦ୍ୱାରା ପାରା ସେ ସ୍ଥାନକୁ ଆସନ୍ତି ନାହିଁ। ପାରାଙ୍କୁ କାକ୍ଟସ୍ କଣ୍ଟା ଜମା ବି ପସନ୍ଦ ନୁହେଁ। ଏଥିସହ ବାଲକୋନିରେ ଆପଣ ଡାଫୋଡିଲର ଫୁଲଗଛ ଲଗାଇପାରିବେ। ଏହି ଫୁଲ ବାଲକୋନିକୁ ସୁନ୍ଦର ରଖିବା ସହ ସୁଗନ୍ଧିତ ବାସ୍ନା ଦେଇଥାଏ। କିନ୍ତୁ ଏହି ବାସ୍ନା ପାରାଙ୍କୁ ପସନ୍ଦ ନୁହେଁ।

ମଶାଙ୍କୁ ଘରୁ ଦୂରେଇ ରଖିବା ପାଇଁ ବ୍ୟବହାର ହେଉଥିବା ସିଟ୍ରୋନେଲା ପ୍ଲାଣ୍ଟକୁ ମଧ୍ୟ ପାରାମାନେ ଡରନ୍ତି। ଏହି ଗଛ ଲଗାଇବା ଦ୍ୱାରା କୌଣସି କୀଟପତଙ୍ଗ ନ ଆସିବା ସହ ପାରାଙ୍କୁ ମଧ୍ୟ ଦୂରେଇ ରଖିହେବ।

ଜାଣିଛନ୍ତି କି, ଘର ବାଲକୋନିରେ ଯଦି ପୁଦିନା ଗଛ ଲଗାଇବେ ତେବେ ପାରା ଏହାଠାରୁ କେଇ ମିଟର ଦୂରରେ ରୁହନ୍ତି। ସେହିପରି ରସୁଣର ଗନ୍ଧକୁ ପାରାମାନେ ସହ୍ୟ କରିପାରନ୍ତି ନାହିଁ। ସେମାନେ ଏହି ଗଛ ଦେଖିଲେ ବାଲକୋନିର ପାଖ ମାଡିବେ ନାହିଁ।



# କପିକ୍ୟାଟ୍ ଉର୍ବଶୀ ?



ଆତ୍ମଘୋଷିତ 'ଗ୍ଲୋବାଲ୍ ସୁପରଷ୍ଟାର୍' ଉର୍ବଶୀ ରୌତେଲା ଗତ ଚାରି ବର୍ଷ ଭଳି ଏ ବର୍ଷ ମଧ୍ୟ ସମ୍ମାନଜନକ କାନ୍ ଚଳଚ୍ଚିତ୍ର ମହୋତ୍ସବରେ ପହଞ୍ଚିଯାଇଛନ୍ତି। ୧୨ ତାରିଖର ଉଦ୍ଘାଟନ ଦିବସରୁ ଏ ପର୍ଯ୍ୟନ୍ତ ସେ ସେଠାରେ ଉପସ୍ଥିତ ଅଛନ୍ତି। ନିକଟରେ ସେ ଦ୍ୱିତୀୟ ଥର ପାଇଁ କାନ୍ ରେଡ୍ କାର୍ପେଟ୍‌ରେ ଦେଖାଦେଇଥିଲେ, ଯାହା ଉର୍ବଶୀଙ୍କୁ ପ୍ରଶଂସା ବଦଳରେ ସମାଲୋଚନାରେ ପୋତି ଦେଇଛି। ଏଥର ସେ ଏକ ସୁନା ଏମ୍ବ୍ରୋଡରି ଥିବା ଆଇଭରି ରଙ୍ଗର ଶାଢ଼ୀ ପିନ୍ଧିଥିଲେ, ଯାହା ସୁନା ଅଳଙ୍କାର ଖଚିତ ବ୍ଲାଉଜ୍ ସହିତ ଖୁବ୍ ସୁନ୍ଦର ଲାଗୁଥିଲା। ତାଙ୍କ ହାତରେ ଥିଲା ଏକ ଗଛ କୁଣ୍ଡ। ତେବେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କୁ ଉର୍ବଶୀଙ୍କ ପରିଧାନରେ ଏକ ସମାନତା ବାରିବାକୁ ଅଧିକ ସମୟ ଲାଗି ନଥିଲା। ତିନି ବର୍ଷ ତଳେ ଭାରତକୁ ଆସିଥିବା ଆମେରିକୀୟ ସୁପର୍ମଡେଲ୍ ଜିଜି ହଦିଦ ଠିକ୍ ଏହି ଶାଢ଼ି ପିନ୍ଧିଥିଲେ। ରୌତେଲାଙ୍କ ଅଳଙ୍କାର ପରିଧାନର ଷ୍ଟାଇଲ୍ ମଧ୍ୟ ମେଳ ଖାଇଯାଉଛି। ଏହି କାରଣରୁ ଉର୍ବଶୀଙ୍କୁ ଏବେ 'କପିକ୍ୟାଟ୍' କହି ପ୍ରବଳ ସମାଲୋଚନା କରାଯାଉଛି। କେହି ତାଙ୍କ ନକଲକୁ ଧରିପାରିବେ ନାହିଁ ବୋଲି ଭାବି ଉର୍ବଶୀ ଏକ ବିଶ୍ୱସ୍ତରୀୟ ମଞ୍ଚରେ କିପରି ଅବତୀର୍ଣ୍ଣ ହୋଇଗଲେ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ଯାହା ହେଉ, ଉର୍ବଶୀ ଏଭଳି ସମାଲୋଚନାରେ ବିଚଳିତ ହେବା ଭଳି ବ୍ୟକ୍ତି ନୁହନ୍ତି। ବିଶ୍ୱ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବା ନେଇ ସେ ଖୁବ୍ ଗର୍ବିତ।

# ଖରାଦିନେ ଫ୍ରିଜ୍‌ରେ ଜମୁଛି କି ମୋଟା ବରଫ ସ୍ତର ?

ଗ୍ରୀଷ୍ମ ଋତୁରେ ଫ୍ରିଜ ପ୍ରତ୍ୟେକ ଘରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପାଲଟିଯାଏ। ମାତ୍ର ଅନେକ ସମୟରେ ଲୋକମାନେ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେଇଟି ହେଉଛି ଫ୍ରିଜରେ ଆବଶ୍ୟକତାଠାରୁ ଅଧିକ ବରଫ ଜମିବା। ବିଶେଷ କରି ଫ୍ରିଜରର ଭିତରେ ବରଫର ମୋଟା ସ୍ତର ଜମିବା ଯୋଗୁ କୁଲିଂ ବା ଥଣ୍ଡା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଏହାସହ ବିଦ୍ୟୁତ ବିଲ ମଧ୍ୟ ବଢ଼ିଯାଏ। ବିଶେଷଜ୍ଞଙ୍କ ମତରେ, କିଛି ସାଧାରଣ ଭୁଲ ଏବଂ ବୈଷୟିକ କାରଣ ଯୋଗୁ ଏହି ସମସ୍ୟା ଦେଖାଦେଇଥାଏ, ଯାହାକୁ ସମୟ ଥାଉ ଥାଉ ସୁଧାରି ନିଆଯାଇପାରିବ।

**ବାରମ୍ବାର ଡୋରକୁ ଖୋଲିବା ହୋଇପାରେ ମୁଖ୍ୟ କାରଣ:**

ଫ୍ରିଜରେ ଅଧିକ ବରଫ ଜମିବାର ସବୁଠାରୁ ବଡ଼ କାରଣ ହେଉଛି ଏହାର ଡୋର୍‌କୁ ବାରମ୍ବାର ଖୋଲିବା। ଯେତେବେଳେ ବି ଫ୍ରିଜ ଖୋଲାଯାଏ, ବାହାରର ଗରମ ଏବଂ ଆର୍ଦ୍ରତାଯୁକ୍ତ ପବନ ଭିତରକୁ ଚାଲିଯାଏ। ଏହି ଆର୍ଦ୍ରତା ଫ୍ରିଜରର ଥଣ୍ଡା ସ୍ପର୍ଶରେ ଆସି ବରଫରେ ପରିଣତ ହେବାକୁ ଲାଗେ। ଯଦି ଅଧିକ ସମୟ ଧରି କବାଟ ଖୋଲା ରହେ, ତେବେ ବରଫ ଶୀଘ୍ର ଜମିଯାଏ। ତେଣୁ ଆବଶ୍ୟକ ପଡ଼ିଲେ ହିଁ ଫ୍ରିଜ ଖୋଲନ୍ତୁ ଏବଂ କାମ ସରିବା ମାତ୍ରେ ତୁରନ୍ତ ବନ୍ଦ କରିଦିଅନ୍ତୁ।

**ଖରାପ ରବର ଗ୍ୟାସ୍କେଟ ବଢ଼ାଇପାରେ ସମସ୍ୟା:**



ଫ୍ରିଜ କବାଟରେ ଲାଗିଥିବା ରବର ସିଲ୍ ବା ଗ୍ୟାସ୍କେଟ ଯଦି ଢିଲା କିମ୍ବା ଖରାପ ହୋଇଯାଏ, ତେବେ ବାହାର ପବନ କ୍ରମାଗତ ଭାବେ ଭିତରକୁ ପ୍ରବେଶ କରିଥାଏ। ଏହାଦ୍ୱାରା ଫ୍ରିଜକୁ ନିଜର ତାପମାତ୍ରା ବଜାୟ ରଖିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼େ ଏବଂ ବରଫ ଜମିବା ଆରମ୍ଭ ହୁଏ। ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ସମୟ ସମୟରେ ଗ୍ୟାସ୍କେଟ ଯାଞ୍ଚ କରନ୍ତୁ। ଯଦି କବାଟ ଠିକ ଭାବେ ବନ୍ଦ ହେଉନାହିଁ, ତେବେ ଗ୍ୟାସ୍କେଟ ବଦଳାଇବା ସବୁଠାରୁ ଭଲ ଉପାୟ।

**ଭୁଲ ତାପମାତ୍ରା ସେଟିଂ ମଧ୍ୟ ଦାୟୀ:**

ଅନେକ ଲୋକ ଅଧିକ ଥଣ୍ଡା ପାଇବା ଆଶାରେ ଫ୍ରିଜର ତାପମାତ୍ରା ଅତି କମ କରିଦିଅନ୍ତି। ଏହାଦ୍ୱାରା ଫ୍ରିଜରରେ ଅତ୍ୟଧିକ କୁଲିଂ ହୁଏ ଏବଂ ବରଫର ମୋଟା ଆସ୍ତରଣ ଜମିଯାଏ। ସାଧାରଣତଃ ଫ୍ରିଜର ତାପମାତ୍ରା ୩ ରୁ ୫ ଡିଗ୍ରୀ ସେଲସିୟସ ଏବଂ ଫ୍ରିଜରର ତାପମାତ୍ରା ମାଇନସ ୧୮ ଡିଗ୍ରୀ ପାଖାପାଖି ରଖିବା ଉଚିତ ବୋଲି ଧରାଯାଏ।

**ନିୟମିତ ଡିଫ୍ରଷ୍ଟିଂ ଜରୁରୀ:**

ଯଦି ଆପଣଙ୍କ ଘରେ ଡାଇରେକ୍ଟ କୁଲ ଫ୍ରିଜ ଅଛି, ତେବେ ସମୟ ସମୟରେ ଏହାକୁ ଡିଫ୍ରଷ୍ଟ କରିବା ନିହାତି ଜରୁରୀ। ଦୀର୍ଘ ସମୟ ଧରି ବରଫ ଜମି ରହିବା ଯୋଗୁ ଫ୍ରିଜ ଭିତରେ ବାୟୁ ଚଳାଚଳ ବାଧାପ୍ରାପ୍ତ ହୁଏ ଏବଂ ଏହାର କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ। ବିଶେଷଜ୍ଞଙ୍କ ଅନୁସାରେ, ମାସରେ ଅନ୍ତତଃ ପକ୍ଷେ ଥରେ ଫ୍ରିଜର ସଫେଇ ଏବଂ ଡିଫ୍ରଷ୍ଟିଂ କରିବା ଦ୍ୱାରା ଏହି

# ମେକ୍ସିକାନ୍ ଫ୍ରାଏଡ୍ ରାଇସ୍

ଆବଶ୍ୟକ ସାମଗ୍ରୀ: ୨କପ୍ ଭାତ, ୧/୪ କପ୍ ଛୋଟ ଛୋଟ କଟାହୋଇ ସିଝା ହୋଇଥିବା ବିନ୍ସ, ସିଝା ରାଜ୍ମା, ଗୋଟିଏ କଟା ପିଆଜ, ଛୋଟ ଛୋଟ କଟାଯାଇଥିବା ଗୋଟିଏ ଗାଜର, କ୍ୟାପ୍ସିକମ୍, କଟା ଟମାଟୋ ୧/୨ କପ୍, ସିଝା ମକା , କଟା ପିଆଜ, ୩ଟି ରସୁଣ କୋଳା, ତେଲ ୨ ଚାମଚ, ଜିରା ୧/୪ ଚାମଚ, ଧନିଆ ପାଉଡର ୧/୨ ଚାମଚ, ଓରିଗାନୋ ୧/୨ ଚାମଚ , ଲାଲ୍ ଲଙ୍କା ପାଉଡର ୧/୨ ଚାମଚ, ଚିଜ୍ କ୍ୟୁବ୍ ୨ ଟା, ଟମାଟୋ ସସ୍ ୧ ଚାମଚ।

ପ୍ରସ୍ତୁତି ପ୍ରଣାଳୀ: ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ସେଥିରେ ଜିରା ଏବଂ କଟା ପିଆଜ, ରସୁଣ ପକାଇ ଭାଜନ୍ତୁ। ସେଥିରେ କଟା କ୍ୟାପ୍ସିକମ୍, ଗାଜର, ଟମାଟୋ ଏବଂ ଅଳ୍ପ ଲୁଣ ପକାଇ ଭଲ ଭାବେ ଭାଜନ୍ତୁ। ବର୍ତ୍ତମାନ ଏଥିରେ ବିନ୍ସ, ରାଜ୍ମା, ସିଝା ମକା ଏବଂ ସବୁ ମସଲା ପକାଇ ୫ ମିନିଟ୍ ଘୋଡ଼ାଇ ଦିଅନ୍ତୁ। ଏହା ପରେ ଏଥିରେ ଭାତ ଏବଂ ଟମାଟୋ ସସ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମେକ୍ସିକାନ୍ ଫ୍ରାଏଡ୍ ରାଇସ୍। ଏହା ଉପରେ ଚିଜ୍ ପକାଇ ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ମଜା ନିଅନ୍ତୁ।





ରାଜ୍ୟ ପ୍ରଜାତନ୍ତ୍ର

କଟକ

୨୧-୦୫-୨୦୨୬ ପୃଷ୍ଠା: ୩


# ବିଭିନ୍ନ କ୍ଷେତ୍ରରେ ଜାପାନ ଏବଂ ଓଡ଼ିଶାର ସହଭାଗୀତା ସୁଦୃଢ଼ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ ମିଷ୍ଟର ଇସିକାଓ୍ୱା ୟୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଜାପାନ ଓ ଓଡ଼ିଶା ମଧ୍ୟରେ ସହଭାଗୀତା ବୃଦ୍ଧି ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡିଶାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପରେ ଜାପାନର ସହଯୋଗ ଏବଂ କ୍ରମବର୍ଦ୍ଧିଷ୍ଣୁ ବାଣିଜ୍ୟିକ ସମ୍ପର୍କ ପାଇଁ ଜାପାନର ଉଚ୍ଚ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରିବା ସହିତ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।



କନସୁଲ ଜେନେରାଲ୍ ମିଷ୍ଟର ଇସିକାଓ୍ୱା ଉଭୟ ଜାପାନ ଓ ଓଡ଼ିଶା ମଧ୍ୟରେ ଥିବା ଐତିହାସିକ କଳା, ଐତିହ୍ୟ ଓ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାପାନର ଏକ ରାଜ୍ୟ 'ତୋତ୍ତୋରି' ଓ ଓଡିଶା ମଧ୍ୟରେ ସହଭାଗୀତା ହେବ। ଏହି ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍ସ' ଭାବରେ କାର୍ଯ୍ୟ କରିବେ। ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ଡେଲିଗେସନ ଆଗାମୀ ଦିନରେ ପରସ୍ପର ରାଜ୍ୟକୁ ଗସ୍ତ କରିବେ। ପରବର୍ତ୍ତୀ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରି'ର ଗଭର୍ଣ୍ଣର ଏହି ପାର୍ଟନରସିପ୍ ସମ୍ପର୍କରେ ଅଧିକୃତ ଘୋଷଣା କରିବେ।

ଏହା ସହିତ ଓଡିଶାର ଯୁବକମାନେ କିପରି ଜାପାନରେ ଅଧିକ ନିଯୁକ୍ତି ପାଇବେ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ଦିନରେ ଜାପାନର ରିକ୍ରୁଟମେଣ୍ଟ ଏଜେନ୍ସିଗୁଡ଼ିକ ଓଡ଼ିଶାରେ କାମ କରିବେ। ଓଡ଼ିଶାର ଯୁବକ ଯୁବତୀମାନେ ଯେପରି ଅଧିକ ସଂଖ୍ୟାରେ ଜାପାନରେ ନିଯୁକ୍ତି ପାଇପାରିବେ, ସେଦିଗରେ ଏହି ସଂସ୍ଥାମାନେ ସହଯୋଗ ଯୋଗାଇଦେବେ। ଏହା ବ୍ୟତୀତ ଜାପାନ ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଟେକ୍ନୋଲୋଜି ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଓଡିଶାର ବୁଦ୍ଧିଷ୍ଟ ସର୍କିଟ୍ ଓ ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହା ସହିତ ଶିକ୍ଷା କ୍ଷେତ୍ରରେ ସହଭାଗୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

# ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କୁ ବିଭାଗୀୟ ସଚିବଙ୍କ କଡ଼ା ତାଗିଦ୍

ଭୁବନେଶ୍ୱର: ଦଲାଲ ଓ ଭ୍ରଷ୍ଟାଚାରଠୁ ଦୂରରେ ରୁହ। ମାପ ଓଜନ ଜଗ। ଏବେ ବି ରାଜ୍ୟରେ କଟନୀ ଛଟନି ଚାଲିଛି। ମିଲର୍ ହୁଅନ୍ତୁ କି ଅଫିସର ସମସ୍ତେ ସାବଧାନ ହେବାକୁ ଚେତେଇ ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି, ୨୪ ବର୍ଷର ରୋଗର ପ୍ରଭାବ ପଡିଛି, ଏହାକୁ ଶେଷ କରିବାକୁ ପଡ଼ିବ। ମିଲରଙ୍କୁ ଅଫିସର ସାହାଯ୍ୟ କରୁଥିଲେ ତୁରନ୍ତ ବନ୍ଦ କରିବାକୁ ସେ ଚେତାବନୀ ମଧ୍ୟ ଦେଇଛନ୍ତି।

ଆଜି ଭୁବନେଶ୍ୱରରେ ଆୟୋଜିତ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି ଲାଭଖୋର୍ ବେପାରୀଙ୍କ ପ୍ରତି ଦୟା ଛାଡ଼ି ଧରିବାକୁ ପଡ଼ିବ। ସେହିପରି ଯୋଗାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୟ ସିଂ କହିଛନ୍ତି, ଚଳିତ ଖରିଫ ଋତୁରେ ୧୯ ଲକ୍ଷରୁ ଅଧିକ ଚାଷୀଙ୍କ ପାଖରୁ ୭୮ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରଯାଇଛି।

ଏ ବାବଦରେ ୨୪ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଜଣେ ଚାଷୀ ହାରାହାରି ୧ ଲକ୍ଷ ୩୦ ହଜାର ଟଙ୍କା ପାଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ଚାଷୀଙ୍କୁ ଟଙ୍କା ପ୍ରଦାନରେ ୧୦ରୁ ଅଧିକ ସମୟ ଲାଗୁଥିବା ବେଳେ ଓଡ଼ିଶାରେ ୪୮ ଘଣ୍ଟା ଭିତରେ ଟଙ୍କା ଦିଆଯାଇଛି। କିନ୍ତୁ ମଣ୍ଡିରୁ ମିଲ୍ ଓ ମିଲ୍ ରୁ ଜଜଉକୁ ପରିବହନ ବ୍ୟବସ୍ଥା ଚୂଡ଼ାନ୍ତ ହୋଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ୧୦୦ ପ୍ରତିଶତ ଋ-କଣଉ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଟାର୍ଗେଟ ଦେଇଛନ୍ତି ଯୋଗାଣ ସଚିବ। ଏବେ ସୁଦ୍ଧା ୯୭ ପ୍ରତିଶତ ଋ-କଣଉ ସରିଛି। ଆଧାର ଯାଞ୍ଚ ବି ୯୬ ପ୍ରତିଶତ ହୋଇଛି। ଯାହାକି ସାରା ଦେଶରେ

**ରିଆକ୍ଟିଭ ହେବା ପରିବର୍ତ୍ତେ ପ୍ରୋ ଆକ୍ଟିଭ ହୋଇ କାମ କର**

ସବୁଠାରୁ ଅଧିକ। ସେହିପରି ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏଯାଏଁ ୮ ହଜାରରୁ ଅଧିକ ବେଆଇନ୍ ସିଲିଣ୍ଡର ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ ବର୍ଷ ବିଭିନ୍ନ ଦୋକାନକୁ ୧୯ କୋଟି ଟଙ୍କା ଫାଇନ୍ କରାଯାଇଛି।

**ଜିଲ୍ଲାପାଳଙ୍କ ଅଧକ୍ଷତା ରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ**

# ଟିପିସିଓଡ଼ିଏଲ୍ ଓ ଇରିଗେସନ ଡିପାର୍ଟମେଣ୍ଟର ଅନୁପସ୍ଥିତିକୁ ନେଇ କ୍ଷୋଭ ପ୍ରକାଶ କଲେ ନୟାଗଡ ବିଧାୟକ

ନୟାଗଡ଼: ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ନୟାଗଡ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ବିଧାୟକ ନୟାଗଡ ଡଃ ଅରୁଣ କୁମାର ସାହୁ / ମାନ୍ୟବର ବିଧାୟକ ଖଣ୍ଡପଡ଼ା ତଥା- ଯୋଜନା ବୋର୍ଡ଼ ଅଧକ୍ଷ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ / ମାନ୍ୟବର ବାଚସ୍ପତି - ତଥା - ବିଧାୟକ ରଣପୁରଙ୍କ ପ୍ରତିନିଧି ଅଭିଷେକ ସାମନ୍ତରାୟ/ଜିଲ୍ଲା ପରିଷଦ ଅଧକ୍ଷ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ / ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା/ଅତିରିକ୍ତ ଜିଲ୍ଲାପାଳ ରୋଜିନ। ଦାସ / ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର/ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ତପତି ରାଜ/ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜିତେନ୍ଦ୍ର କୁମାର ନାୟକ/ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ବୈଠକ ପରିଚାଳନା କରିଥିଲେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ତପତି ରାଜ। ବୈଠକର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା। ଏହା ପରେ ଅତିଥିମାନଙ୍କୁ ଚାରା ଏବଂ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ପରେ ପୂର୍ବ ବର୍ଷର ବୈଠକର ବିବରଣୀ ଅନୁଯାୟୀ ଆଲୋଚନା କରାଯାଇଥିଲା। ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଅଭିପ୍ରାୟରେ କହିଲେ ଯେ ଜିରୋ କାଜୁଆଲିଟି ରଖି ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଲୋଚନା କରାଯିବ। ବିପର୍ଯ୍ୟୟ ସମୟରେ ତ୍ୱରିତ ଭାବେ କାର୍ଯ୍ୟ କ୍ଷେତ୍ରରେ ପ୍ରତ୍ୟେକ ବିଭାଗ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ସେହିପରି ମାନ୍ୟବର ବିଧାୟକ ନୟାଗଡ ବକ୍ତବ୍ୟରେ କହିଲେ ଯେ, ଭବିଷ୍ୟତର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରିଜୋଲିୟୁସନ କରାଯାଉ।




କାଳ ବୈଶାଖୀ/ ବଜ୍ରପାତ/ ମରୁଡ଼ି ଏବଂ ବନ୍ୟା ସମୟରେ ସତର୍କ ରହିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ । ମାନ୍ୟବର ବିଧାୟକ ଖଣ୍ଡପଡ଼ା ମଣିପୁର ନଦୀବନ୍ଧ ନିର୍ମାଣ ପାଇଁ ବନ୍ୟାର ଭୟ ନଥିବା କଥା ପ୍ରକାଶ କରିଥିଲେ ଏବଂ ପୂର୍ବ ବର୍ଷ ଭଳି ପ୍ରଶାସନ ସମୀକ୍ଷା କରି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ମାନ୍ୟବର ବାଚସ୍ପତି - ତଥା - ବିଧାୟକ ରଣପୁରଙ୍କ ପ୍ରତିନିଧିଙ୍କ ଜିଲ୍ଲାର ଉନ୍ନତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ରହିଥିଲା। ସମୟ ନିର୍ଘଣ୍ଟ ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସମସ୍ତ ଲାଇନ୍ ବିଭାଗର ଅଧିକାରୀ, ଯନ୍ତ୍ରୀ, ଜିଲ୍ଲାସ୍ତରୀୟ/ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ନିରବଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଔଚଉଡଙଡଖ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବିଷୟରେ ଚଡଉ ଏବଂ ଜଡଝଝ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସେବା ବିଷୟରେ ଉଡଗଡଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର/ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଅଂଶୁଘାତ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ ସମସ୍ତ ଲାଇନ୍ ବିଭାଗ ଅଧିକାରୀମାନଙ୍କର ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ବିଡ଼ିଓ / ତହସିଲଦାର, ଜିଲ୍ଲା ସ୍ତରୀୟ ଅଧିକାରୀ / ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ଅପରାଧ ରୋକିବାକୁ କମିଶନରେଟ୍ ପୁଲିସର ସ୍ୱତନ୍ତ୍ର ଆପ୍

ଭୁବନେଶ୍ୱର: ଦେହ ଶୀତେଇ ଯାଉଛି ଅପରାଧ ଦେଖି...ଆଖି ସାମ୍ନାରେ ମଣିଷକୁ ମଣିଷ କରିପକାଉଛି ଦରମରା...ଆଉ ଧୈର୍ଯ୍ୟ ନାହିଁ କି ପୋଲିସର ଆକ୍ସନ ଉପରେ ବିଶ୍ୱାସ ବି ନାହିଁ। ଟିକିଏ କଥାରେ ଲାଠି, ବନ୍ଧୁକ, ଖଣ୍ଡା, କାତି ଆଉ କଟୁରୀ ବାହାର କରି ରକ୍ତରଂଜିତ ଖେଳ ଖେଳୁଛନ୍ତି ହିଂସାକାରୀ।

ମେ' ୭ ତାରିଖ। ବାଲିଅନ୍ତାରେ ଏଜଚ କନଷ୍ଟେବଲ ସୌମ୍ୟରଂଜନ ସ୍ୱାଇଁଙ୍କୁ ପିଟି ପିଟି ମାରିଦେଇଥିଲେ । ବ୍ରହ୍ମପୁର ଗିରିରୋଡରେ ବିଚ ରାସ୍ତାରେ ବାନ୍ଧବୀଙ୍କ ବାରଣ ସତ୍ତ୍ୱେ ଠେଙ୍ଗାରେ ପିଟି ପିଟି ଯୁବକଙ୍କୁ କଲେ ଦରମରା। କଟକ ମାଣିଆବନ୍ଧ ତାଳମୁଣ୍ଡଳୀ ଶବରସାହିର ଶ୍ୱେତ ବେହେରାଙ୍କୁ ଘରୁ ଉଠାଇ ନେଲେ ପିଟି ପିଟି ମାରିଦେଲେ ୨୫ ଜଣ ଗ୍ରାମବାସୀ। ସେମାନଙ୍କୁ ଉଠାଇ ନେଇଛି ପୋଲିସ। ଯାଜପୁର ଜିଲ୍ଲା ମଲ୍ଲିକାପୁର ପଞ୍ଚାୟତରେ ଗାଁରେ ମଦ ବିରୋଧୀ ସଭା ଚାଲିଥିବାବେଳେ ହାତରେ ଟାଙ୍ଗିଆ ଧରି ଭୟଭୀତ କରିଥିଲା ବ୍ୟକ୍ତି । ଏସବୁ ଘଟଣାରୁ ଲାଗୁଛି, ସତେଯେମିତି ପୋଲିସ ଉପରୁ ଭୟ ଛାଡ଼ିଯାଇଛି ଅପରାଧୀଙ୍କର।

ତେବେ କାହିଁକି ବ୍ୟାପୁଛି ଭିଡ଼ ହିଂସା ଭଳି ନୃଶଂସତା ? କାହିକି ଗୋଟିଏ ପରେ ଗୋଟିଏ ଘଟଣା ସାମ୍ନାକୁ ଆସୁଛି ? ପୋଲିସର ଆଖିଦୃଶିଆ ଆକ୍ସନର ଅଭାବ ନା ସରକାରଙ୍କ ଭାବମୂର୍ତ୍ତି ବିଗାଡ଼ିବାକୁ ଜାଣିଶୁଣି ରଚାଯାଉଛି ସିରିଜ୍ ଷଡ଼ଯନ୍ତ୍ର ? ବାଲିଅନ୍ତା ବର୍ବରତା ଘଟଣାରେ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଦ୍ୱାରା ମୋଟ୍ ୧୫ ଜଣଙ୍କୁ ଗିରଫ କରାଯାଇଛି। ୪ ପୋଲିସକୁ ନିଲମ୍ବିତ ବି କରାଯାଇଛି। ଏସବୁ ଭିତରେ ଆକ୍ସନ ମୋଡକୁ ଆସିଥିବା ପୋଲିସ ଗତ ୪ ଦିନ ଭିତରେ ବ୍ରହ୍ମପୁର ଏବଂ ସମ୍ବଲପୁରରେ ତିନି ତିନିଟି ଏନକାଉଣ୍ଟର କରିଛି। ଭିଡ଼ ହିଂସା ଭଳି ପରିସ୍ଥିତି ଯେପରି ଆଗକୁ ନହେବ, ସେଥିପାଇଁ କମିଶନରେଟ୍ ପୋଲିସ ବି ଆପଣାଇଛି ସ୍ୱତନ୍ତ୍ର ପଦକ୍ଷେପ। ମହିଳାଙ୍କ ସୁରକ୍ଷା ପାଇଁ ଆଡଭାନ୍ସ ଟେକ୍ନୋଲୋଜି ଆପ୍ 'ଡର ଉଇଜର ଝଇଇଞଐଓ'। ସେହିପରି ସହରରେ ସନ୍ଦିଗ୍ଧଙ୍କୁ ଧରାଇବା ପାଇଁ ସରାଇ ୨.୦ ଆପକୁ ଅପଗ୍ରେଡ୍ କରାଯାଇଛି। କୌଣସି ସ୍ଥାନରେ ଜଣେ ମହିଳା ବା ଯୁବତୀ ଅସାମାଜିକଙ୍କ ହାବୁଡ଼ିରେ ଯଦି ପଡ଼ିଥିବେ, ତେବେ ମୋବାଇଲରେ ଡାଉନଲୋଡ୍ କରିଥିବା 'ଡର ଉଇଜର ଝଇଇଞଐଓ' ଆପ୍କୁ ଆକଟିଭ୍ କରି ବଟନ୍ ଦବାଇବେ। ଫଳରେ ସଂପୃକ୍ତ ମହିଳାଙ୍କ ରିୟଲ୍ ଟାଇମ୍ ଲୋକେସନ, ଅଭିଯୁକ୍ତର ଫଟୋ, ଘଟଣାକ୍ରମର ଭିଡ଼ିଓ ଆଦି ସେୟାର ହୋଇଯିବ ପୋଲିସ କଣ୍ଟ୍ରୋଲ୍ ରୁମକୁ। ଆଉ ସୂଚନା ପାଇବା କ୍ଷଣି ଏମର୍ଜେନ୍ସି ରେସ୍ପନ୍ସ ସପୋର୍ଟ ସିଷ୍ଟମ ଦ୍ୱାରା ଘଟଣାସ୍ଥଳରେ ପହଞ୍ଚିବ ପୋଲିସ। ଘଟଣା ଘଟିବା ପରେ ପୋଲିସ ଆକ୍ସନ ନେଉଛି ସତ। ହେଲେ ରାଜ୍ୟରେ ବଢୁଥିବା ଅପରାଧ ହାର କେମିତି ହ୍ରାସ ପାଇବ, ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, ପୋଲିସିଂ ବ୍ୟବସ୍ଥା କେମିତି ସୁଦୃଢ଼ ହେବ, ସେଦିଗରେ ଚରମ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।




# ଡ୍ରେନ୍ ଆବରୋଧକାରୀଙ୍କୁ ଉଚ୍ଛେଦ କଲା ପ୍ରଶାସନ

କୋଣାର୍କ(ପି ପି ଏସ):-କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ରିଙ୍ଗରୋଡ, ଅର୍ବାନହାଟ ସମ୍ମୁଖ, ପୋଷ୍ଟ ଅଫିସ୍ ସମ୍ମୁଖ, ମେଡିକାଲ ଛକ,ଥାନା ଛକ ଆଦି ରାସ୍ତା ପାର୍ଶ୍ୱ ଡ୍ରେନକୁ ଜବର ଦଖଲ କରି ହୋଇଥିବା ଦୋକାନ ଗୁଡିକୁ ବୁଧବାର ପୂର୍ବାହ୍ନରେ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଛି। କୋଣାର୍କରେ ଦିନକୁ ଦିନ ଜବର ଦଖଲକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ନବଗ୍ରହ ମନ୍ଦିର ପ୍ରବେଶ ପଥ ମୁଖ୍ୟ ରାସ୍ତା ଓ ଡ୍ରେନ୍ ଉପରେ ଛୋଟ ଛୋଟ ଦୋକାନ ହୋଇଥିବାରେ ଯାହାକି ବର୍ଷାଦିନେ ଜଳ ନିଷ୍କାସନ ସହ ଟ୍ରାଫିକ ସମସ୍ୟା ଉପୁଜିଥିଲା।ସେହିପରି ଲାବଣ୍ୟ ଛକ ଠାରୁ ଆଇ ଓ ସି ଏଲ ଫାଟକ ପର୍ଯ୍ୟନ୍ତ ପର୍ଯ୍ୟଟକ ମାନଙ୍କ ପାଇଁ ଉନ୍ନୟନ କାର୍ଯ୍ୟ କରାଯିବ ନିମନ୍ତେ ପ୍ରସ୍ତାବ ରହିଥିବା ବେଳେ ଜବରଦଖଲ ସମସ୍ୟା ରହିଥିଲା।ଏନେଇ ଏନ୍ ଏ ସି ପ୍ରଶାସନ ପକ୍ଷରୁ ସାତ ଦିନ ପୂର୍ବରୁ ଡ୍ରେନ୍ ଉପରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କୁ

**ରାସ୍ତା ଅବରୋଧକାରୀଙ୍କୁ କେବେ ? ଭେଣ୍ଡି ଜୋନ ନିର୍ମାଣ ପାଇଁ ଦାବି**

ଉଚ୍ଛେଦ ପାଇଁ ନୋଟିସ ମାଧ୍ୟମରେ ଅବଗତ କରାଯାଇଥିଲା। ତେଣୁ ବୁଧବାର ପୂର୍ବାହ୍ନରେ କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାରଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଥିଲା।ସେହିପରି ପ୍ରଶାସନକୁ ଚ୍ୟାଲେଞ୍ଜ କରି ସୂର୍ଯ୍ୟମନ୍ଦିର ନିକଟ ନବଗ୍ରହ ମନ୍ଦିର ରାସ୍ତା ମଝିରେ ଦୋକାନ ଗୁଡିକ ଯିବା ଆସିବାରେ ସମସ୍ୟା ସୃଷ୍ଟି କରୁଥିବା ବେଳେ ପର୍ଯ୍ୟଟକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲିଖିତ ହୋଇଛି। ଏନେଇ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ।ଅନ୍ୟପଟେ ବ୍ୟବସାୟୀ ମାନଙ୍କୁ ସ୍ଥାୟୀ ଥଇଥାନ କରିବା ନିମନ୍ତେ ଭେଣ୍ଡି ଜୋନ ନିର୍ମାଣ କରିବା ପାଇଁ ବ୍ୟବସାୟୀ ମାନେ ଦାବୀ କରିଥିବା ଜଣାପଡିଛି।




# କୁଶଭଦ୍ରା ନଦୀର ସୁରକ୍ଷା ପାଇଁ ଆଗେଇ ଆସିଲା 'କୁଶଭଦ୍ରା ବଞ୍ଚାଅ ଅଭିଯାନ'

ଗୋପ (ପିପିଏସ ) ପୁରୀ ଜିଲ୍ଲା ଗୋପ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ କୁଶଭଦ୍ରା ନଦୀ ଏବେ ବିପଦରେ । ଦୀର୍ଘ ବର୍ଷ ଧରି ନଦୀଟି ଦଳ ଓ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଥିବା ବେଳେ, ଏବେ ଏହାର ଶଯ୍ୟା ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି । ଏହି କାରଣରୁ ନଦୀ

**ଦଳ ଓ ଆବର୍ଜନାରେ ପୋତି ହୋଇପଡ଼ିଛି ନଦୀଶଯ୍ୟା**

**ବଢୁଛି ଚର୍ମରୋଗ ଓ ବିଷାକ୍ତ କୀଟପତଙ୍ଗଙ୍କ ପ୍ରାଦୁର୍ଭାବ**

କୂଳବର୍ତ୍ତୀ ଅଞ୍ଚଳରେ ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି । ଏହାର ତ୍ୱରିତ ସମାଧାନ ଓ ନଦୀର ପୁନରୁଦ୍ଧାର ପାଇଁ ଏବେ ଜନଆନ୍ଦୋଳନ ତେଜିବାରେ ଲାଗିଛି ।କୁଶଭଦ୍ରା ନଦୀର ଦୟନୀୟ ଅବସ୍ଥା ଯୋଗୁଁ ଗୋପ ବ୍ଲକ କୁଆଁପଡ଼ା ପଞ୍ଚାୟତ ଅନ୍ତର୍ଗତ ଚଢେଇଗାଁର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଦୀ ମଧ୍ୟରେ ଜମି ରହିଥିବା ଆବର୍ଜନାରୁ ନିର୍ଗତ ବିଷାକ୍ତ କୀଟପତଙ୍ଗ ଏବେ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି । କେବଳ ସେତିକି ନୁହେଁ, ପାଣିରେ ଚର୍ମରୋଗ ସୃଷ୍ଟିକାରୀ ଜୀବାଣୁଙ୍କ ପ୍ରାଦୁର୍ଭାବ ଯୋଗୁଁ ସ୍ଥାନୀୟ ଲୋକେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।କେବଳ କୁଆଁପଡ଼ା ପଞ୍ଚାୟତ ନୁହେଁ, ବରଂ ଏହି ନଦୀ ଉପରେ ଗୋପ, ବେଦପୁର, ଗଣେଶ୍ୱରପୁର, ନାଗପୁର ଏବଂ ବନ୍ତଳିଗ୍ରାମ ଭଳି ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି । ମାତ୍ର ଦୁର୍ଭାଗ୍ୟର ବିଷୟ, ନଦୀ ଶଯ୍ୟା ଏବେ ଶୁଖିଲା ପଡ଼ିଥିବାରୁ ସାଧାରଣ ଜୀବନଯାତ୍ରା ଏବଂ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ।ଏହି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଜି 'କୁଶଭଦ୍ରା ବଞ୍ଚାଅ ଅଭିଯାନ' ପକ୍ଷରୁ ଏକ ପ୍ରତିନିଧି ଦଳ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯାନର ସଂଯୋଜକ ସମୀର ରଞ୍ଜନ ରାଉତରାୟ ଏବଂ ଉପଦେଷ୍ଟା ସମିତି ମୁଖ୍ୟ ଅଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଚଢେଇଗାଁର ବହୁ ମୁରବୀ ଓ ଯୁବନେତୃତ୍ୱ ଏକତ୍ରିତ ହୋଇଥିଲେ । ସେମାନେ ଗୋପ ତହସିଲଦାର, ବ୍ଲକ ପ୍ରଶାସନ ଏବଂ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଏହି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି ।ନଦୀକୁ ତୁରନ୍ତ ଆବର୍ଜନାମୁକ୍ତ କରିବା ଏବଂ ଅଟକି ରହିଥିବା ଡ୍ରେନେଜ୍ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ଅଭିଯାନ ପକ୍ଷରୁ ମାନ୍ୟବର ପୁରୀ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଯଦି ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ନଦିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି ।ତେବେ ଦେଖିବାକୁ ବାକି ରହିଲା, ଗ୍ରାମବାସୀ ଏବଂ 'କୁଶଭଦ୍ରା ବଞ୍ଚାଅ ଅଭିଯାନ'ର ଏହି ଗୁହାରି ପ୍ରଶାସନ କାନରେ କେବେ ପହଞ୍ଚୁଛି ଏବଂ କୁଶଭଦ୍ରା ନଦୀର ପୁନରୁଦ୍ଧାର ପାଇଁ କେବେ ସରକାରୀ ସ୍ତରରେ ତ୍ୱରିତ ପଦକ୍ଷେପ ନିଆଯାଉଛି ।



# ଉନ୍ନୟନ କାର୍ଯ୍ୟକୁ ନେଇ ସମିତି ପ୍ରସ୍ତାବକୁ ବିଡିଓଙ୍କ ଆଗ୍ରାହ୍ୟ

ରଘୁନାଥପୁର:(ପିପିଏସ)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ଉନ୍ନୟନ କାର୍ଯ୍ୟ କରାଯିବାକୁ ନେଇ ପଞ୍ଚାୟତ ସମିତି ବୈଠକରେ ସ୍ଥିର ହୋଇଥିବା ପ୍ରସ୍ତାବକୁ ବିଡିଓଙ୍କ ଆଗ୍ରାହ୍ୟ ଘଟଣାରେ ସମିତି ସଭ୍ୟ ଓ ସରପଞ୍ଚଙ୍କ ଧାରଣା ଜାରି ରହିଛି ।ଦ୍ୱିତୀୟ ଦିନରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଓ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ ବ୍ଲକରେ ପହଞ୍ଚି ବିଡିଓ ବିରଞ୍ଚି ନାରାୟଣ ବେହେରା,ପଞ୍ଚାୟତସମିତି ଅଧକ୍ଷା ଲକ୍ଷ୍ମୀ ବେହେରା ଓ ଉପାଧକ୍ଷ ଦେବାଶିଷ ତ୍ରିପାଠୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି ।ଏଥିମଧ୍ୟରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ୩୬ ଘଣ୍ଟା ବିତି ଯାଇଥିଲେ ସୁଧା କୌଣସି ନୀର୍ଯ୍ୟାସ ବାହାରିପାରି ନାହିଁ ।ଅସହ୍ୟ ଗରମ ସତ୍ତ୍ୱେ ସମିତି ସଭ୍ୟ ଓ ସରପଞ୍ଚ ମାନେ ବ୍ଲକ କାର୍ଯ୍ୟାଳୟରେ ସମ୍ମୁଖରେ ବସିରହି ନିଜ ଜିଦିରେ ଅଟଳ ରହିଛନ୍ତି ।ଏହି କ୍ରମରେ ବୁଧବାର ବିଜେଡି ପୂର୍ବତନ ଜିଲ୍ଲା ସଭାପତି ରବିନାରାୟଣ ଜେନା,କଟକ ସଦର ପୂର୍ବତନ ବ୍ଲକ ଅଧକ୍ଷ ସତ୍ୟ ଜେନା,ପଡୋଶୀ ବିରିଡି ବ୍ଲକ ମଙ୍ଗୁଳି ପଞ୍ଚାୟତର ସରପଞ୍ଚ ନିରଞ୍ଜନ ସେଠି ଓ ଏରସମା ବାଲିକୁଦା ବିଧାୟକ ଶାରଦା ଜେନା ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ସଭ୍ୟ ସରପଞ୍ଚମାନଙ୍କୁ ନୈତିକ ସମର୍ଥନ ଜଣାଇବା ସହ ବିଡିଓଙ୍କ ଏତାଦୃଶ କାର୍ଯ୍ୟ ଗଣତନ୍ତ୍ରର ପରିପନ୍ଥୀ ବୋଲି ପ୍ରକାଶ କରିଛନ୍ତି ।ଧିରେ ଧିରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ବିବାଦ ଉତ୍କଟ ରୂପ ନେଉଥିବାବେଳେ ବିଜେଡି ଦଳୀୟ କର୍ମୀଙ୍କ ମହଲରେ ଏହା ନିରୁତ୍ସାହିତ ସୃଷ୍ଟି କରିଛି ।ବିଭିନ୍ନ ପଂଚାୟତର ଜନପ୍ରତିନିଧିଙ୍କୁ ସମର୍ଥନ କରି ସେମାନଙ୍କ ସମର୍ଥକମାନେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଅଗ୍ରସର ହେଉଥିବା ସୂଚନା ମିଳିଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ଏସଡିପିଓ ଅଜୟ କୁମାର ଦାସ,ଜଗତସିଂହପୁର ଏସଡିପିଓ ରାଜୀବ କୁମାର ବେହେରା,ରଘୁନାଥପୁର ଆଇଆଇସି ପ୍ରେମଜିତ ଦାସ ୨ ପ୍ଲାଟୁନ ଫୋର୍ସ ସହ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି ।ରିପୋର୍ଟ ଲେଖାହେବ ପର୍ଯ୍ୟନ୍ତ ଉପଜିଲ୍ଲାପାଳ,ପିଡିଙ୍କ ସହ ପଞ୍ଚାୟତ ପ୍ରତିନିଧିଙ୍କ ଆଲୋଚନା ଜାରି ରହିଥିବାବେଳେ କୌଣସି ନିର୍ଯ୍ୟାଶ ବାହାରି ପାରି ନାହିଁ ।ପୀଡିଙ୍କ ପ୍ରତିଶୃତି ପରେ ଧାରଣା କିଛି ଦିନପାଇଁ ସ୍ଥଗିତ ହେଲା। ଅନ୍ୟପକ୍ଷେ ପଞ୍ଚାୟତ ସମିତିକୁ ସମ୍ମାନ ନମିଳିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଭ୍ୟ ସରପଞ୍ଚ ମାନେ ଚେତାବନୀ ଦେଇଛନ୍ତି।



**ସଭ୍ୟ ଓ ସରପଞ୍ଚଙ୍କ ଧାରଣା ଜାରିଉପଜିଲ୍ଲାପାଳ ଓ ପିଡିଙ୍କ ବୈଠକ ପରେ ଧାରଣା କିଛି ଦିନପାଇଁ ସ୍ଥଗିତ**

# ଚାଷୀଙ୍କୁ ଡବା ଓ ଜାର୍କିନରେ ଡିଜେଲ ଯୋଗାଣ ଦାବି

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ରେଙ୍ଗାଲବେଡାସ୍ଥିତ ଚନ୍ଦ୍ରଶେଖର ଫିଲିଙ୍ଗ ଷ୍ଟେସନରୁ ବ୍ଲକର ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଡିଜେଲ ଯୋଗାଇବାକୁ ଦାବୀ ଜୋର ଧରିଛି । ଏନେଇ ବ୍ଲକର ବିଭିନ୍ନ ପଂଚାୟତର ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଚାଷୀମାନଙ୍କ କହିବା ଅନୁଯାୟୀ, ଲଇକେରା ବ୍ଲକରେ ଚନ୍ଦ୍ରଶେଖର ଫିଲିଙ୍ଗ ଷ୍ଟେସନ ହେଉଛି ଏକମାତ୍ର ପେଟ୍ରୋଲ ପମ୍ପ । ଗ୍ରାମୀଣ ଅଂଚଳର ଚାଷୀମାନଙ୍କୁ ମୁଖ୍ୟତଃ ଡିଜେଲ ଯୋଗାଣ ସୁବିଧା ଦେବା ଉଦ୍ଦେଶ୍ୟରେ ଏହି ପମ୍ପକୁ ସରକାରୀ ଅନୁମୋଦନ ମିଳିଥିଲା । କିନ୍ତୁ ବର୍ତ୍ତମାନ ଚାଷୀମାନଙ୍କୁ ଡିଜେଲ ଦେବାରେ ବିଭିନ୍ନ କଟକଣା ଲଗାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ବିଭିନ୍ନ ଠିକା ସଂସ୍ଥା ଓ ଶିଳ୍ପ ପ୍ରତିଷ୍ଠାନକୁ ବିନା କଟକଣାରେ ସହଜରେ ଡିଜେଲ ଯୋଗାଇ ଦିଆଯାଉଥିବା ବେଳେ ଚାଷୀମାନଙ୍କୁ ଡବା କିମ୍ବା ଜାର୍କିନରେ ଡିଜେଲ ଦିଆଯାଉନାହିଁ । ଡିଜେଲ ନେବା ପାଇଁ ଟ୍ରାକ୍ଟର, ପାୱାର ଟିଲର ଭଳି ଯାନବାହନକୁ ପମ୍ପକୁ ଆଣିବାକୁ କୁହାଯାଉଛି । ବ୍ଲକର ୧୧ଟି ପଂଚାୟତର ଚାଷୀମାନେ ଏହି ପେଟ୍ରୋଲ ପମ୍ପ ଉପରେ ନିର୍ଭରଶୀଳ ଥିବା ବେଳେ ଛୋଟ ଚାଷ ଯନ୍ତ୍ରକୁ ପମ୍ପ ପର୍ଯ୍ୟନ୍ତ ଆଣିବା ଅନେକ ସମୟରେ ସମ୍ଭବ ହୋଇପାରୁନାହିଁ । ଏଥିପାଇଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସହ ଚାଷୀମାନେ ହଇରାଣ ହେଉଛନ୍ତି । ଏଣୁ ଚାଷ କାର୍ଯ୍ୟର ସୁବିଧା ଓ ସମୟ ସଂଚୟ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଡବା ଓ ଜାର୍କିନ୍‌ରେ ଡିଜେଲ ଯୋଗାଇବାକୁ ଦାବୀ କରାଯାଇଛି । ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିରରେ ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଏହି ଦାବୀପତ୍ର ପ୍ରଦାନ କରିଛନ୍ତି ।

# ବୌଦ୍ଧରେ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକ



ବୌଦ୍ଧ, (ପିପିଏସ୍) : ବୌଦ୍ଧ ଜିଲ୍ଲାରେ ଖରିଫ ବିପଣନ ବର୍ଷ ୨୦୨୫-୨୬ ପାଇଁ ରବି ଧାନ ସଂଗ୍ରହ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାସ୍ତରୀୟ ବୈଠକ ଆଜି ଜିଲ୍ଲାପାଳଙ୍କ ସଦରଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ସୁବିଧା, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ଧାନ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଜଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କୃଷକ ପ୍ରତିନିଧି, ମିଲର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହଂସଦା ସମସ୍ତଙ୍କୁ ସ୍ୱାଗତ କରି ବୈଠକ ର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ ।ଆଲୋଚନାରୁ ଜଣାଗଲା ଯେ, ଚଳିତ ରବି ଋତୁ ପାଇଁ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧,୮୮,୯୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ୮,୨୧୦ ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ୨୪ଟି ପ୍ୟାକ୍ସ ଅଂଶଗ୍ରହଣ କରିବେ ଓ ୧୩ ଟି ମିଲ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ । ବୈଠକରେ ପ୍ରତ୍ୟେକ ପ୍ୟାକ୍ସ ଓ ପିପିସିରେ ପାନୀୟ ଜଳ, ବିଶ୍ରାମସ୍ଥଳ, ଶୌଚାଳୟ ଆଦି ମୌଳିକ ସୁବିଧା ଯୋଗାଇଦେବା, ମିନି ଗ୍ରେଡର, ମଏଶ୍ଚର ମିଟର, କମ୍ପ୍ୟୁଟରାଇଜ୍ଡ ଓଜନ ଯନ୍ତ୍ର, ତରପୋଲିନ ଓ ପର୍ଯ୍ୟାପ୍ତ [illegible] ବ୍ୟବସ୍ଥା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ପ୍ରତ୍ୟେକ ପିପିସିରେ ସିସିଟିଭି ସ୍ଥାପନ କରାଯାଇ ଜିଲ୍ଲା ଓ ରାଜ୍ୟ କଣ୍ଟ୍ରୋଲ ରୁମ ସହ ଲାଇଭ ଫିଡ୍ ସଂଯୋଗ କରାଯିବ । ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲାସ୍ତରରେ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ମଣ୍ଡିସ୍ତରରେ ନୋଡାଲ ଅଫିସର ଓ ସୁପରଭାଇଜିଂ ଅଫିସର ନିଯୁକ୍ତ କରାଯିବ । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୃଷକ ମାନଙ୍କ ଅଭିଯୋଗ ଶୁଣାଣି ସେଲ ଗଠନ ହେବ । ଜିଲ୍ଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇ ଧାନ ସଂଗ୍ରହ ପ୍ରକ୍ରିୟାର ତଦାରଖ କରାଯିବା ସହ ପଡୋଶୀ ଜିଲ୍ଲାରୁ ଅନଧିକୃତ ଧାନ ପ୍ରବେଶ ରୋକିବା ପାଇଁ ସୀମା ସିଲିଂ କରାଯିବ ବୋଲି ସୂଚନା ଦିଆଯାଇଥିଲା । କୃଷକ ଓ ମିଲର ପ୍ରତିନିଧି ମାନେ ଧାନ କ୍ରୟ ଓ ସଂଗ୍ରହ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ସର୍ବ ସମ୍ମତି କ୍ରମେ ଜୁନ୍ ୨ ତାରିଖରୁ ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବିଧାୟକ ସମସ୍ତ ବିଭାଗ, ମିଲର, ସମବାୟ ସମିତି ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରସ୍ପର ସହଯୋଗରେ ଧାନ ସଂଗ୍ରହ କାର୍ଯ୍ୟ ସଫଳ କରିବାକୁ ଅନୁରୋଧ କରିଥିଲେ । ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ଏବଂ ସଠିକ୍ ଭାବେ ଧାନ କ୍ରୟ କାର୍ଯ୍ୟ ସମ୍ପନ୍ନ ହେବ ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ ମିଲର ମାନଙ୍କୁ ସଚେତନ ଓ ଦାୟିତ୍ୱବାନ ହୋଇ କାମ କରିବା ସହିତ ଶତ ପ୍ରତିଶତ ସଫଳତା ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ ।

**■ ୧,୮୮,୯୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ**

**■ ଜୁନ୍ ୨ରୁ ଖୋଲିବ ମଣ୍ଡି**

# ରନ୍ଧନ ଗ୍ୟାସ୍ ଦରବୃଦ୍ଧିକୁ ନେଇ ପ୍ରତିବାଦ
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ଚୁଲା ଜଲାଓ' ଧାରଣା




## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗୀର(ପିପିଏସ୍) : ଘରୋଇ ଓ ବ୍ୟବସାୟିକ ରନ୍ଧନ ଗ୍ୟାସ ସଙ୍କଟ ଓ ଦରଦାମ ଲଗାତାର ବୃଦ୍ଧି ପ୍ରତିବାଦରେ ବଲାଙ୍ଗୀର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାରତ ମୁକ୍ତି ମୋର୍ଚ୍ଚା ଓ ବହୁଜନ ମୁକ୍ତି ପାର୍ଟି ପକ୍ଷରୁ 'ଚୁଲା ଜଲାଓ' ଧାରଣା କରାଯାଇଛି । ସକାଳ ୯ଟାରେ ଜିଲ୍ଲା ଆବାହକ ସରୋଜ କୁମାର ମେଶ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଧାରଣାରେ କର୍ମୀମାନେ କାଠ ଚୁଲା ଜାଳି ପ୍ରତିବାଦ କରିଥିଲେ । କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟିର ଅଭାବ ଓ ଭୁଲ ବୈଦେଶିକ ନୀତି ଯୋଗୁଁ ଗ୍ୟାସ ସଙ୍କଟ ଓ ଦରବୃଦ୍ଧି ହେଉଛି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ଧାରଣା ପରେ ସଂଗଠନର ଆବାହକ ସରୋଜ କୁମାର ମେଶ୍ରା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଓ ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ତୁରନ୍ତ ରନ୍ଧନ ଗ୍ୟାସ ଦର ହ୍ରାସ, ସମସ୍ତ ଗରିବ ପରିବାରକୁ ସୁଲଭ ମୂଲ୍ୟରେ ଗ୍ୟାସ ଯୋଗାଣ ଓ ବ୍ୟବସାୟିକ ସିଲିଣ୍ଡର ଦର ନିୟନ୍ତ୍ରଣ ପାଇଁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ଅବସରରେ ଶ୍ରୀ ମେଶ୍ରା କହିଛନ୍ତି, "ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଦେଇ ସରକାର ବାହାବା ନେଲେ, ହେଲେ ଆଜି ଦର ୧୧୦୦ ଟଙ୍କା ପାର୍ ହେଲାଣି । ଗରିବ ଲୋକ ପୁଣି କାଠ ଚୁଲାକୁ ଫେରୁଛି । ଏହା ସରକାରଙ୍କ ବିଫଳତା ।" ଏହି କାର୍ଯ୍ୟକ୍ରମରେ ବହୁଜନ ମୁକ୍ତି ପାର୍ଟିର ସଦସ୍ୟ ହରି ନନ୍ଦଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ମହିଳାମାନେ ଉପସ୍ଥିତ ଥିଲେ । ପ୍ରତିବାଦ ସମୟରେ "ଗ୍ୟାସ ଦର କମାଅ, ଚୁଲା ଜାଳିବା ବନ୍ଦ କର" ଆଦି ସ୍ଲୋଗାନ ଦିଆଯାଇଥିଲା । ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ବେଳେ ଦାବି ପୂରଣ ନହେଲେ ଆଗକୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଜୁନ୍ ୧ରୁ ଅଗ୍ନିପଥ ଓ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

ବୌଦ୍ଧ, (ପିପିଏସ୍) : ଆସିଷ୍ଟାଣ୍ଟ ରିକ୍ରୁଟିଂ ଅଫିସର୍, ଆର୍ମି ରିକ୍ରୁଟିଂ ଅଫିସ୍, ଗୋପାଳପୁର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଉରର ୦୧ ଜୁନ୍ ରୁ ୧୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ନିଯୁକ୍ତି ବର୍ଷ ୨୦୨୬/୨୭ ପାଇଁ ଅନଲାଇନ୍ ମାଧ୍ୟମ ରେ ଅନୁଷ୍ଠିତ ହେବ । କୋଲକାତାର ନିଯୁକ୍ତି ଜୋନରେ ପରୀକ୍ଷା ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ୧୬ ଟି ସହରର ୨୬ ଟି କେନ୍ଦ୍ରରେ ଅନୁଷ୍ଠିତ ହେବ । ଓଡ଼ିଶା ରାଜ୍ୟର ପରୀକ୍ଷା ସାତଟି ସହରରେ ଅନୁଷ୍ଠିତ ହେବ କ୍ଷ ସେଗୁଡ଼ିକ ହେଲା ବାଲେଶ୍ୱର, ବ୍ରହ୍ମପୁର (ଗଞ୍ଜାମ), ଭୁବନେଶ୍ୱର, କଟକ, ଢେଙ୍କାନାଳ,ରାଉରକେଲାଓ ସମ୍ବଲପୁର ।ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜିକରଣ ସମୟ ୧୦ ଏପ୍ରିଲ ୨୦୨୬ ରେ ବନ୍ଦ ହୋଇଯାଇଛି । ପ୍ରାର୍ଥୀମାନେ www.joinindianarmy.nic.in ରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ । ସଫଳତାର ସହ ପଞ୍ଜିକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାନ୍ତି, ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ଯାଇପାରିବେ । କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ www.joinindianarmy.nic.in ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ?ଅନଲାଇନ୍ ଉରର ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ । ପ୍ରାର୍ଥୀମାନଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି । ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ।

# ବନ ବିଭାଗର ଚଢ଼ାଉ,ମାଫିଆ ଚମ୍ପଟ
# ତିଖାରୀ ସଂରକ୍ଷିତ ଜଙ୍ଗଲରୁ କେନ୍ଦୁ କାଠଗଣ୍ଡି ଜବତ

ବଲାଙ୍ଗୀର(ପିପିଏସ୍) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବନ ବିଭାଗକୁ ପୁଣି ଏକ ବଡ଼ ସଫଳତା ମିଳିଛି । ତିଖାରୀ ସଂରକ୍ଷିତ ଜଙ୍ଗଲରୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ବିପୁଳ ପରିମାଣର କେନ୍ଦୁ କାଠଗଣ୍ଡିକୁ ବନ ବିଭାଗ ଜବତ୍ କରିବାରେ ସକ୍ଷମ ହୋଇଛି । ତେବେ ଚଢ଼ଉ ସମୟରେ କାଠ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ, ମୁରିବାହାଲ ରେଞ୍ଜ ଅଧୀନ ତିଖାରୀ ସଂରକ୍ଷିତ ଜଙ୍ଗଲର ଗୋବିନ୍ଦପୁର ନିକଟରେ କିଛି କାଠ ମାଫିଆ ଗଛ କାଟି ଚୋରା ଚାଲାଣ ଉଦ୍ଦେଶ୍ୟରେ ଗଚ୍ଛିତ ରଖିଥିଲେ । ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମୁରିବାହାଲ ରେଞ୍ଜର ପଦ୍ମନାଭ କୁମ୍ଭାରଙ୍କ ନେତୃତ୍ୱରେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆଜି ଅପରାହ୍ନ ୪ ଟା ସମୟରେ ସେଠାରେ ହଠାତ୍ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ବେଆଇନ ଭାବେ କଟାଯାଇ ରଖାଯାଇଥିବା ୧୧ ଖଣ୍ଡ ମୂଲ୍ୟବାନ କେନ୍ଦୁ କାଠଗଣ୍ଡିକୁ ବନ ବିଭାଗ ଜବତ୍ କରିଛି । ଜବତ୍ ହୋଇଥିବା ଏହି କାଠର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୦,୦୦୦ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସଫଳ ଚଢ଼ାଉରେ ଯଇଁତରା ଓ ମୁରିବାହାଲ ଫରେଷ୍ଟର ଧ୍ରୁବ ଚରଣ ବଗର୍ତ୍ତୀ, ଗୋବିନ୍ଦପୁର ବିଟ୍ର ଫରେଷ୍ଟ ଗାର୍ଡ ସୁମନ୍ତ ଧରୁଆ, ଯଇଁତରା ବିଟ୍ ର ଫରେଷ୍ଟ ଗାର୍ଡ ଆକାଶ ପ୍ରଧାନ ଏବଂ ଆଇପିସିଇଏ ସ୍କ୍ୱାଡ୍ର ସଦସ୍ୟମାନେ ପ୍ରମୁଖ ସାମିଲ ରହିଥିଲେ ।ବନ ବିଭାଗର ତତ୍ପରତା ଯୋଗୁଁ ଏକ ବଡ଼ ଧରଣର କାଠ ଚୋରାଚାଲାଣ ରୋକାଯାଇ ପାରିଥିଲେ ମଧ କାଠ ମାଫିଆମାନେ ଖସି ପଳାଇବାରେ ସଫଳ ହୋଇଛନ୍ତି । ବନ ବିଭାଗ ସେମାନଙ୍କର କୌଣସି ସୁରାକ୍ ପାଇପାରି ନାହିଁ । ଏହି ବେଆଇନ କାରବାର ପଛରେ କେଉଁ ମାନଙ୍କର ହାତ ରହିଛି ସେନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

# ସିମିଳିଗୁଡ଼ାରେ ସର୍ବାଧିକ ୬୯.୦ ମି.ମି. ବର୍ଷା

କୋରାପୁଟ: ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । କୋରାପୁଟ ଜିଲ୍ଲାର ସିମିଳିଗୁଡାରେ ସର୍ବାଧିକ ୬୯.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ବାଲେଶ୍ୱର ଜିଲ୍ଲାର ଏନଏଚ ୫, ଗୋବିନ୍ଦପୁରରେ ୨୭.୨ ମି.ମି., ମୟୂରଭଞ୍ଜ ଜିଲ୍ଲାର ଚନ୍ଦୁଆରେ ୨୭.୦ ମି.ମି., ଶାମାଖୁଂଟାରେ ୨୨.୦ ମି.ମି., ବାଲେଶ୍ୱର ଜିଲ୍ଲାର ରେମୁଣାରେ ୧୭.୦ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ରେ ୧୪.୨ ମି.ମି., ବାଲେଶ୍ୱର ଜିଲ୍ଲାର ବାଲେଶ୍ୱରରେ ୧୧.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ବେତନଟିରେ ୧୧.୦ ମି.ମି., ଜି.ବି.ନଗରରେ ୧୦.୦ ମି.ମି., ବଲାଙ୍ଗିର ଜିଲ୍ଲାର ଅଗଲପୁରରେ ୯.୫ ମି.ମି., ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରରେ ୯.୨ ମି.ମି., ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦାରେ ୮.୦ ମି.ମି. ଏବଂ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଂଟିରେ ୭.୬ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ବେସରକାରୀ ଔଷଧ ଦୋକାନଗୁଡ଼ିକ ବନ୍ଦ ନେଇ ବିକଳ୍ପ ବ୍ୟବସ୍ଥା କଲା ଜିଲ୍ଲା ପ୍ରଶାସନ

ବୌଦ୍ଧ, (ପିପିଏସ୍) : ଅଲ ଇଣ୍ଡିଆ ଅର୍ଗାନାଇଜେସନ ଅଫ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ପକ୍ଷରୁ ଅନଲାଇନ ଔଷଧ ବ୍ୟବସାୟକୁ ବିରୋଧ କରି ସାରା ଭାରତରେ ଦିଆଯାଇଥିବା ବନ୍ଦ ଡାକରା ପରିପ୍ରେକ୍ଷୀରେ ଆସନ୍ତା ମେ ୨୦ ତାରିଖରେ ବୌଦ୍ଧ ଜିଲ୍ଲାର ବେସରକାରୀ ଔଷଧ ଦୋକାନଗୁଡ଼ିକ ବନ୍ଦ ରହିବ ବୋଲି ବୌଦ୍ଧ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲା । ଏହି ପରିସ୍ଥିତିରେ ଜନସାଧାରଣଙ୍କ ଚିକିତ୍ସା ସେବା ଓ ଔଷଧ ଯୋଗାଣ ବ୍ୟବସ୍ଥାରେ କୌଣସି ବିଘ୍ନ ନ ଘଟିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ସମସ୍ତ ସରକାରୀ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆବଶ୍ୟକୀୟ ଓ ଜୀବନ ରକ୍ଷାକାରୀ ଔଷଧର ପର୍ଯ୍ୟାପ୍ତ ମହଜୁଦ ରଖିବା ସହ ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ସମସ୍ତ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ପ୍ରେସକ୍ରିପସନ ଦେଖାଇ ନିରାମୟ ଔଷଧ ବିତରଣ କେନ୍ଦ୍ରମାନଙ୍କରୁ ଆବଶ୍ୟକୀୟ ଔଷଧ ନିଶୁଳ୍କରେ ସଂଗ୍ରହ କରିପାରିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଏହି ପରିସ୍ଥିତିରେ ଆତଙ୍କିତ ନ ହେବାକୁ ଅନୁରୋଧ କରାଯାଇଥିଲା ।ଆବଶ୍ୟକ ଚିକିତ୍ସା ସେବା ଓ ଔଷଧ ଯୋଗାଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିଲା ଏବଂ ଜନସାଧାରଣଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଥିଲା ।

# ସ୍ମାର୍ଟ ଅଟୋ ଟ୍ରାକିଂ ସିଷ୍ଟମ ଆରମ୍ଭ

ଝାରସୁଗୁଡା: ଯାତ୍ରୀମାନଙ୍କ ସୁରକ୍ଷା ଓ ବିଶ୍ୱାସନୀୟତାକୁ ବଢ଼ାଇବା ପାଇଁ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ଅପରେସନ୍ ନେତ୍ର ଅଧୀନରେ ଜିଲ୍ଲାରେ ସ୍ମାର୍ଟ ଅଟୋ ଟ୍ରାକିଂ ସିଷ୍ଟମର ଶୁଭାରମ୍ଭ ମଙ୍ଗଳବାର ଅପରାହ୍ନ ହୋଇଯାଇଛି । ଶିଳ୍ପାଞ୍ଚଳ ଭାବେ ପରିଚିତ ଝାରସୁଗୁଡ଼ାରେ ପ୍ରତିଦିନ ହଜାର ହଜାର ଲୋକ ଅଟୋ ଉପରେ ନିର୍ଭର କରୁଥିବାରୁ, ସେମାନଙ୍କ ଯାତ୍ରାକୁ ଅଧିକ ସୁରକ୍ଷିତ ଏବଂପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ । ଏହି ସିଷ୍ଟମରେ ସମସ୍ତ ପଞ୍ଜୀକୃତ ଅଟୋର ଆଗ ଓ ପଛ ପାର୍ଶ୍ୱରେ ସ୍ୱତନ୍ତ୍ର କ୍ୟୁଆର କୋଡ଼ ଲଗାଯାଉଛି, ଯାହାକୁ ସହଜରେ ଦେଖିହେବ । ଏହା ସହିତ ଅଟୋ ଭିତରେ ଏକ ଏ୪ ସାଇଜ କାଗଜରେ ଚାଳକ ଏବଂ ମାଲିକଙ୍କ ନାମ, ଠିକଣା, ମୋବାଇଲ୍ ନମ୍ବର, ଡ୍ରାଇଭିଂ ଲାଇସେନ୍ସ ଏବଂ ଗାଡ଼ିର ସମ୍ପୂର୍ଣ୍ଣ ବିବରଣୀ ଲଗାଯିବ । ଯାତ୍ରୀମାନେ କ୍ୟୁଆର କୋଡ୍ ସ୍କାନ୍ କରି ପୋଲିସକୁ ଲାଇଭ୍ ଟ୍ରାକିଂ ଅନୁରୋଧ ପଠାଇପାରିବେ ଏବଂ ନିଜ ଯାତ୍ରାର ବିବରଣୀ ସେୟାର କରିପାରିବେ । ଏହାଛଡ଼ା ଦୁର୍ବ୍ୟବହାର, ଅଧିକ ଭଡ଼ା ଆଦାୟ, ବେପରୁଆ ଗାଡ଼ି ଚାଳନା କିମ୍ବା ଜିନିଷପତ୍ର ହରାଇବା ନେଇ ତୁରନ୍ତ ଅଭିଯୋଗ ମଧ୍ୟ କରିପାରିବେ । ଏହି ବ୍ୟବସ୍ଥା ଦ୍ୱାରା ଯାତ୍ରୀମାନଙ୍କୁ ତୁରନ୍ତ ପୋଲିସ ସହାୟତା ମିଳିବା ସହ ଅଟୋ ଚାଳକମାନଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି ପାଇବ । ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ଝାରସୁଗୁଡ଼ା ପୋଲିସ ପକ୍ଷରୁ ବେଦାନ୍ତ ଲିମିଟେଡ୍ କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଝାରସୁଗୁଡା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସହିତ ଜିଲ୍ଲାର ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ଜୟପୁର: କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ସମସ୍ତ ଦୁର୍ବଳ ନଦୀ ବନ୍ଧ ଓ ଘାଇ ଶୀଘ୍ର ଚିହ୍ନଟ କରି ମରାମତି, କେନାଲ ଓ ନାଳ ସଫେଇ ପାଇଁ ନିର୍ବାହୀ ଯନ୍ତ୍ରୀ ଜଳସେଚନ ଏବଂ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ବ୍ଲକରେ ବନ୍ୟା ବୃତ ଗଠନ କରାଯିବ । ବନ୍ୟା ପ୍ରବଣ ଅଂଚଳରେ ଚାଉଳ, କିରୋସିନି, ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ, ଶୁଦ୍ଧ ପାନୀୟ ଜଳ ଆଗୁଆ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଓ ଅଧିକ୍ଷଣ ଯନ୍ତ୍ରୀ ଜଳ ଓ ପରିମଳ ବିଭାଗଙ୍କୁ କୁହାଯାଇଛି । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ୧ ମେ ରୁ ନଭେମ୍ବର ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିବ । ୧ ଜୁନରୁ ୧୫ ଅକ୍ଟୋବର ପର୍ଯ୍ୟନ୍ତ ଦୈନିକ ସ୍ଥିତି ରିପୋର୍ଟ ଏସଆରସି, ଓଡ଼ିଶାଙ୍କୁ ପଠାଯିବ । କୋଟପାଡ, ବୋରିଗୁମ୍ମା ଓ ଜୟପୁରରେ ୩ଟି ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ ହୋଇଛି । ମହାମାରୀ ପ୍ରତିହତ ପାଇଁ ସାପ କାମୁଡା ଇଞ୍ଜେକସନ, ହେଲୋଜିନ ବଟିକା, ଓଆରଏସ, ବ୍ଲିଚିଙ୍ଗ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ହୋଇଛି । ଓଡ୍ରା'/ ଏନଡିଆରଏ' ନିୟୋଜନ, ବିଦ୍ୟୁତ, ଟେଲିକମ ଓ ରାସ୍ତା ପୁନରୁଦ୍ଧାର ପାଇଁ ଟିପିଏସଓଡିଏଲ, ବିଏସଏନଏଲ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବିପର୍ଯ୍ୟୟ ସମୟରେ ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧଙ୍କୁ ସୁରକ୍ଷିତ ଉଦ୍ଧାର, ଦେଶୀ ଡଙ୍ଗାର ପଞ୍ଜୀକରଣ ଯାଂଚ ଓ ଡ଼ଙ୍ଗାରେ ଯାତାୟାତ ସମୟରେ ଲାଇ' ଜ୍ୟାକେଟ ବ୍ୟବହାର କରିବାକୁ ସଚେତନ କରିବାକୁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ରଘୁରାମ ମାଛ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, କୋରାପୁଟ ସାଂସଦ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସମସ୍ତ ବିଭାଗୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ ।

# କେନ୍ଦୁଝରର ସରକାରୀ ମହିଳା ମହାବିଦ୍ୟାଳୟର ସଫଳତା

**+୩ର ଚୂଡ଼ାନ୍ତ ପରୀକ୍ଷା ଫଳ**

କେନ୍ଦୁଝର: ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର ଦ୍ୱାରା ପ୍ରକାଶିତ +୩ର ଚୂଡ଼ାନ୍ତ ପରୀକ୍ଷା ଫଳରେ କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ମହାବିଦ୍ୟାଳୟର ତିନି ଜଣ ମେଧାବୀ ଛାତ୍ରୀ ବିଶ୍ୱବିଦ୍ୟାଳୟ ସ୍ତରରେ ଶୀର୍ଷ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ତଥା ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି । ବିଶ୍ୱବିଦ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ କଳା ବିଭାଗରେ ମଧୁସ୍ମିତା ମହାକୁଡ଼ ଟପ୍ପର ହେବାର ବିଶ୍ୱବିଦ୍ୟାଳୟ ସୌଭାଗ୍ୟ ଅର୍ଜନ କରିଛନ୍ତି । ଏହାସହ ସେ ଗୃହ ବିଜ୍ଞାନ ବିଷୟରେ ମଧୁସ୍ମିତା ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବିଜ୍ଞାନ ବିଭାଗର ଉଦ୍ଭିଦ ବିଜ୍ଞାନରେ ବନଜାବାସିନୀ ମହାନ୍ତ ଏବଂ ଭୂତତ୍ତ୍ୱ ବିଜ୍ଞାନରେ ଶୁଭଶ୍ରୀ ସାହୁ ବିଶ୍ୱବିଦ୍ୟାଳୟ ସ୍ତରରେ ସର୍ବୋଚ୍ଚ ସ୍ଥାନ ହାସଲ କରି କୃତିତ୍ୱ ଅର୍ଜନ କରିଛନ୍ତି । ଛାତ୍ରୀମାନଙ୍କର ଏହି ଅସାଧାରଣ ସଫଳତା ପାଇଁ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ୍ ରଂଜନ ସାହୁ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀବୃନ୍ଦ କୃତୀ ଛାତ୍ରୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଛାତ୍ରୀମାନଙ୍କର ଏହି ସଫଳତା ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ପ୍ରେରିତ କରିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ଆସନ୍ତା ଅଗଷ୍ଟ ୧୫ (ସ୍ୱାଧୀନତା ଦିବସ) ସମାରୋହରେ ଏହି ତିନି କୃତୀ ଛାତ୍ରୀଙ୍କୁ ବିଶେଷ ଭାବେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# କୋରାପୁଟରେ ୨୧ରୁ ପେନ୍‌ସନ୍ ଅଦାଲତ

ଜୟପୁର: ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ତିନୋଟି ଜିଲ୍ଲା ଯଥା କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରିର ପେନସନ ସମ୍ବନ୍ଧୀୟ ଆପତି ଅଭିଯୋଗ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ ଠାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ସମେତ ଡେପୁଟି କଲେକ୍ଟର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । କୋରାପୁଟ ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମୃତ ସରକାରୀ କର୍ମଚାରୀଙ୍କ ଉତରାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ନିର୍ଦ୍ଦେଶରେ କୋରାପୁଟ ଜିଲ୍ଲାରେ ପେନସନ ଅଦାଲତ ଅନୁଷ୍ଠିତ ହେବ । ମେ ୨୧ ରେ ସାଧାରଣ କର୍ମଚାରୀଙ୍କ ଓ ନିମନ୍ତେ ମେ ୨୨ ରେ ପୋଲିସ କର୍ମଚାରୀଙ୍କ ପାଇଁ ପୂର୍ବାହ୍ନ ୯ଟା ଠାରୁ ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ପେନସନ ସମ୍ବନ୍ଧୀୟ ଅଭିଯୋଗ ଥିବା ଅବସରପ୍ରାପ୍ତ କର୍ମଚାରୀ/ଉତରାଧିକାରୀମାନେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହି ନିଜର ଅଭିଯୋଗ ଜଣାଇ ପାରିବେ ।

## ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନଗିରି: ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ କାଳିମେଳା ୩୨୬ ଜାତୀୟ ରାଜପଥ ପୋଲିସ ଚେକ୍‌ପୋଷ୍ଟ ନିକଟରେ ଥିବା ଏକ (ଲାଡି )କୁଡ଼ିଆ ଭିତରୁ ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ କାଳିମେଳା ହାଟପଦା ସାହିର ସପନ ପାଲ ବୋଲି ଜଣାପଡ଼ିଛି । ଆଜି ସକାଳୁ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ । ଖବର ପାଇ କାଳିମେଳା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥା ଦେଖିଲେ ଏହା ଏକ ହତ୍ୟାକାଣ୍ଡ ହୋଇ ଥାଇପାରେ ବୋଲି ସ୍ଥାନୀୟବାସିନ୍ଦାଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଏଯାବତ୍ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ପରେ ଘଟଣାର ପ୍ରକୃତ ତଥ୍ୟ ମିଳିପାରିବ ।

# ରାୟଗଡ଼ାରେ 'ସିଏମ୍ ଟ୍ରଫି ୨୦୨୬ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ' ଉଦ୍‌ଯାପିତ



ରାୟଗଡ଼ା(ପିପିଏସ୍) : ରାୟଗଡ଼ା ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ 'ସିଏମ୍ ଟ୍ରଫି ୨୦୨୬ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ - ପ୍ରତିଭା ଅନେକ, ଲକ୍ଷ୍ୟ ଏକ - ପଡ଼ିଆରୁ ପୋଡ଼ିୟମ'ର ଆନ୍ତଃଜିଲ୍ଲା ସ୍ତରୀୟ ଫୁଟବଲ, ଖୋ-ଖୋ, କବାଡି ଏବଂ ଭଲିବଲ ଚାମ୍ପିୟନ୍ ସିପ୍-୨୦୨୬ର ଉଦଯାପନୀ ଏବଂ ପୁରସ୍କାର ବିତରଣୀ ସମାରୋହ ଅତ୍ୟନ୍ତ ଉତ୍ସାହ ସହକାରେ ସ୍ଥାନୀୟ ପିଏମ୍‌ଶ୍ରୀ ଜିସିଡି ଉଚ୍ଚ ବିଦ୍ୟାଳୟ ଠାରେ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରଶଂସା କରିବା ସହ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ୱାର୍କସ କ୍ଲବର ସଭ୍ୟ ଏସ.ଏନ. ସ୍ୱାଇଁ, ମାନବ ଅଧିକାର ଆୟୋଗ ରାୟଗଡ଼ର ସଭାପତି ଶ୍ରୀ ଗୌରୀ ପ୍ରଧାନୀ ଏବଂ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ସାଧୁବାଦ ଜଣାଇବା ସହ ଜିଲ୍ଲାର କ୍ରୀଡ଼ା ବିକାଶ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର ସମସ୍ତ ଅତିଥି ଓ କ୍ରୀଡ଼ାବିତଙ୍କୁ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ମୁଖ୍ୟ ସଂଯୋଜକ ଭାବେ ମନୋଜ କୁମାର ନାୟକ ସଫଳତାର ସହ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ଦଳ ଉନ୍ନତ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି । ଫୁଟବଲ ବାଳିକା ବିଭାଗରେ ମା' ମାଝୀଗୌରୀ ଋଉ ଚାମ୍ପିୟନ୍ ଏବଂ ରାୟଗଡ଼ ଋଉ ରନର୍ସଅପ୍ ହୋଇଥିବା ବେଳେ ବାଳକ ବିଭାଗରେ ଏମ୍‌ଏମ୍‌ଜି ଏଫସି ବିଜେତା ଓ ରାୟଗଡ଼ା ୟୁନାଇଟେଡ୍ ରନର୍ସଅପ୍ ହୋଇଛନ୍ତି । କବାଡି ବାଳକରେ ବିଜାପୁର ଚାମ୍ପିୟନ୍ ଓ ଏମ୍.ଏମ୍.କେ.ସି ରନର୍ସଅପ୍ ହୋଇଥିବା ବେଳେ ବାଳିକା ବିଭାଗରେ ପାହାଡ଼ିଆନ୍ ଦଳ ବିଜେତା ଏବଂ ନାଗାବଳୀ ଦଳ ରନର୍ସଅପ୍ ବିବେଚିତ ହୋଇଛନ୍ତି । ଖୋ-ଖୋ ବାଳକ ବିଭାଗରେ ଗୋପବନ୍ଧୁ ଟିମ୍ ଚାମ୍ପିୟନ୍ ଓ ଲାଲବାହାଦୁର ଟିମ୍ ରନର୍ସଅପ୍ ହୋଇଥିବା ସ୍ଥଳେ ବାଳିକା ବିଭାଗରେ ମା' ମାଝୀଗୌରୀ ଟିମ୍ ଚାମ୍ପିୟନ୍ ଏବଂ ଲକ୍ଷ୍ମୀବାଈ ଟିମ୍ ରନର୍ସଅପ୍ ଆଖ୍ୟା ଲାଭ କରିଛନ୍ତି । ସେହିପରି ଭଲିବଲ ପ୍ରତିଯୋଗିତାର ଉଭୟ ବାଳକ ଓ ବାଳିକା ବିଭାଗରେ ହାଲୁଆ ଏଚ୍‌ଏସ୍ ବିଜେତା ଗୌରବ ହାସଲ କରିଥିବା ବେଳେ ବାଳକରେ ଗୁଣୁପୁର ଏବଂ ବାଳିକାରେ କୋତାପେଟା ଦଳ ରନର୍ସଅପ୍ ହୋଇଛନ୍ତି । ଏହି ଖେଳଗୁଡ଼ିକୁ ବନିତା ହିମିରିକା, ରହନ୍ତି ସରକା, ରେବତୀ ପଡିସିକା, ସଦାଶିବ ହିକାକା ଏବଂ ପ୍ରକାଶ ମାଛଖଣ୍ଡ ପ୍ରମୁଖ ଖେଳ ପରିଚାଳନା ଅଧିକାରୀ ଭାବେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଉତ୍ସବ ଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ବିଜେତା ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

*ଠିକ ନେତୃତ୍ୱ ନିଜର ସାଧନ ନିଜେ ପ୍ରସ୍ତୁତ କରେ ଓ ନିଜର ଗୋଷ୍ଠୀକୁ ସଂଗଠିତ କରି ଗଢ଼େ । ମାତ୍ର ଭୁଲ୍ ନେତୃତ୍ୱ ସବୁବେଳେ ନିଜର ସାଧନାକୁ ଦୋଷ ଦେଇ ଚାଲେ ଓ ନିଜ ଗୋଷ୍ଠୀକୁ ବିଭକ୍ତ ଓ ଅସଂଲଗ୍ନ କରିଦିଏ ।*

(ଗାଁ ମଜଲିସ୍, ୭ମ ଖଣ୍ଡ, ପୃଷ୍ଠା-୧୮)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୧।୦୫ । ୨୦୨୬ ■ ଗୁରୁବାର

# ଭୋଜଶାଳା ହିଁ ମନ୍ଦିର

ମଧ୍ୟପ୍ରଦେଶର ଧାର ଜିଲ୍ଲାର ଭୋଜଶାଳା ମନ୍ଦିର-କମାଲ ମୌଲା ମସଜିଦ ମାମଲାରେ ଇନ୍ଦୋର ହାଇକୋର୍ଟ ନିର୍ଣ୍ଣୟ ଦେଇ କହିଛି ଯେ ଭୋଜଶାଳା ପରିସର ଏକ ହିନ୍ଦୁ ମନ୍ଦିର । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ହାଇକୋର୍ଟ ନିଜ ରାୟରେ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ବିଭାଗ ଅର୍ଥାତ୍ ଏଏସ୍ଆଇର ପୂର୍ବ ଆଦେଶକୁ ରଦ୍ଦ କରିଦେଇଛି, ଯହିଁରେ ନିର୍ଦ୍ଦେଶିତ କରାଯାଇଥିଲା ଯେ ଭୋଜଶାଳା ପରିସରରେ ଶୁକ୍ରବାର ଦିନ ନମାଜ ପଢ଼ାଯିବ ଓ ମଙ୍ଗଳବାର ଦିନ ପୂଜା ହେବ । ମୁସଲମାନ ସମାଜକୁ ମସଜିଦ ଲାଗି ସରକାରଙ୍କୁ ଅଲଗା ଜମି ପାଇଁ ଆବେଦନ କରିବାକୁ ହାଇକୋର୍ଟ କହିଛି । ଏ ନିର୍ଣ୍ଣୟ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ନିର୍ଣ୍ଣୟକୁ ସ୍ମରଣ କରାଇଦେଉଛି । ଇନ୍ଦୋର ହାଇକୋର୍ଟଙ୍କର ନିର୍ଣ୍ଣୟ ନେଇ କେହି ଆଶ୍ଚର୍ଯ୍ୟ ଚକିତ ହୋଇନାହାନ୍ତି, କାରଣ ଏକଥା କାହାକୁ ଅଛପା ନାହିଁ ଯେ ପରମାର ରାଜବଂଶର ରାଜା ଭୋଜଙ୍କ ବଂଶଜମାନେ ଭୋଜଶାଳା ପରିସରରେ ମା ବାଗଦେବୀ ଅର୍ଥାତ୍ ଦେବୀ ସରସ୍ୱତୀଙ୍କ ମନ୍ଦିର ନିର୍ମାଣ କରାଇଥିଲେ, ଏକ ସମୟରେ ଏହା ସଂସ୍କୃତ ଶିକ୍ଷାର ଏକ ବଡ଼ କେନ୍ଦ୍ର ଥିଲା ।

ଏହି ଧାର୍ମିକ ସ୍ଥଳ ମନ୍ଦିର ହେବାର ସାକ୍ଷୀ ତଥାକଥିତ କମାଲ ମୌଲା ମସଜିଦର କାନ୍ଥରେ ସ୍ପଷ୍ଟ ଭାବେ ଅଙ୍କିତ ହୋଇରହିଛି, ଯେପରି ଅଯୋଧ୍ୟାରେ ମିଳିଥିଲା । ଏହାକୁ ବିବାଦୀୟ ସ୍ଥଳ କରିଦିଆଯାଇଥିଲା । ଇନ୍ଦୋର ହାଇକୋର୍ଟ ଏ ବିବାଦୀୟ ସ୍ଥଳକୁ ନେଇ ନିଜର ନିର୍ଣ୍ଣୟ ନେବାକୁ ସକ୍ଷମ ହେଲା, କାରଣ ଏହି ସ୍ଥଳ ୧୯୫୮ର ଅଧିନିୟମ ଅନୁଯାୟୀ ଏକ ଏଏସଆଇ ସଂରକ୍ଷିତ ସ୍ମାରକ ଘୋଷଣା କରିଦିଆଯାଇଥିଲା । ଯଦି ଏପରି ହୋଇନଥା'ନ୍ତା ତେବେ ୧୯୯୧ ମସିହାରେ ଗୃହୀତ ଧାର୍ମିକ ସ୍ଥଳ ଅଧିନିୟମ ଅନୁସାରେ ଏ ସ୍ଥାନର ସ୍ଥିତାବସ୍ଥା ବଜାୟ ରହିଥାଆନ୍ତା । ଦୁର୍ଭାଗ୍ୟର ବିଷୟ ହେଉଛି ଏହି ଭେଦଭାବପୂର୍ଣ୍ଣ ଅଧିନିୟମ ଯୋଗୁଁ ଧାର ଜିଲ୍ଲାର ଭୋଜଶାଳା ମନ୍ଦିର ଭଳି ଅନ୍ୟ ମାମଲାଗୁଡ଼ିକର ନିସ୍ତାରଣ ହୋଇପାରୁ ନାହିଁ ଓ ଏଥିପାଇଁ ମଝିରେ ମଝିରେ ବିବାଦ ସାମନାକୁ ଆସୁଛି ଯାହାକି ସାଂପ୍ରଦାୟିକ ସଦଭାବ ରକ୍ଷା କ୍ଷେତ୍ରରେ ଖରାପ ପ୍ରଭାବ ପକାଉଛି । ଧାର ମାମଲାରେ ଇନ୍ଦୋର ହାଇକୋର୍ଟଙ୍କ ରାୟ ପ୍ରକାଶ ପରେ କୌଣସି ପ୍ରକାରର ସାଂପ୍ରଦାୟିକ ବିଗ୍ରହ ଦେଖିବାକୁ ମିଳିଲା ନାହିଁ । ଏହା ଏକ ଭଲ ସଂକେତ ।


ତେବେ ଇନ୍ଦୋର ହାଇକୋର୍ଟଙ୍କ ରାୟକୁ ବିରୋଧ କରି କେହି ସୁପ୍ରିମକୋର୍ଟକୁ ଯାଇପାରେ । ଏ ପ୍ରକରଣରେ ସୁପ୍ରିମକୋର୍ଟଙ୍କ ନିର୍ଣ୍ଣୟ ଯାହା ବି ହେଉନା କାହିଁକି, ଏପ୍ରକାରର କେଜାଣି କେତେ ମାମଲା ଯେ ବିଭିନ୍ନ କୋର୍ଟ-କଚେରୀମାନଙ୍କରେ ଚାଲିଛି ତାହାକୁ ଅଣଦେଖା କରାଯାଇ ପାରିବ ନାହିଁ । ସେ ସବୁର ନିସ୍ତାରଣ ଲାଗି ଯେଉଁ ଧାର୍ମିକ ସ୍ଥଳ ଅଧିନିୟମ ବାଧକ ହୋଇଛି, ତାହାକୁ ମଧ୍ୟ କୋର୍ଟରେ ଚାଲେଞ୍ଜ କରାଯାଇଛି । ତେଣୁ, ସୁପ୍ରିମକୋର୍ଟଙ୍କ ପକ୍ଷେ ଉଚିତ ହେବ, ଏହି ଅଧିନିୟମ ବିରୋଧରେ ଦାଏର ଆବେଦନଗୁଡ଼ିକର ବିଚାର ଶୀଘ୍ର କରିବା । ଏହା ସହିତ ବିବାଦୀୟ ଧାର୍ମିକ ସ୍ଥଳଗୁଡ଼ିକର ସଂପୃକ୍ତ ପକ୍ଷ ଅର୍ଥାତ୍ ହିନ୍ଦୁ ଓ ମୁସଲମାନ, ପରସ୍ପର ମଧ୍ୟରେ ସହମତିରେ ବିବାଦର ସମାଧାନ ପାଇଁ ଅଗ୍ରସର ହୁଅନ୍ତି । ଏପରି ହେଲେ ସଦ୍ଭାବ ବଢ଼ିବ । ଏହା ତେବେ ସମ୍ଭବ ହୋଇପାରିବ, ଯେବେ ମୁସଲମାନ ପକ୍ଷ ବାସ୍ତବତାକୁ ସ୍ୱୀକାର କରିବ ଯେ ଗଜନଭୀ, ଘୋରୀ, ଖିଲଜୀ, ବାବର, ଆଉରଙ୍ଗଜେବଙ୍କ ଭଳି ଆକ୍ରମଣକାରୀମାନେ ଶହଶହ ସଂଖ୍ୟାରେ ମନ୍ଦିର ଧ୍ୱଂସ କେବଳ କରିନଥିଲେ, ବରଂ ତାହାର ଅବଶେଷକୁ ନେଇ ସେହିଠାରେ ମସଜିଦ ମଧ୍ୟ ନିର୍ମାଣ କରିଥିଲେ । ଏପରି କେବଳ ଅଯୋଧ୍ୟା କି ଧାରରେ ନୁହେଁ, ବାରଣାସୀ, ମଥୁରା, ଯୌନପୁର ସମେତ ଅନେକ ସ୍ଥାନରେ କରାଯାଇଛି । ❏❏

# ବାସ୍ତବ ବିଚାର

ଜୀବନର ବାସ୍ତବ ବିଚାର ଅନୁଭୂତିରୁ ହିଁ ନିଷ୍ପନ୍ନ । ଆମ ନିଜସ୍ୱ ଅନ୍ତର୍ନିହିତ ଶକ୍ତି ସାମର୍ଥ୍ୟର ନା ସମୁଚିତ ଆକଳନ ଓ ପ୍ରୟୋଗ କରି ଜୀବନ ବଞ୍ଚି ପାରୁଛେ ନା ନିଭୃତ ଅଭ୍ୟନ୍ତରରେ ଲୁକ୍କାୟିତ ଦିବ୍ୟଶକ୍ତିର ପରିଚୟ ପାଇ ପାରୁଛେ । ତେବେ ମନରେ ପ୍ରଶ୍ନ ଉଙ୍କିମାରେ - ଆମେ କିଏ ?ଆମ ଅନ୍ତରର କଣ ଅଛି ସୁଷୁପ୍ତ ଅବସ୍ଥାରେ ,ଯାହା ବାହାରେ ପରିସ୍ଫୁଟିତ ହେବାକୁ ଇଚ୍ଛା କରୁଛି । ଆମ ଅନ୍ତରରେ ଶକ୍ତି ସାମର୍ଥ୍ୟ ସୁପ୍ତ ଅବସ୍ଥାରେ ପଡ଼ିରହେ । ସେ ଶକ୍ତିକୁ ସେତେବେଳେ ଜାଗରିତ କରି ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ ଯେତେବେଳେ ଆମେ ଏହାକୁ ଗଭୀର ଭାବରେ ଅନୁଭବ କରିବା । ଅନ୍ତରସ୍ଥ ଶକ୍ତି ସାମର୍ଥ୍ୟକୁ ଆମେ ଯେତିକି ଅନୁଭବ କରିବା ସେତେ ବେଶୀ ତାକୁ ଚିହ୍ନି ଜାଣି ପାରିବା । କ୍ଷମତା, ବୀର୍ଯ୍ୟ ଓ ଶୌର୍ଯ୍ୟକୁ ଅନୁଭବ କରିବାର କୌଣସି ନିର୍ଦ୍ଦିଷ୍ଟ ବ୍ୟାଖ୍ୟା ନାହିଁ । ପୁଣି ଏମିତି ହେବ କି ନାହିଁ,କୌଣସି ଯୁକ୍ତିଯୁକ୍ତ ତଥ୍ୟ ବି ନାହିଁ । ଏହା ସମ୍ପର୍କରେ ସାର୍ଥକ ରୂପେ ସେତେବେଳେ ବିବୃତ କରାଯାଇ ପାରିବ ଯେତେବେଳେ ଆମେ ଏହାର ଟିକିନିଖି ବିବରଣୀ ସବୁକୁ ଅନୁଭବ କରିବା । ଜୀବନରେ ସମାହିତ ଅପରିମିତ ଶକ୍ତି କ୍ଷମତା ,କିନ୍ତୁ ଏସବୁ ସୁଷୁପ୍ତ । ଏମିତି କୌଣସି ବ୍ୟକ୍ତି ବିଶେଷ ନାହାନ୍ତି ଯିଏକି ଏସବୁ ଦିବ୍ୟ ବିଭୂତିରୁ ବଞ୍ଚିତ ହୋଇଥିବେ । ସମସ୍ତଙ୍କ ଭିତରେ ଏଭଳି ପରମ ଓ ଦିବ୍ୟ ବିଭୂତି ସମାବେଶ ହୋଇଛି ଯେ ସେ ସବୁର ଗୋଟେ ଅଂଶ ଆବିର୍ଭୁତ ହୋଇ ସାମାନାକୁ ଆସିଲେ ମନୁଷ୍ୟ କେଉଁଠି ନା କେଉଁଠି ପହଞ୍ଚି ଯାଇପାରେ । ମନୁଷ୍ୟ ଜୀବନର ମାର୍ଗ ବନ୍ଧୁର, କଙ୍କରିଲ ଓ କଣ୍ଟକିତ, ଯାହାକୁ ଅତିକ୍ରମି ସୁଗଭିତ ଗୋଲାପର ସୁଖଦ ସ୍ପର୍ଶ କରାଯାଇ ପାରିବ । ଜଣେ କେବଳ କଳ୍ପନା କରେ କିନ୍ତୁ ଅନ୍ୟଟି ତାର ଯଥାର୍ଥ ଅନୁଭବ କରେ ,ଆଉ ସେହି ଅନୁଭବ ପାଇଁ ନିଜସ୍ୱ ସକଳ କୁଶଳତା ଖଟେଇ ଦେଇଥାଏ । ଏହାପରେ ସେ ଉପଲବ୍ଧ କରି ପାରିଥାଏ ସବୁକିଛି । ନିରନ୍ତର ପ୍ରକ୍ରିୟା ଦ୍ୱାରା ସାମର୍ଥ୍ୟ ତଥା ଦକ୍ଷତାକୁ ଉଜାଗର କରା ଯାଇପାରେ । ନିରବଚ୍ଛିନ୍ନ ପ୍ରକ୍ରିୟାରେ ଶାଣିତ ଓ ମାର୍ଜିତ କରାଯାଏ ସାମର୍ଥ୍ୟ ଆଉ ଦକ୍ଷତାକୁ । କିନ୍ତୁ ଅପରପଟେ ଏହି ପ୍ରକ୍ରିୟା ଅଟକିଯାଇ ସ୍ଥିର ସ୍ଥବିର ହୋଇଗଲେ ଏହା ଲୁକ୍କାୟିତ ହୋଇଯାଏ ,ତାଙ୍କି ହୋଇଯାଏ ମଧ୍ୟ । ପାଉଁଶ ସ୍ତୁପ ଭିତରେ ଘୋଡ଼େଇ ହୋଇଯାଏ ଶକ୍ତି ସାମର୍ଥ୍ୟ । କେବଳ ଅନୁଭବ ହିଁ ସାମର୍ଥ୍ୟ ଓ ଦକ୍ଷତାକୁ ଅଙ୍ଗାର ଭଳି ପ୍ରଜ୍ୱଳିତ କରିଦିଏ । ସାମର୍ଥ୍ୟ ଦକ୍ଷତା ଆକଳନରୁ ପରିସ୍ଥିତିକୁ ପରଖ କରାଯାଏ । ଦକ୍ଷତାକୁ ସଠିକ୍ ଭାବେ ବୁଝିବା ଓ ପରିସ୍ଥିତିର ଉଚିତ ଫାଇଦା ଉଠେଇବା ଦ୍ୱାରା ବିକାଶର ଏଭଳି ଅବିରତ ଧାରା ଫୁଟିଉଠେ ଯାହାକୁ ଆମେ ପ୍ରତିଭା ବୋଲି ଆଖ୍ୟା ଦେଇଥାଉ ।

ନଗେନ୍ଦ୍ର ନାଥ ପଟ୍ଟନାୟକ
ଭୁବନେଶ୍ୱର

# ଭାରତ-ଇଟାଲୀ ସମ୍ପର୍କ: ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗିଦାରୀ


ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଜର୍ଜିଆ ମେଲୋନି
ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ

ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି । ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି । ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆଗକୁ ବଢୁଛି । ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି । ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି ।

ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ । ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ ଓ ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ । ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର୍ ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି ଓ ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ । ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ ।

ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ । ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ । ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ । 'ମେଡ୍ ଇନ୍ ଇଟାଲୀ' ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି । ଆଜି 'ମେକ୍ ଇନ୍ ଇଣ୍ଡିଆ" କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି । ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି । ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ ଓ ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର । ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ । ଏଥିରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ । ଭାରତରେ ଦ୍ରୁତ ଗତିରେ ବଢୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନ ?ତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ । ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ

ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି । ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି । ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହାଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବ କୈନ୍ଦ୍ରିକ ହୋଇପାରିବ ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ । ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ 'ଏଲଗୋର-ଏଥିକ୍ସ ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ । କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗିଦାରୀର ଉଦ୍ଦେଶ୍ୟ । ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ । ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛୁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ । ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା ।

ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ ।

ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ୍ ନୁହେଁ । ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ । ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି । ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ ଓ ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ । ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି । ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ।

ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ । ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି । ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି । ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରଦେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି । ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ - ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖୁଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ ଓ ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି । ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି । ବାସ୍ତବରେ ଏକ ନୂଆ ଭାରତ-ଭୂମଧ୍ୟସାଗର (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ । ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର୍ ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ ଓ ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ ରୂପେ ବିକଶିତ ହେଉଛି ଓ ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ ।ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା । ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା ଓ ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି ।

ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରିପାରିବା । ଭାରତୀୟ ସଂସ୍କୃତିରେ 'ଧର୍ମ'ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍ । ସେହିପରି ବସୁଧୈବ କୁଟୁମ୍ବକମ୍ - ଅର୍ଥାତ୍ 'ସାରା ବିଶ୍ୱ ଏକ ପରିବାର'ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି ।

ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି । ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ । ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଏବଂ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ ।

# କଥାକହିବାର ଶୈଳୀ

ଅରିଜିତ ମିଶ୍ର

ବର୍ତ୍ତମାନ ସମାଜରେ ଉତ୍ତମ ଭାବରେ ଚଳିବା ପାଇଁ ହେଲେ କଥା କହିବାର ଶୈଳୀ ଠିକ୍ ଜାଣିଥିବା ଆବଶ୍ୟକ । କାରଣ ଯଦି କଥା କହିବାରେ ଟିକିଏ ଏପଟ ସେପଟ ହୁଏ, ତେବେ ତୁମୁଳ କାଣ୍ଡ ଆରମ୍ଭ ହୋଇଯାଏ । ସାଧାରଣତଃ ମଣିଷ ଦୁନିଆରେ ବଞ୍ଚିବା ପାଇଁ ହେଲେ ଏକାଧିକ ମଣିଷଙ୍କ ସଂସ୍ପର୍ଶରେ ଆସିବାକୁ ପଡ଼େ । ଶିଶୁ ଅବସ୍ଥାରୁ ବୃଦ୍ଧ ଅବସ୍ଥା ପର୍ଯ୍ୟନ୍ତ ସମାଜର ଅନେକ ପ୍ରକାରର ମଣିଷ ସହ ଚଳିବା ପାଇଁ ପଡ଼େ । ତେଣୁ ଏହିପରି ପରିସ୍ଥିତିରେ ଚାଲିବା ପାଇଁ ନିଜର ବାକ୍ ଶକ୍ତିକୁ ସଂଯମତାର ସହ ପରିଚାଳିତ କରିବାର ଅଛି । ଶିଶୁଟି ଜନ୍ମ ଗ୍ରହଣ କରିବା ପରେ କିପରି ଉତ୍ତମ କଥା କହିବ ଏବଂ ଆଚରଣ ପ୍ରଦର୍ଶନ ଉଚିତ୍ ରୁପେ କରିବ, ଏହା ତା ପରିବାରରେ ପିତା ମାତାଙ୍କ ଠାରୁ ପ୍ରଥମ ଶିକ୍ଷା ଗ୍ରହଣ କରେ । ଉତ୍ତମ ବଚନ କହିବା ପାଇଁ ହେଲେ, ଉତ୍ତମ ପରିବେଶ ନିହାତି ଆବଶ୍ୟକ । ବେଳେବେଳେ ଦେଖିବା ପାଇଁ ମିଳେ, ନିଜ ପରିବାରରେ ପିତା ମାତାଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ ସଂଘର୍ଷ, ନିଜ ଅଞ୍ଚଳରେ ସେ ଗାଁ ହେଉ ବା ସହର କେଉଁଠି ମଣିଷ ମଣିଷ ମଧ୍ୟରେ ସଂଯମତା ବିହିନ କଥାବାର୍ତ୍ତା ଆଦି, ଯଦି ଶିଶୁଟି ଶୁଣେ ତେବେ ସିଏ ବିଭିନ୍ନ ଅସ୍ୱାଭାବିକ ଭାଷାର ବ୍ୟବହାରକୁ ମନେ ରଖିଥାଏ । ଯାହା ଫଳରେ ଯଦି କିଏ ଗୃହକୁ ଆସନ୍ତି ଓ ଶିଶୁକୁ ଟିକେ ଥଟ୍ଟା ମଜା କରନ୍ତି, ସେହି ସମୟରେ ଶିଶୁ ମୁଖରୁ ଅନେକ ପ୍ରକାରର ଅପ୍ରିତିକର ଭାଷା ନିର୍ଗତ ହୁଏ, ଯାହାକି ଖୁବ୍ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରେ ।

ପିଲା ଦିନରୁ ମଣିଷ ସମାଜର ବିଭନ୍ନ ସ୍ତର ଦେଇ ଅଗ୍ରସର ହୋଇଥାଏ । ବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବା ନିଜ କର୍ମ କ୍ଷେତ୍ରରେ ଅନେକ ପ୍ରକାରର ମଣିଷଙ୍କ ସହ କଥା ହୋଇଥାଏ ଏବଂ କଥା କୁହା ଶୈଳୀ ମଧ୍ୟ ଶିକ୍ଷା ଗ୍ରହଣ କରେ । କିଛି ଆତ୍ମଗର୍ବ ସ୍ୱଭାବର ମଣିଷ ଅଛନ୍ତି, ସେମାନେ କାହା କଥାକୁ ଗ୍ରହଣ କରନ୍ତି ନାହିଁ । ଯାହା ଫଳରେ ତାଙ୍କର ସ୍ୱଭାବରେ କିଛି ପରିବର୍ତ୍ତନ ଆସିନଥାଏ, ଏପରି ମଣିଷଙ୍କୁ ସମାଜ 'ଆଗ ଚଲା' ବା 'କଥା କୁହାଳିଆ' ବୋଲି ଅଭିହିତ କରେ । ଅନେକ ସମୟରେ କିଛି ମଣିଷଙ୍କ ମୁଖରୁ ଅନେକ କଟୁ କଥା ପ୍ରକାଶିତ ହୁଏ, ଯାହାକୁ ସମାଜ କେବେ ଗ୍ରହଣ କରେ ନାହିଁ । ଯଦ୍ୱାରା ମହାଭାରତ ମଧ୍ୟ ସୃଷ୍ଟି ହୋଇଯାଏ । ମୁଖ୍ୟତଃ ସ୍ୱାର୍ଥ ପୂରଣ ଲକ୍ଷରେ ମଣିଷର ସ୍ୱଭାବରେ ଅନେକ ପରିବର୍ତ୍ତନ ଦେଖିବା ପାଇଁ ମିଳେ । ସେଥି ନିମିତ୍ତ ନିଜ ପରିବାରରେ, ନିଜ କର୍ମ କ୍ଷେତ୍ରରେ ବା ନିଜ ଅଞ୍ଚଳରେ ମଣିଷର କଥାରେ କେତେବେଳେ ଭିନ୍ନ ଢ଼ଙ୍ଗ ଆସିବାର ନଜିର୍ ରହିଚି । ଯେପରିକି ସମ୍ପତ୍ତି ଲାଳସାରେ ପୁଅ ବୋହୁ ବା ଝିଅ ଯୋଇଁ ପିତା ମାତାଙ୍କୁ ଖୁବ୍ ଆଦର ସତ୍କାର କରନ୍ତି , ବହୁତ ଭଲ କଥା କୁହନ୍ତି । ସମ୍ପତ୍ତି ପାଇଗଲା ପରେ କିଛି ପଚାରନ୍ତି ନାହିଁ ବା ତାଙ୍କ ମଧ୍ୟରୁ ଯିଏ ସମ୍ପତ୍ତି ନପାଏ ତେବେ ବିଭିନ୍ନ କଟୁ କଥା ବୃଦ୍ଧ ପିତା ମାତାଙ୍କୁ କରିବା ପାଇଁ ପଛାନ୍ତି ନାହିଁ । ଦରମା ବଢ଼ାଇବା ପାଇଁ ସରକାର ହେଉ ବା ମାଲିକଙ୍କ ପାଖରେ କର୍ମଚାରୀ ମାନେ ବିଭିନ୍ନ ସୁନ୍ଦର ଭାବପୂର୍ଣ୍ଣ ଭାଷାରେ ତାଙ୍କୁ ପୋତି ପକାନ୍ତି । ଦରମା ବଢ଼ିଲା ତ ଭଲ କଥା, ଯଦି ନ ବଢେ ତେବେ କର୍ମଚାରୀଙ୍କ ଯେଉଁ କଟୁ ବାକ୍ୟ ତାହା ବର୍ଣ୍ଣନା କରିବା ମୁସ୍କିଲ । ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ଗୁଡିକରେ ଅନେକ ଶିକ୍ଷକ ଅଧ୍ୟାପନା କରନ୍ତି ।

ଛାତ୍ର ଛାତ୍ରୀ ମାନଙ୍କୁ ଯଦି ପାଠ ପଢ଼ାଇବା ବେଳେ କିଛି କଥା ସେ ଥଟ୍ଟାରେ ହେଉ ବା କ୍ରୋଧରେ କୁହନ୍ତି, ତେବେ ଅବସ୍ଥା ସାଙ୍ଘାତିକ ହୋଇଯାଏ । ତାଙ୍କ ପାଟିରୁ ଯେତେବେଳେ ଦେଖିବ କଟୁ ମିଶ୍ରିତ ବାକ୍ୟ ନିର୍ଗତ ହେଉଛି ଶିକ୍ଷା ଅନୁଷ୍ଠାନ ପରିସରରେ, ଯାହା କି ଅକ୍ଷମଣୀୟ ତ୍ରୁଟି ଅଟେ । ଡାକ୍ତର ମାନେ ହୁଅନ୍ତୁ ବା କେଉଁଠି ରୋଗୀ ମାନେ ହୁଅନ୍ତୁ ଟିକେ ଟିକେ କଥା ପାଇଁ ଭୟଙ୍କର ପରିସ୍ଥିତି ଜନ୍ମ ନିଏ । ବର୍ତ୍ତମାନ ସମାଜରେ ଅନେକ ସୁନ୍ଦରୀ ନାରୀ ବା କିଛି ଠକ ପୁରୁଷମାନେ ସାଧାରଣ ଲୋକଙ୍କୁ ସାମାଜିକ ଗଣମାଧ୍ୟମ ଦ୍ୱାରା ଏମିତି କଥାରେ ଲୋଭ ଦେଖାନ୍ତି ଯେ, ବିଚରା ମଣିଷଟିର କଷ୍ଟ ଅର୍ଜିତ ଅର୍ଥ ବ୍ୟାଙ୍କ ଖାତାରୁ ଚାଲିଯାଏ ।

ତେଣୁ ବାକ୍ ସଂଯମତା ରକ୍ଷାକରି ସଂସାରରେ ଚଳିବା ଉତ୍କୃଷ୍ଟ ଅଟେ । ସ୍ଥାନ, କାଳ ଓ ପାତ୍ର ଦେଖି କଥା କହିଲେ କୌଣସି ବିପଦ ଉପନୀତ ହେବନାହିଁ । ଟିକିଏ ଟିକିଏ କଥାରେ ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେବା ପରି ଅନେକ ଅସୁବିଧା ଜନ୍ମ ନେଉଛି । ଯେପରି ଗାଁ ଗାଁ ମଧ୍ୟରେ, ସାହି ପଡିଶା, ସ୍ୱାମୀ ସ୍ତ୍ରୀ, ସନ୍ତାନ ଓ ଅଭିଭାବକ, ପ୍ରେମିକ ଓ ପ୍ରେମିକା ଆଦି କେତେକ ଘଟଣା ଆମେ ସର୍ବଦା ସାଧାରଣ କଥାରୁ ଅସାଧାରଣ ପରିସ୍ଥିତି ସୃଷ୍ଟି ହେବାର ଦେଖିଚେ । ସମସ୍ତ କଠିନ ପରିସ୍ଥିତିକୁ କଥାର ଚାତୁରୀରେ ଏଡାଇବା ପାଇଁ ପଡ଼ିବ, ତେବେ ଏହି ଆଧୁନିକ ସଂସାରରେ ବଞ୍ଚିବା ଉତ୍କୃଷ୍ଟ ହେବ ।

ବାଙ୍କୀ, କଟକ
ମୋ: ୯୦୪୦୩୫୦୦୮୯

# ସଞ୍ଚୟର ସହଜ ସୂତ୍ର

ଡକ୍ଟର ତପନ କୁମାର ପାଲ

କହନ୍ତି ଚାକିରି କଲେ ଦାୟିତ୍ୱ ବଢ଼େ । ଆପଣ ଚାକିରି ବା ବ୍ୟବସାୟ କରନ୍ତି ଟଙ୍କା ରୋଜଗାର ପାଇଁ । ସେଇ ରୋଜଗାର ଟଙ୍କାରୁ କିଛି ବଳିଗଲେ ତାକୁ ସଞ୍ଚୟ କରନ୍ତି । ହେଲେ ଅଧିକାଂଶ ସମୟରେ ଆପଣ ଯେତିକି ରୋଜଗାର କରନ୍ତି ତାହା ଅଣ୍ଟେ ନାହିଁ କିମ୍ବା ସଞ୍ଚୟ ମଧ୍ୟ କରିପାରନ୍ତି ନାହିଁ । ମୂଳକଥା ହେଲା ନିଜର ଏକ ବଜେଟ ଯୋଜନା କରିବା । ଏଥିପାଇଁ ଅନେକ ସୂତ୍ର ରହିଛି । ୫୦-୩୦-୨୦ ଫର୍ମୁଲା କ'ଣ ? : ଏହି ଫର୍ମୁଲାଟି ଅର୍ଥନୀତି ପରାମର୍ଶଦାତାଙ୍କ ପାଇଁ ସବୁଠୁ ଗ୍ରହଣୀୟ ସୂତ୍ର । ଏହି ସୂତ୍ରରେ ଆପଣ ଆପଣଙ୍କ ଦରମାକୁ ତିନିଭାଗରେ ବିଭକ୍ତ କରନ୍ତୁ । ଏଥିରେ ୫୦ ପ୍ରତିଶତ ଖର୍ଚ୍ଚ, ୩୦ ପ୍ରତିଶତ ଆବଶ୍ୟକତା ଓ ୨୦ ପ୍ରତିଶତ ସଞ୍ଚୟ ଅନ୍ତର୍ଭୁକ୍ତ । ଏହି ଫର୍ମୁଲା ସଞ୍ଚୟ ସହିତ ଖର୍ଚ୍ଚ ପରିଚାଳନା ଓ ଆର୍ଥିକ ଲାଭ ହାସଲ କରିବାରେ ସାହାଯ୍ୟ କରେ । ଏହି ସୂତ୍ର କିପରି କାମ କରେ ? : ମନେ କରନ୍ତୁ ଆପଣ ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କରୁଛନ୍ତି ଏବଂ ମାସିକ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ୧୦ ହଜାର ଟଙ୍କା ପରିବାରକୁ ପଠାଇଲା ପରେ ଆପଣଙ୍କ ପାଖରେ ବଞ୍ଚୁଛି ୪୦ ହଜାର ଟଙ୍କା । ଏହାର ୫୦ ପ୍ରତିଶତ ଅର୍ଥାତ୍ ୨୦ ହଜାର ଟଙ୍କା ଆପଣ ଘରଭଡ଼ା, ଖାଦ୍ୟ, ବିଜୁଳି ବିଲ ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ । ଏବେ ବାକି ୫୦ ପ୍ରତିଶତ ଦରମାକୁ ଦୁଇ ଭାଗରେ ବାଣ୍ଟନ୍ତୁ । ବାକି ଥିବା ଦରମାର ୩୦%, ଅର୍ଥାତ ୧୨ ହଜାର ଟଙ୍କା ଆପଣଙ୍କ ଆବଶ୍ୟକତା ପାଇଁ ଯଥା ଜିମ କିମ୍ବା କୌଣସି କର୍ମଶାଳା ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ । ଆପଣ ଏଥିରୁ ମଧ୍ୟ କିଛି ପରିମାଣ ସଞ୍ଚୟ କରିବାକୁ ଚେଷ୍ଟା କରିବା ଉଚିତ, ଯାହା ଆପଣଙ୍କୁ ଟ୍ରାଭେଲ ଟ୍ରିପ କିମ୍ବା ବ୍ରାଣ୍ଡେଡ ପୋଷାକ ବା ସ୍ମାର୍ଟଫୋନ କିଣିବା ଆଦି ଛୋଟ ଛୋଟ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ । ଏବେ ବାକି ୨୦% ଅର୍ଥାତ୍ ୮ ହଜାର ଟଙ୍କା ସଞ୍ଚୟ କରନ୍ତୁ । ସଞ୍ଚୟ ସହିତ ଆପଣ ପ୍ରତି ମାସରେ ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ଏକ ଜରୁରୀକାଳୀନ ପାଣ୍ଠିରେ କିଛି ପରିମାଣ ରଖିବା ଜରୁରୀ । ତାଛଡ଼ା ଆପଣ କିଛି ଟଙ୍କା ନିବେଶ କରିବା ଉଚିତ । ଏଥିରେ ଆପଣଙ୍କୁ ରିଟର୍ଣ୍ଣ ମିଳିବ ଏବଂ ଏହା ଆପଣଙ୍କ ସଞ୍ଚୟ ବୃଦ୍ଧି କରିବ । ଏହା ସହିତ ମେଡ଼ିକାଲ ଏମର୍ଜେନସି ପାଇଁ ମଧ୍ୟ କିଛି ଟଙ୍କା ରଖିବା ଆବଶ୍ୟକ । ଏପରି କଲେ ଆପଣ ୫୦-୩୦-୨୦ ଫର୍ମୁଲା ସାହାଯ୍ୟରେ ଆପଣଙ୍କର ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିପାରିବେ ।

କଥାରେ ଅଛି ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି । ସଂସାର ଜୀବନରେ ଅନେକ ଝଡ଼ଝଞ୍ଜା, ଅଭାବ, କଷ୍ଟକୁ ନେଇ ଚଳିବାକୁ ପଡ଼ିଥାଏ ତେବେ ସବୁଠାରୁ ବଡ଼ କଥା ହେଉଛି ସଞ୍ଚୟ ଅଭ୍ୟାସ । ଅନେକଙ୍କର ବଦଖର୍ଚ୍ଚ ଗୁଣ ଓ ବନ୍ଧୁବତ୍ସଳତା ପାଇଁ ଖୋଲା ହାତ ଖର୍ଚ୍ଚ ପରବର୍ତ୍ତୀ ସମୟରେ ସେମାନଙ୍କୁ ଅଭାବୀ କରେ ଏବଂ ଅନେକ ସର୍ବସ୍ୱାନ୍ତ ବା ଏକ ପ୍ରକାର କାଙ୍ଗାଳ ହୋଇପଡ଼ନ୍ତି । ତେଣୁ ସାମାଜିକ ଜୀବନରେ ସଞ୍ଚୟ ଏକ ଖୁବ ଭଲ ଅଭ୍ୟାସ । ଜଣେ ଚାହିଁଲେ ନିଜର ଅନ୍ତହୀନ କାମନା ଉପରେ ଲଗାମ ଲଗାଇପାରିବ ଯାହାକି ତାଙ୍କୁ ସଞ୍ଚୟର ଏକ ରାସ୍ତା ଦେଖାଇ ପାରିବ । ବର୍ତ୍ତମାନର ସମୟରେ ସବୁଠି ଦରଦାମ ବଢୁଛି । ଅନେକ କୁହନ୍ତି ସେପରି ଆୟ କିନ୍ତୁ ବଢୁନାହିଁ ତେଣୁ ଏପରି କ୍ଷେତ୍ରରେ ସଞ୍ଚୟ କରିବା ଯେ କଷ୍ଟକର ତାହା ନୁହଁ ବରଂ ସଞ୍ଚୟ ପାଇଁ ଏକ ସୁଅଭ୍ୟାସ ରଖିପାରିଲେ ଉପରୋକ୍ତ ପରାମର୍ଶ ଗୁଡ଼ିକ ଆପଣଙ୍କୁ ସଞ୍ଚୟ ପାଇଁ ଏକ ଭଲ ରାସ୍ତା ଦେଖାଇବ ନିଶ୍ଚୟ ।

ତୁଳସୀପୁର, କଟକ
ମୋ: ୯୯୩୭୬୫୮୩୬୨

## ସଂପାଦକଙ୍କୁ ପତ୍ର

### ଶାନ୍ତିପ୍ରତିଷ୍ଠା ପାଇଁ ଉଦ୍ୟମ ଜରୁରୀ

ମହାଶୟ,

ସଂପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନ୍ ଗସ୍ତ କରି ସେଠାରେ ଯୁଦ୍ଧ ଭୂମିରେ ଠିଆ ହୋଇ ଶାନ୍ତିର ବାର୍ତ୍ତା ଦେଇଛନ୍ତି । ସମଗ୍ର ପୃଥିବୀରେ ଏକ ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରତୀକ ଆମ ଜନ୍ମଭୂମି ଭାରତର ପ୍ରତିରକ୍ଷା ବ୍ୟବସ୍ଥା ବେଶ ସୁଦୃଢ଼ । ତେବେ ସମ୍ପ୍ରତି ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରମାନେ ବେଳେ ବେଳେ ଯେଉଁ ପ୍ରକାଶ୍ୟରେ ଯେଉଁ ଯୁଦ୍ଧ ଧମକ ଦେଉଛନ୍ତି ତାହା ଆଜିର ପୃଥିବୀରେ ଶାନ୍ତିର ପବିତ୍ର ସ୍ଥିତିକୁ ବିଷାକ୍ତ କରୁଛି । ଭାରତୀୟ ପ୍ରତିରକ୍ଷା ବିଭାଗ ଜଳ, ସ୍ଥଳ ଓ ଆକାଶକୁ ସୁରକ୍ଷା ଦେଉଥିବା ପଦାତିକ ବାହିନୀ, ନୌବାହିନୀ ଓ ଆକାଶବାହିନୀକୁ ନେଇ ମଧ୍ୟ ବହୁତ ଗର୍ବିତ । ଆମ ପ୍ରିୟ ଜନ୍ମଭୂମି ଭାରତ ଆଜି କେତେକ ଅସାମାଜିକ ତତ୍ତ୍ୱଙ୍କ ଆକ୍ରୋଶର ଶିକାର ହେଉଛି କିନ୍ତୁ ସେମାନଙ୍କୁ ସଠିକ୍ ଜବାବ ଦେବା ପାଇଁ ଆମ ଭାରତର ଶକ୍ତିଶାଳୀ ପ୍ରତିରକ୍ଷା ବିଭାଗ ବେଶ୍ ସତର୍କ । ଦେଶମାତୃକାରେ ସେବାରେ ସଦା ଉତ୍ସର୍ଗୀକୃତ ଆମର ସେନାବାହିନୀ ଜଳ, ସ୍ଥଳ ଓ ଆକାଶର ସୁରକ୍ଷା ପାଇଁ ଆମ ଦେଶରେ ସେନାକୁ ତିନି ଭାଗରେ ବିଭକ୍ତ କରାଯାଇଛି । ସ୍ଥଳସେନା, ନୌସେନା ଓ ବାୟୁସେନାର ଯବାନ ମାନେ ଏ ଦେଶର ସୁରକ୍ଷା, ଦେଶ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ତଥା ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିଥାନ୍ତି । ଭାରତ ମାଟିରେ ଆତଙ୍କବାଦର ସମ୍ପୂର୍ଣ୍ଣ ବିନାଶ ପାଇଁ ପ୍ରତିରକ୍ଷା ବିଭାଗ ସୁଚିନ୍ତିତ ଭିନ୍ନ ଭିନ୍ନ ଯୋଜନା ହାତକୁ ନେଇ ସଫଳ ହେଉଛନ୍ତି । ବର୍ତ୍ତମାନର ସ୍ଥିତି ଦେଖିଲେ ଜଣାଯାଏ ଭାରତର ପ୍ରତିରକ୍ଷା ବିଭାଗ ବରଂ ପୃଥିବୀର ଅନ୍ୟ କିଛି କିଛି ରାଷ୍ଟ୍ରର ପ୍ରତିରକ୍ଷା ବିଭାଗକୁ ତାଲିମ ଓ ପ୍ରଶିକ୍ଷଣ ଦେଉଛି । ଆମ ସମସ୍ତଙ୍କ ଭିତରେ ଦେଶମାତୃକାର ସମ୍ମାନ ବଜାୟ ରଖିବା ପାଇଁ ଏହି ଭୂଖଣ୍ଡକୁ ସୁରକ୍ଷା ଦେଉଥିବା ସେନାବାହିନୀର ପ୍ରତିଟି ଯବାନଙ୍କ ପାଇଁ ହୃଦୟରୁ ବିନମ୍ର ନିବେଦନ ।

ପ୍ରଭାତ କୁମାର ପତି, ଯାଜପୁର

# ଅସ୍ତିତ୍ୱ ଖୋଜୁଛି ବୃହତ୍ ବୃତ୍ତଙ୍ଗ ନଦୀ



ଦଶପଲ୍ଲା: ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରବାହିତ ହୋଇଥିବା ମନ୍ଦାକିନୀ, ଡାହୁକା, କୁସୁମି ଓ କୁଆଁରିଆ ନଦୀର ଆୟତନ ଓ ଉତ୍ପତ୍ତି ଉପରେ ନଜର ପକାଇଲେ ବୃତ୍ତଙ୍ଗ ହେଉଛି ସବୁଠାରୁ ବଡ଼। ଏହି ନଦୀ କନ୍ଧମାଳ ଜିଲ୍ଲାରୁ ଉତ୍ପତ୍ତି ହୋଇ

## ସୁରକ୍ଷା ପ୍ରତି ଦିଆଯାଉନି ଗୁରୁତ୍ୱ

ନୟାଗଡ଼ ଜିଲ୍ଲାର ଗଣିଆସ୍ଥିତ ଛାମୁଣ୍ଡିଆ ନିକଟରେ ଥିବା କଳାପାଟ ଠାକୁରାଣୀଙ୍କଠାରେ ମହାନଦୀ ସହ ମିଶିଛି। ଲୋକକଥା ଅନୁଯାୟୀ ସାରଳା ମହାଭାରତର ବନପର୍ବରେ ଉଲ୍ଲେଖ ଥିବା କନ୍ଧମାଳ ଜିଲ୍ଲା ଟିକାବାଲିର ବସ୍ତିଙ୍ଗିଆ ନିକଟବର୍ତ୍ତୀ ଅର୍ଜୁନ ଶରମରାଠାରେ କୁନ୍ତୀ ଓ ଦ୍ରୌପଦୀଙ୍କ ତୃଷା ମେଣ୍ଟାଇବା ପାଇଁ ଅର୍ଜୁନ ଶର ମାରି ଏକ ଜଳଉତ୍ସ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ଏହି ନଦୀ ବୀରତୁଙ୍ଗ ବା ବୃତ୍ତଙ୍ଗ ନାମରେ ପରିଚିତ ହୋଇଛି।

ସୁଦୀର୍ଘ ଏହି ବୃତ୍ତଙ୍ଗ ନଦୀରେ ଜିଲ୍ଲାର ବହୁ ପ୍ରତୀକ୍ଷିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ନିର୍ମାଣର ପରିକଳ୍ପନା କରାଯାଇଛି।

ମହାନଦୀର ବାଲିଶଯ୍ୟା ଭଳି ଏହି ନଦୀରେ ବାଲୁକା ଶଯ୍ୟାରେ ପରିପୂର୍ଣ୍ଣ ରହିଥିବା ବେଳେ ଏବେ ନଦୀ ଗର୍ଭରେ ଲଟାବୁଦା ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି ହେଲାଣି। ଦୁଇ ଜିଲ୍ଲା ଦେଇ ପ୍ରବାହିତ ନଦୀର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଶହଶହ ସଂଖ୍ୟାରେ ଗ୍ରାମବାସୀଙ୍କ ଏହା ହେଉଛି ଜୀବନରେଖା। ସ୍ନାନଶୌଚଠାରୁ ଆରମ୍ଭ କରି ପାନୀୟଜଳ, ଚାଷ ଜମିକୁ ଜଳସେଚନ ଆଦି କାର୍ଯ୍ୟପାଇଁ ଏହି ନଦୀ ସାହାରା ସାଜିଛି। ମାତ୍ର ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ହେବା ସାଙ୍ଗକୁ ମାଫିଆମାନେ ଅହରହ ନଦୀ ଗର୍ଭରୁ ବାଲି ଲୁଟି ଚାଲିଛନ୍ତି। ସରକାର ଏହି ନଦୀରୁ କୋଟିକୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ ଏହାର ସୁରକ୍ଷା ପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଏହି ନଦୀର ଉଭୟ ପାର୍ଶ୍ୱରେ କନ୍ଧମାଳ ଓ ନୟାଗଡ଼ ଜିଲ୍ଲାର ବଣ ଜଙ୍ଗଲଘେରା ଆଦିବାସୀ ବହୁଳ ଶହଶହ ଗ୍ରାମ ଅବସ୍ଥିତ। ବର୍ଷାଦିନେ ପାହାଡ଼ ପର୍ବତରୁ ନିର୍ଗତ ବର୍ଷାଜଳ ଏହି ନଦୀରେ ପ୍ରବାହିତ ହେବାସହ ଅନେକ ଛୋଟବଡ଼ ନାଳ ମଧ୍ୟ ସଂଯୋଗ ହୋଇଛି।

ଫଳରେ ବର୍ଷାଦିନେ ନଦୀରେ ପ୍ରବାହିତ ହେଉଥିବା ପ୍ରଖର ଜଳ ଅନେକ ଗ୍ରାମ ପାଇଁ ବିପଦ ସାଜୁଥିଲେ ମଧ୍ୟ ଅନ୍ୟ ସମୟରେ ବରଦାନ ସାଜିଥାଏ। ନଦୀକୂଳିଆ ଗ୍ରାମବାସୀ କିଏ ଚୁଆ କରି ପାଣି ବ୍ୟବହାର କରନ୍ତି ତ ପୁଣି କିଏ ଚାଷବାସ ପାଇଁ ବ୍ୟବହାର କରନ୍ତି। ମାତ୍ର ଧୀରେଧୀରେ ନଦୀଗର୍ଭରୁ ବାଲିଶୂନ୍ୟ ହେବାଦ୍ୱାରା ଜଳଧାରା ଶୁଖିଯାଇ ଜଙ୍ଗଲର ଭ୍ରମ ସୃଷ୍ଟି ହେଲାଣି। ଏହି ନଦୀର ସୁରକ୍ଷା ପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି।

# ସୁନ୍ଦରଗଡ଼ରେ କମୁଛି ଚାଷଜମି, ପ୍ରାଣୀସମ୍ପଦ ବିପଦରେ !



ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାରେ କମୁଛି ଚାଷଜମି। ଘରବାରିରେ ପରିବର୍ତ୍ତିତ ହେଉଛି । ଜମି ବ୍ୟବସାୟୀ ଶହଶହ ଏକର ଚାଷଜମିକୁ ପ୍ଲଟିଂ କରି ବଡ଼ବଡ଼ ସଂସ୍ଥାକୁ ଟେକି ଦେଉଛନ୍ତି। ଗଡ଼ି ଉଠୁଛି ଆପାର୍ଟମେଣ୍ଟ, ବ୍ୟବସାୟିକ ଅନୁଷ୍ଠାନ ଓ ଶିଳ୍ପ କାରଖାନା। ପୂର୍ବରୁ ଯେଉଁଠି ଚାଷ ହେଉଥିଲା, ସେଠି ଏବେ ବହୁତଳ ବିଶିଷ୍ଟ ପ୍ରାସାଦ ଛିଡ଼ା ହୋଇଛି। ଚାଷ କମୁଛି, କୃଷିଜାତ ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଚାଷୀଙ୍କ ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେଉଛି। ସମାନସ୍ଥିତି ଉପୁଜିଛି ଗୋଚର ଜମିରେ। ପୂର୍ବରୁ ପ୍ରାଣୀ ସମ୍ପଦ ପାଇଁ ଯେତିକି ଗୋଚର ଜମି ଥିଲା। ଏବେ ନାହିଁ, କେଉଁଠି ଜମିମାଫିଆଙ୍କ କବ୍‌ଜାକୁ ଚାଲିଗଲାଣି। ଅନ୍ୟ କେଉଁଠି ଠିଆ ହେଲାଣି ବ୍ୟବସାୟିକ ପ୍ରତିଷ୍ଠାନ। ଚାଷୀ ଓ ପ୍ରାଣୀସମ୍ପଦ ଉପରକୁ ମାଡ଼ିଆସୁଥିବା ବିପଦକୁ ରୋକିବାକୁ ସରକାର ଏବେଠୁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକ ରହିଛି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ରେ ମୋଟ ୩ .୨ ଲକ୍ଷ ହେକ୍ଟର ଚାଷ ଜମି ରହିଛି। ୧.୧୦ ଲକ୍ଷ ହେକ୍ଟର ରବି ଫସଲ ଓ ଅବଶିଷ୍ଟ ଜମିରେ ଖରିଫ ଚାଷ ହୋଇଥାଏ।

୨୦୨୧ରେ ସୁନ୍ଦରଗଡ଼ ଲାଠିକଟା, କୁଆରମୁଣ୍ଡା, ନୂଆଗାଁ ଓ ବିଶ୍ରା ବ୍ଲକରେ ମୋଟ ୮୪,୦୫୮ ହେକ୍ଟର ଚାଷ ଜମିଥିଲା। ଏବେ ଚାରି ବ୍ଲକରେ ମୋଟ ଚାଷ ଜମି ହେଉଛି ୭୦, ୭୪୦ ହେକ୍ଟର। ଅର୍ଥାତ୍ ? ୫ ବର୍ଷ ପରେ ୧୩ ହଜାର ୩୧୮ ହେକ୍ଟର ଚାଷ ଜମି କମିଛି। ଲାଠିକଟାରେ ୨୦୨୧ରେ ଥିଲା ୨୪, ୬୯୫ ହେକ୍ଟର ଚାଷ ଜମି। ଏବେ ଅଛି ୨୧, ୫୬୯। କୁଆରମୁଣ୍ଡାରେ ଥିଲା ୨୨,୫୧୬ ହେକ୍ଟର, ଏବେ ୧୯,୫୨୪ ହେକ୍ଟର। ନୂଆଗାଁରେ ୨୭,୪୮୩ ହେକ୍ଣର, ଏବେ ୨୨, ୩୯୫ ହେକ୍ଟର। ବିଶ୍ରାରେ ଥିଲା ୯,୩୬୪ ହେକ୍ଟର, ଏବେ ୭,୨୫୨ ହେକ୍ଟର। ୫ ବର୍ଷ ମଧ୍ୟରେ ଲାଠିକଟାରେ ୫,୧୨୬, କୁଆରମୁଣ୍ଡାରେ ୨,୯୯୨ ହେକ୍ଣର, ନୂଆଗାଁରେ ୫,୦୮୮ ହେକ୍ଟର ଓ ବିଶ୍ରାରେ ୨,୧୧୨ ହେକ୍ଟର ଚାଷ ଜମି କମିଛି।

ସେମିତି ବଣାଇ, ଲହୁଣିପଡା, କୋଇଡା ଓ ଗୁରୁଣ୍ଡିଆରେ ଗତ ୨୦୨୧ରେ ୬୪ ହଜାର ୯୮୮ ହେକ୍ଟର ଚାଷ ଜମିଥିଲା। ଏବେ ରହିଛି ୬୧ ହଜାର, ୧୦୪ ହେକ୍ଟର। ଅର୍ଥାତ୍ ? ୫ ବର୍ଷ ମଧ୍ୟରେ ୩ ହଜାର ୮୮୪ ହେକ୍ଟର ଚାଷ ଜମି କମିଛି। ବଣାଇରେ ଗତ ୫ ବର୍ଷ ମଧ୍ୟରେ ୨, ୨୧୧ ହେକ୍ଟର, ଲହୁଣିପଡାରେ ୬୦୮ ହେକ୍ଟର, କୋଇଡ଼ାରେ ୬୦୬ ହେକ୍ଟର ଓ ଗୁରୁଣ୍ଡିଆରେ ୪୫୯ ହେକ୍ଟର ଚାଷ ଜମି କମିଛି। ସେହି ସମାନସ୍ଥିତି ରାଜଗାଙ୍ଗପୁର, ଲେଫ୍ରିପଡ଼ା, ସବ୍ ?ଡେଗା, ବାଲିଶଙ୍କରା, ଟାଙ୍ଗରପାଲି, କୁତ୍ରା, ବଡ଼ଗାଁ , ହେମଗିରି ଓ ସୁନ୍ଦରଗଡ଼ ସଦର ବ୍ଲକରେ। କେବଳ ଚାଷ ଜମି ନୁହେଁ, ଗୋଚର ଜମିରେ ମଧ୍ୟ ସେହି ସମାନ ସମସ୍ୟା ଉପୁଜିଛି।

# ହସ୍ତାନ୍ତର ହୋଇପାରୁନି ସହରର ଦୁଇ ନବନିର୍ମିତ କଲ୍ୟାଣ ମଣ୍ଡପ

ଘୁ.ଉଦୟଗିରି : କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ୧ ନମ୍ବର ପଦାସାହି ଏବଂ ୪ ନମ୍ବର ୱାର୍ଡର ଶ୍ରୀରାମପଦା ଠାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଦୁଇଟି ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ କାମ ସମ୍ପୂର୍ଣ୍ଣ ହୋଇ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଖୋଲାଯାଇ ପାରୁନାହିଁ। ଏଥି ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଉଭୟ କଲ୍ୟାଣ ମଣ୍ଡପର ନିର୍ମାଣ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ହୋଇସାରିଛି। ୧ନଂ ୱାର୍ଡରେ ନିର୍ମିତ କଲ୍ୟାଣ ମଣ୍ଡପଟି ୩୦୦ ଲୋକଙ୍କ ପାଇଁ ନିର୍ମିତ ହୋଇଥିବା ବେଳେ ୪ନଂ ୱାର୍ଡରେ ନିର୍ମିତ କଲ୍ୟାଣ ମଣ୍ଡପ ଟି ୫୦୯ଲୋକଙ୍କ ପାଇଁ ଆଧୁନିକ ସୁବିଧା ସହ ନିର୍ମିତ ଏହି ମଣ୍ଡପଗୁଡ଼ିକୁ ଲୋକଙ୍କ ବିବାହ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବହୁତ ଉପଯୋଗୀ କିନ୍ତୁ ପରିତାପର ବିଷୟ ଏପର୍ଯ୍ୟନ୍ତ ଏହା ଔପଚାରିକ ଭାବେ ଏନ୍ ?ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର ହୋଇନଥିବାରୁ ବ୍ୟବହାର ଆରମ୍ଭ ହୋଇପାରୁନାହିଁ।ଏହାକୁ ନେଇ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଯେତେବେଳେ କାମ ସମ୍ପୂର୍ଣ୍ଣ ହୋଇସାରିଛି। ତେବେ କାହିଁକି ଏପର୍ଯ୍ୟନ୍ତ ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇପାରୁନାହିଁ। ବିଶେଷକରି ବିବାହ ଋତୁ ଆରମ୍ଭ ହେଉଥିବା ବେଳେ ଏପରି ମଣ୍ଡପର ଚାହିଦା ବହୁତ ଅଧିକ ରହିଥାଏ।



ବର୍ତ୍ତମାନ ଘୁ.ଉଦୟଗିରି ଅଞ୍ଚଳର ସାଧାରଣ ଲୋକମାନେ ବିବାହ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ପ୍ରାୟତଃ କେବଳ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ ଉପରେ ନିର୍ଭର କରୁଛନ୍ତି। ଏପରି ପରିସ୍ଥିତିରେ ନୂତନ ନିର୍ମିତ ଦୁଇଟି କଲ୍ୟାଣ ମଣ୍ଡପ ଚାଲୁ ହେଲେ ସାଧାରଣ ଲୋକଙ୍କୁ ବହୁତ ସୁବିଧା ମିଳିପାରିବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ସେପଟେ ବିଗତ ଦିନରେ ଜିଲ୍ଲାପାଳ ମଧ୍ୟ ଉକ୍ତ ମଣ୍ଡପଗୁଡ଼ିକୁ ପରିଦର୍ଶନ କରିଥିଲେ। ସେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ଯନ୍ତ୍ରୀଙ୍କୁ ଲାଇଟ୍, ଫ୍ୟାନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଠିକ୍ ଭାବରେ ଲାଗିଛି କି ନାହିଁ ଯାଞ୍ଚ କରିବାକୁ ପରାମର୍ଶ ଦେଇଥିଲେ।

ତେବେ ଏହାର ୪ ମାସ ପରେ ମଧ୍ୟ ହସ୍ତାନ୍ତର ପ୍ରକ୍ରିୟା ଅପୂର୍ଣ୍ଣ ରହିଥିବା ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସେପଟେ ଅନେକ ଲୋକ ଏହି ମଣ୍ଡପରେ କାର୍ଯ୍ୟକ୍ରମ କରିବା ପାଇଁ ଆସୁଥିଲେ ମଧ୍ୟ, ହସ୍ତାନ୍ତର ହୋଇନଥିବା କଥା ଜାଣି ନିରାଶ ହୋଇ ଫେରିଯାଉଛନ୍ତି। ଅଞ୍ଚଳବାସୀଙ୍କ ଦାବି ହେଉଛି, ଯଥାଶୀଘ୍ର ଉଭୟ କଲ୍ୟାଣ ମଣ୍ଡପକୁ ସମ୍ପୃକ୍ତ ବିଭାଗ ହସ୍ତାନ୍ତର କରି ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଖୋଲାଯାଉ, ଯାହାଦ୍ୱାରା ବିବାହ ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ ସୁବିଧାରେ ଆୟୋଜନ କରାଯାଇପାରିବ।

ଏନଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରତିକ୍ରିୟାରେ କହିଛନ୍ତି ଏହି କାର୍ଯ୍ୟଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହୋଇଛି କାର୍ଯ୍ୟ ସାରିବାର ଦୀର୍ଘ ମାସ ବିତିଗଲାଣି ଆମକୁ ହସ୍ତାନ୍ତର ହୋଇନି।

# କେବେ ନିର୍ମାଣ ହେବ ଘୁ.ଉଦୟଗିରି ବାଇପାସ୍ ରାସ୍ତା

ଘୁ.ଉଦୟଗିରି :କନ୍ଧମାଳ ଜିଲ୍ଲାର ପୁରାତନ ସହର ଘୁ.ଉଦୟଗିରି। ସହର ମଧ୍ୟଦେଇ ଯାଇଛି ରାଜ୍ୟ ରାଜପଥ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ଯାତାୟତ କରୁଛି। ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ସହରରୁ କଳାହାଣ୍ଡି, ରାୟଗଡ଼ା ପ୍ରଭୃତି ଜିଲ୍ଲାର ପ୍ରମୁଖ ସହରକୁ ମାଲବାହୀ ଟ୍ରକ୍, ଯାତ୍ରୀବାହୀ ବସ୍, ଚାରି ଚକିଆ ଯାନ ବହୁଳ ମାତ୍ରାରେ ସହର ଦେଇ ଯାତାୟତ ହେଉଥିବା ବେଳେ ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଲାଣି। ସହର ଦେଇ ଯାଇଥିବା ରାଜ୍ୟରାଜପଥ ଅଣଓସରିଆ ଥିବା ଯୋଗୁଁ ପ୍ରତ୍ୟେକ ଦିନ କିଛିନା କିଛି ଦୁର୍ଘଟଣା ଘଟୁଛି।

ସହରରେ ଲାଗିରହିଥିବା ଏଭଳି ଟ୍ରାଫିକ ସମସ୍ୟା ସାଙ୍ଗକୁ ଦୁର୍ଘଟଣାକୁ ନେଇ ସହରବାସୀଙ୍କୁ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟାକୁ ସରକାର ପ୍ରଶାସନ ନିକଟରେ ସହରବାସୀ ବିଭିନ୍ନ ସମୟରେ ଉଥାପନ କରିବା ସହ ରାଜ୍ୟ ସରକାରଙ୍କୁ ଲିଖିତ ଦାବି ପତ୍ର ପ୍ରଦାନ କରିଚାଲିଛନ୍ତି। ଘୁ.ଉଦୟଗିରି ସହରରେ ଏବି ବାଇପାସ ରାସ୍ତାର ଆବଶ୍ୟକତା ଅଛି ଏଣୁ ତୁରନ୍ତ ନିର୍ମାଣ କରାଯାଉ। କିନ୍ତୁ ରାଜ୍ୟ ସରକାର ସହରବାସୀଙ୍କ ଏହି ଦାବୀକୁ ଅଣଦେଖା କରିଆସୁଛନ୍ତି। ସହରବାସୀଙ୍କ ଦାବୀର ଯାଥାର୍ଥତା ଥିଲେ ମଧ୍ୟ ସରକାରୀ ଉଦାସୀନତା ଯୋଗୁଁ ସମସ୍ୟାରେ ଯୁଝି ହେଉଛନ୍ତି ସହରବାସୀ। ଏଭଳି ଦାବି ସାକାର କରିବାରେ ପ୍ରଶାସନିକ ଅବହେଳା ନା ରାଜନୈତିକ ନେତାଙ୍କ ଅପାରଗତା ଦାୟୀ ସାଧାରଣରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।



ଘୁ.ଉଦୟଗିରି ସହର ବାସୀଙ୍କ ବାଇପାସ ରାସ୍ତା ନିର୍ମାଣ ଦାବିର ଜଥାର୍ଥତାକୁ ଉପଲବ୍ଧି କରି ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକ, ସାଂସଦ ତୁରନ୍ତ ଏହି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିଛି। ୨୦୨୨ମସିହା ରେ ତତ୍କାଳୀନ ବିଧାୟକ, ପ୍ରଶାସନିକ ଅଧିକାରୀ ଘୁ.ଉଦୟଗିରି ସହରରେ ବାଇପାସ ରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ପୂର୍ତ୍ତ ବିଭାଗ ଯନ୍ତ୍ରୀ ନୂତନ ରାସ୍ତା ନିର୍ମାଣ ପାଇଁ ସର୍ଭେ କରିବା ସହ ରାଜସ୍ୱ ବିଭାଗ ର ସହଯୋଗ ଲୋଡ଼ିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯିବା ସହ ସ୍କେଚ ମ୍ୟାପ ପ୍ରସ୍ତୁତ କରାଯାଇ ପୂର୍ତ୍ତ ବିଭାଗ କୁ ପ୍ରଦାନ କରିବା ପରେ ପୁର୍ତ୍ତ ବିଭାଗ ଅଧିକାରୀ ରାସ୍ତା ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତ କରି ତାର ସମସ୍ତ ରୂପରେଖ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଯୋଜନା ଯୋଜନା ରେ ରହିଯାଇଛି।

ସରକାରୀ ନାଲିଫିତା ତଳେ ରହିଯାଇଛି ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ।ଇତି ମଧ୍ୟରେ ସରକାର ବଦଳି ଦୁଇବର୍ଷ ହେବ ହେଲେ କାର୍ଯ୍ୟର ନାଁ ଗନ୍ଧ ନାହିଁ। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ବାରମ୍ବାର ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ଦୌଡୁଛନ୍ତି ବାଇପାସ ରାସ୍ତା ନିର୍ମାଣ ପାଇଁ ହେଲେ କିଛି ସୁଫଳ ମିଳିନି। ଚଳିତ ବର୍ଷ ବଜେଟ ଆଗତ ହେବା ସହ ଦୁଇ ଦିନ ତଳେ ରାଜ୍ୟ ପୁର୍ତ୍ତ ବିଭାଗ ମନ୍ତ୍ରୀ ରାଜ୍ୟର ବିଭିନ୍ନ ସହରର ବାଇପାସ ରାସ୍ତା ନିର୍ମାଣ ପାଇଁ ସମୀକ୍ଷା କରିଛନ୍ତି ହେଲେ ଘୁ.ଉଦୟଗିରି ବାଇପାସ ରାସ୍ତାର ନାଁ ଗନ୍ଧ ନାହିଁ କୌଣସି ଥିରେ। ନା ବଜେଟରେ ନା ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ।

# ସରକାରଙ୍କ ନିୟମ ଭାଙ୍ଗୁଛି ସରକାରୀ ବିଭାଗ

ଭଦ୍ରକ: ସରକାରଙ୍କ ନିୟମ ଭାଙ୍ଗୁଛି ସରକାରୀ ବିଭାଗ । ଏମିତି କି ଚିଠି ପରେ ଚିଠି ଲେଖିଛି ବିଭାଗ, କିନ୍ତୁ ସବୁ ଜାଣି ବଡ଼ ବାବୁ ଚୁପ୍ । ଏ ହେଉଛି ଭଦ୍ରକ ଜିଲ୍ଲାର ଦୁଇଟି ବିଭାଗର କଥା। ଗୋଟିଏ ହେଉଛି କେନ୍ଦ୍ର ସରକାରଙ୍କ ଫୁଡ୍ କର୍ପୋରେସନ ଅଫ ଇଣ୍ଡିଆ ଓ ଅନ୍ୟଟି ରାଜ୍ୟ ସରକାରଙ୍କ ଆଞ୍ଚଳିକ ପରିବହନ ବିଭାଗ । ଫୁଡ୍ କର୍ପୋରେସନ ଅଫ ଇଣ୍ଡିଆର ଷ୍ଟୋରେଜ ଓ କଣ୍ଟ୍ରାକ୍ଟ ଡିଭିଜନ ଏକ ଚିଠି ସମସ୍ତ ରାଜ୍ୟର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ପଠା ଯାଇଛି, ଏହି ଚିଠିରେ ସ୍ୱଷ୍ଟ ଲେଖା ଯାଇଛି ଖାଦ୍ୟ ଶସ୍ୟ ଟ୍ରାନ୍ସପୋର୍ଟ ବେଳେ କମର୍ସିଆଲ ଗାଡ଼ିକୁ ଓଭର ଲୋଡ଼ିଂ ନ କରିବା ପାଇଁ ।

ଭିଜିଲାନ୍ସ ଡିଭିଜନ ଖାଦ୍ୟଶସ୍ୟ ପରିବହନ ବେଳେ ଗାଡ଼ିରେ ଓଭର ଲୋଡ ନେଇ ବାରମ୍ବାର ଅଭିଯୋଗ ପାଇବା ପରେ ଭାରତୀୟ ଖାଦ୍ୟ ନିଗମ ଏହି ଚିଠି କରିଥିଲା । କିନ୍ତୁ ଭଦ୍ରକ ଜିଲ୍ଲା ରାଣିତାଲ ଠାରେ ଥିବା ଭାରତୀୟ ଖାଦ୍ୟ ନିଗମ ରୁ ଚାଉଳ ପରିବହନ ବେଳେ ଏହି ନିୟମର ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଥିଲା । ଏକାଧିକ ଭେଲିଡିଟି ନଥିବା ଗାଡ଼ିରେ ଆବଶ୍ୟକତା ଠାରୁ ବହୁ ଓଜନର ଚାଉଳ ବସ୍ତା ରେଲୱେ ସାଇଡିଂକୁ ପରିବହନ ହେଉଛି । ତେବେ ଏହି ପରିବହନରେ ନିୟୋଜିତ ଅଛନ୍ତି ଏମିତି ଅନେକ ଟ୍ରକ୍ ମଧ୍ୟ ପରିବହନରେ ଲାଗିଛନ୍ତି। ଯେଉଁ ଗାଡ଼ିର ବୟସ ସମାପ୍ତ ହେବା ସହ ଇନ୍ସୁରାନ୍ସ , ଫିଟନେସ ମଧ୍ୟ ନାହିଁ । ଘଟଣାକୁ ନେଇ ଭଦ୍ରକ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ କହିଛନ୍ତି ଯେ ଆମେ ନିୟମିତ ଭାବେ ଚେକିଂ କରି ଧାର୍ଯ୍ୟ ଜୋରିମାନା କରୁଛୁ । ଏହି ଅଭିଯୋଗ ଆସିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି । ଗାଡ଼ି ଗୁଡ଼ିକର ତାଲିକା ମଧ୍ୟ ପ୍ରଦାନ କରାଯାଇଛି, ଖୁବ୍ ଶୀଘ୍ର ଗାଡ଼ି ଗୁଡ଼ିକୁ ଠାବ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭଦ୍ରକ ଆର୍ ଟି ଓ କହିଛନ୍ତି।

# ଏସ୍ଆଇଆର୍ ନେଇ ସର୍ବଦଳୀୟ ବୈଠକ

କେନ୍ଦୁଝର: ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ ଇଂଟେନସିଭ୍ ରିଭିଜନ (ଏସ୍ଆଇଆର) ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଜିଲ୍ଲାରେ ଏସ.ଆଇ.ଆର ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ତଥା ତ୍ରୁଟିଶୂନ୍ୟ କରିବା ନେଇ ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲାପାଳ ଏସ.ଆଇ.ଆର. ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରିକ ଭୋଟର ତାଲିକାର ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ । ଏଥିସହିତ ପ୍ରତିଟି ମତଦାତା କେନ୍ଦ୍ର ଗୁଡିକରେ ବୁଥ୍ ସ୍ତରୀୟ ଏଜେଂଟ (ବିଏଲଏ) ନିଯୁକ୍ତି କରି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ଦଳଗୁଡ଼ିକର ପ୍ରତିନିଧି ମାନଙ୍କୁ ନିବେଦନ କରିଥିଲେ । ଆଲୋଚନା ସମୟରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ଏସ.ଆଇ.ଆର. କାର୍ଯ୍ୟକ୍ରମକୁ ନେଇ ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ନୂତନ ଭୋଟରଙ୍କ ପଞ୍ଜୀକରଣ, ପ୍ରବାସୀ ଭୋଟରଙ୍କ ସମସ୍ୟା ଏବଂ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଭଳି ପ୍ରସଙ୍ଗରେ ଦଳଗୁଡ଼ିକ ପକ୍ଷରୁ ଗଠନମୂଳକ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର( ନିର୍ବାଚନ) ଅରୁଣିମା ସାହୁ, ଦୀନେଶ ପୂର୍ତି, ମିତାଲି ମଧୁସ୍ମିତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ପରିଡ଼ା, ଭାରତୀୟ ଜନତା ପାର୍ଟିର ପ୍ରକାଶ ସୂତ୍ରଧର, ବିଜୁ ଜନତା ଦଳର ପ୍ରମୋଦ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସର ସୁଦଳ କୁମାର ସେଠୀ, ଆମ ଆଦମୀ ପାର୍ଟିର ଭବାନୀଶଙ୍କର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁନାଗଡ଼ ପୁଲିସ୍କୁ ବଡ଼ ସଫଳତା


# ୪୪ ଚୋରି ବାଇକ୍ ଉଦ୍ଧାର, ୬ ଅଭିଯୁକ୍ତ ଗିରଫ



ଭବାନୀପାଟଣା,(ପିପିଏସ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପୋଲିସକୁ ମିଳିଛି ବଡ଼ ସଫଳତା। ବୁଧବାର ଏକ ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ କରି ୪୪ଟି ଚୋରି ବାଇକ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ୬ ଜଣକୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜୁନାଗଡ଼ (ଗନ୍ତାୟତପଡା) ସୁରଜ କୈବର୍ତ୍ତ (୧୮), ପବନ କୈବର୍ତ୍ତ (୨୩), ଆକାଶ କୈବର୍ତ୍ତ(୧୯), ହିଞ୍ଜଲିବାହାଲି ପଡାର ଆଲୋକ ବାରିକ (୧୯), ମୁଣ୍ଡରାଗୁଡାର ଚାନ୍ଦ ନାଏକ(୨୧) ଓ ଭବାନୀପାଟଣା ନକଟିଗୁଡାର ସମୀର ଦୁର୍ଗା (୨୨) । ଏ ନେଇଁ ବୁଧବାର ଜୁନାଗଡ଼ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସପି ନାଗରାଜ ଦେବର କୋଣ୍ଡା ସୂଚନା ଦେଇଛନ୍ତି। ଗତ ୧୩ ତାରିଖରେ ଜୁନାଗଡ଼ ଥାନାରେ ଏକ ବାଇକ୍ ଚୋରି ନେଇଁ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ଏହାପରେ ଉପରୋକ୍ତ ବାଇକ ସବୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଚୋରି ବାଇକ ଗୁଡିକ ଜୁନାଗଡ଼ ଥାନା ସମେତ ଜିଲ୍ଲାର ଧର୍ମଗଡ଼, କୋକସରା, ଆମପାଣି ଓ ଗୋଲାମୁଣ୍ଡା ଥାନା ଅଞ୍ଚଳର ବୋଲି ଜଣାପଡିଛି। ଖବରଦାତା ସମ୍ମିଳନୀରେ ଏସପିଙ୍କ ସହ ଧର୍ମଗଡ଼ ଏସଡିପିଓ ଭର୍ଷିତା ଆଡ୍ଡାପୁ ଏବଂ ଜୁନାଗଡ଼ ଥାନା ଆଇଆଇସି ଶେଷଦେବ ବେହେରା ଉପସ୍ଥିତ ଥିଲେ। ଏସପି ଦେବରକୋଣ୍ଡା ନିଜ ପ୍ରତିକ୍ରିୟାରେ ଜୁନାଗଡ଼ ପୋଲିସର କାର୍ଯ୍ୟକୁ ପ୍ରଶଂସା କରିବା ସହ ଏହି ଗ୍ୟାଙ୍ଗ ବହୁଦିନରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାଇକ୍ ଚୋରି କରି ବିକ୍ରି କରୁଥିଲେ। ଏସବୁ ଥାନା ଗୁଡିକରେ ପୂର୍ବରୁ ବାଇକ୍ ଚୋରି ନେଇ ଏକାଧିକ ମାମଲା ରୁଜୁ ହୋଇଥିଲା। ଉଦ୍ଧାର ବାଇକ୍ ଗୁଡ଼ିକୁ ଯଥାଶୀଘ୍ର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।



# ଲୋ-ଭୋଲଟେଜ୍ ସହ ବିଦ୍ୟୁତ କାଟ୍ ଅସହ୍ୟ ଗୁଳୁଗୁଳିରେ ଲୋକେ ଛଟପଟ



ବିଦ୍ୟୁତ ସଂଯୋଗରେ ବିଳମ୍ବ ନେଇ ତୀବ୍ର ଅସନ୍ତୋଷ

ବୌଦ୍ଧ(ପିପିଏସ୍) : ମଙ୍ଗଳବାର ରାତି ୯.୩୦ ରୁ ରାତି ୨.୩୦ ଯାଏଁ ଲାଇନ୍ ନଥିବାରୁ ଏବଂ ମରାମତିରେ ବିଳମ୍ବ ହେତୁ ଅସନ୍ତୋଷ ଜାହିର୍ କରିଛନ୍ତି ବୌଦ୍ଧ ସଦର ମହକୁମା ବଗିଚା ସାହିର ବିଦ୍ୟୁତ୍ ଉପଭୋକ୍ତା। ଟାଟା ପାୱାର ଜନଜୀବନକୁ ବାରମ୍ବାର ଅସ୍ତବ୍ୟସ୍ତ କରୁଛି ବୋଲି ଅଭିଯୋଗ କରିଛନ୍ତି। ଆବଶ୍ୟକୀୟ କର୍ମଚାରୀ ନିଯୋଜିତ ନ କରିବାରୁ ବିଦ୍ୟୁତ୍ ଉପଭୋକ୍ତା ହଇରାଣ ହରକତ ହେଉଛନ୍ତି। ବୌଦ୍ଧଜିଲ୍ଲାରେ ରୌଦ୍ର ତାପ ଶୀର୍ଷରେ ରହିଥିବା ବେଳେ ଟାଟା ପାୱାରର ବେଖାତିର ମନୋଭାବ ଉପଭୋକ୍ତାଙ୍କ ମନରେ ତୀବ୍ର ପ୍ରତିକ୍ରିୟା ଓ ଗଭୀର ଭାବାନ୍ତର ସୃଷ୍ଟି କରିଛି। ଗତ ରାତି ବିଳମ୍ବିତ ପ୍ରହର ଯାଏଁ ବଗିଚାସାହି ଅଧିବାସୀ ରାସ୍ତାରେ ବୁଲୁ ଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ଟାଟା ପାୱାର ବିଦ୍ୟୁତ୍ ସଂଯୋଗରେ ଅହେତୁକ ବିଳମ୍ବ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବଗିଚାସାହିବାସୀ ପ୍ରକାଶ କରିଛନ୍ତି ଏବଂ ବାରମ୍ବାର ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ର ସ୍ଥାୟୀ ସମାଧାନ କରିବା ପାଇଁ ବୌଦ୍ଧ ଜିଲ୍ଲାପାଳଙ୍କୁ ଭେଟି ଭୋଗୁଥିବା ଯନ୍ତ୍ରଣା ଓ ସମସ୍ୟା ଉପରେ ସବିଶେଷ ଆଲୋଚନା କରିବେ ବୋଲି ସ୍ଥାନୀୟ ଅଧିବାସୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# ମହିଳା ବିକାଶ ପରିଷଦର ରୌପ୍ୟଜୟନ୍ତୀ ଉପଲକ୍ଷେ ହୁଳହୁଳି ପ୍ରତିଯୋଗିତା

ବଲାଙ୍ଗିର(ପିପିଏସ୍) : ମହିଳା ବିକାଶ ପରିଷଦର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଆଜି ମାଲପଡା ରାମସ୍ୱାମୀ ମନ୍ଦିରରେ କେବଳ ମହିଳା ମାନଙ୍କୁ ନେଇ ଏକ ହୁଳହୁଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଭାପତି ସୁଶ୍ରୀ ସଂଯୁକ୍ତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଲପଡା ରାମସ୍ୱାମୀ ମହିଳା କମିଟିର ସଭାପତି ପଦ୍ମିନୀ ଗୁରୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ନିରୀକ୍ଷଣ କରିବା ପାଇଁ ନିରୀକ୍ଷକ ଭାବରେ, ସୁଶ୍ରୀ ରାଜଶ୍ରୀ ତ୍ରିପାଠୀ, ନିହାରିକା ମିଶ୍ର ଯୋଗ ଦେଇଥିଲେ। ସମସ୍ତଙ୍କ ସୁନ୍ଦର ଅଭିଭାଷଣରେ ସୁନ୍ଦର ଉପଦେଶ ଥିଲା। ଆମର ମହିଳା ମାନଙ୍କ ବଂଶାନୁକ୍ରମିକ ପରମ୍ପରା ଏବେ ବି ଜୀବିତ, ଏଥିରେ ୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ପ୍ରଥମ ପୁରସ୍କାର ଚନ୍ଦନା ତ୍ରିପାଠୀ, ଗାଇସିଲେଟ ଦ୍ୱିତୀୟ ପୁରସ୍କାର ସୁଭଦ୍ରା ଷଡଙ୍ଗୀ, ଟିକ୍ରାପଡା ତୃତୀୟ ପୁରସ୍କାର ଶସ୍ମିତା ମେହେର, ଠିକାଦାରପଡା ପାଇଥିଲେ। ମୁଖ୍ୟ ଆକର୍ଷଣ ଥିଲା, ଏଥିରେ ନଅ ବର୍ଷର ଦୁଇ ଜଣ ବାଳିକା ଏକଂକ୍ଷଶୀ ପଣ୍ଡା, ମାଲପଡା ପ୍ରଥମ ଓ ସ୍ୱାତିକା ମିଶ୍ର, ମାଲପଡା ଦ୍ୱିତୀୟ ସ୍ଥାନ ରଖି ପ୍ରଶଂସନୀୟ ହୋଇଥିଲେ। ଆସନ୍ତା ୨୭ ତାରିଖରେ ରୌପ୍ୟ ଜୟନ୍ତୀ ଉତ୍ସବରେ ଟାଉନ ବାଳିକା ବିଦ୍ୟାଳୟରେ ତାଙ୍କୁ ପୁରସ୍କୃତ କରାଯିବ। ୨୦ ତାରିଖରେ କଲେଜ ଛକରେ ଥିବା କଲ୍ୟାଣ ମଣ୍ଡପରେ ମ୍ୟୁଜିକାଲ ଚେୟାର ଓ ଶଙ୍ଖ ବଜାଇବା ପ୍ରତିଯୋଗିତା ମହିଳା ମାନଙ୍କର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ରଂଜିତା ମିଶ୍ର ପରିଚାଳନା କରିଥିଲେ ଓ ଓକିଲ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖଇରପୁଟରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ମାଲକାନଗିରି : ଖଇରପୁଟ ବ୍ଲକ ପୋଡ଼ାଘାଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମି ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୀତମ ଦେବତା ପରିଚାଳନା କରିଥିବା ବେଳେ ବ୍ଲକର ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୬୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା, ଯେଉଁଥିରେ ୧୦ ଟି ବ୍ୟକ୍ତିଗତ ଏବଂ ୫୯ ଟି ଗ୍ରାମ ଭିତିକ ସମସ୍ୟା ରହିଥିଲା। ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପମାନ ଆୟୋଜନ କରାଯାଇଥିଲା। ଏଥିରେ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ମଧୁବାବୁ ପେନସନ ଯୋଜନାରେ ନୂତନ ଭତା ମଞ୍ଜୁର, ଜମି ପଟ୍ଟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନକୁ ଲୋକଙ୍କ ଘର ଦୁଆରମୁହଁରେ ପହଂଚାଇବା ଆମର ମୁଖ୍ୟ ଲକ୍ଷ୍ୟ, ଯଦ୍ୱାରା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରୀ ସେବାର ସୁଫଳ ପାଇପାରିବେ ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ। ପ୍ରଶାସନର ଏହି ପଦକ୍ଷେପକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ପ୍ରଶାସନକୁ ନିଜ ଦୁଆର ମୁହଁରେ ପାଇ ପୋଡ଼ାଘାଟ ଓ ଆଖପାଖ ଅଂଚଳର ଜନସାଧାରଣ ଖୁବ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ମତରେ, ପୂର୍ବରୁ ସାମାନ୍ୟ କାମ ପାଇଁ ଜିଲ୍ଲା ସଦର ମହକୁମାକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ ବଡ଼ ବଡ଼ ଅଧିକାରୀମାନେ ଗାଁକୁ ଆସି ସମସ୍ୟା ଶୁଣୁଥିବାରୁ ସେମାନେ ଅନେକ ସମୟ ଓ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି। ଅନୁରୂପ ଭାବେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଏବଂ ସଦର ମହକୁମାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ସଫଳତାର ସହ ସମ୍ପନ୍ନ ହୋଇଛି।

# ଅଖିଳ ଅଘରିଆ ସମାଜର ବୈଠକ

ଝାରସୁଗୁଡ଼ା : କୋଲାବିରା ବ୍ଲକ ଭାଲୁମାଲ ଶିବ ମନ୍ଦିର ମଣ୍ଡପରେ ଅଖିଳ ଅଘରିଆ ସମାଜ ଆଂଚଳିକ ଲଇଡ଼ା ସମିତିର ବୈଠକ ଅନୁଷ୍ଠିତ ହୋଇଛି। ଆଂଚଳିକ ଲଇଡ଼ା ସଭାପତି ବିନୟ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମାଜର ସାମଗ୍ରିକ ବିକାଶ, ପରମ୍ପରା, ସମାଜର ରୀତିନିତି, ନିୟମ ପାଳନ, ଅନ୍ୟ ଜାତି ବିବାହ ବିଷୟରେ ଆଲୋଚନା ସହ ଗତ ଫେବୃୟାରୀ ମାସରେ ତାଲମୁଣ୍ଡାରେ ହୋଇଥିବା ୧୧ତମ ପ୍ରାଦେଶିକ ମହାସମ୍ମିଳନୀ ସଭାର ଆୟ ବ୍ୟୟ ସମସ୍ତଙ୍କୁ ଅବଗତ କରାଯାଇଥିଲା। ବୈଠକରେ ଉପଦେଷ୍ଟା ନରେଶ ନାଏକ, ଚେତାନନ୍ଦ ପଟେଲ, କେନ୍ଦ୍ର ସମ୍ପାଦକ ସନାତନ ନାଏକ, ଉ ସଭାପତି ଅଶୋକ ପଟେଲ, ଯୁବ ସଭାପତି ପିତବାସ ପଟେଲ, ନାରୀ ନେତ୍ରୀ ରୀନା ପଟେଲ, ସମା ସିଂହା ମଣ୍ଡଳ ସଭାପତି ବିନୋଦ ପଟେଲ, ଗାଙ୍ଗପୁର ଆଂଚଳିକ ଉପଦେଷ୍ଟା ପ୍ୟାରିମୋହନ ପଟେଲ ସହ ସମସ୍ତ ଗୁଡି, ମଣ୍ଡଳ, ଆଂଚଳିକ ସମିତିର ସଭାପତି, ସମ୍ପାଦକ, ସଭ୍ୟ ମାନେ ଉପସ୍ଥିତ ଥିଲେ। ପାଇକପଡ଼ା ଗୁଡ଼ିର ସଭାପତି ହର ନାଏକ ଅନ୍ୟବାଦ ଦେଇଥିଲେ।

# ଲୁଟ୍ ମାମଲାରେ ୩ ଗିରଫ

ଜୟପୁର: ଜୟପୁର ଗାନ୍ଧୀଛକ ଠାରୁ କେନାଲ ଯିବା ରାସ୍ତାରେ ଏକ ମହିଳାଙ୍କ ଠାରୁ ଲୁଟ କରିଥିବା ମାମଲାରେ ଆଜି ଟାଉନପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ୩ଜଣ ହେଲେ ବାପୁଜୀ ନଗର ଅଂଚଳର ପୂର୍ଣ୍ଣ ଖରା, ସନ୍ତୋଷ ବେନିଆ, କୋସିଲୋ ଖରା। ପୁଲିସ ସୂଚନା ଅନୁଯାୟୀ ଗତ୮ ତାରିଖରେ ବିକାଶ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ଦୁଇଜଣ ଯିବା ସମୟରେ କେନାଲ ରୋଡରେ ହଠାତ ୪ଜଣ ଯୁବକ ଗାଡିକୁ ଅଟକାଇ ୧୦ ହଜାର ଟଙ୍କା ମାଗିଥିଲେ। ଅଧ୍ୟାପକ ଜଣକ ଫୋନ ପେ କରିଦେବି ବୋଲି କହିବା ପରେ ଅଭିଯୁକ୍ତ ମାନେ ମନା କରି ସେମାନଙ୍କୁ ନଗଦ ଟଙ୍କା ଦେବା ପାଇଁ କହିଥିଲେ। ନିକଟସ୍ଥ ପେଟ୍ରୋଲ ପମ୍ପରୁ ଅଧ୍ୟାପକ ଜଣକ ଟଙ୍କା ଆଣିବା ଭିତରେ ୪ଜଣ ଅଭିଯୁକ୍ତ ଅଧ୍ୟାପିକାଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ଲୁଟି ନେଇଥିଲେ। ଏନେଇ ଟାଉନଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଆଜି ଟାଉନ ପୁଲିସ ଏହି ମାମଲାର ୩ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଏକ ଅଭିଯୁକ୍ତ ଫେରାର ରହିଛି ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି।

# ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାର ପର୍ଦ୍ଦାଫାସ ସୁନା ରୁପା ଗହଣା ଜବତ, ସ୍ୱାମୀ ସ୍ତ୍ରୀ ସହିତ ଜଣେ ଦୁର୍ବୃତ୍ତ ଗିରଫ

ଜୟପୁର: କୁମୁଲି ଜଗନ୍ନାଥ ମନ୍ଦିର ଓ ବିଡିଗାଁରେ ଘରୁ ଚୋରି ଘଟଣାର ଖୁଲାସା କଲା ବି ସିଂହପୁର ପୁଲିସ । ବୋରିଗୁମ୍ମା ବିସିଂପୁର ଥାନା ଅଂଚଳରୁ କୁମୁଲି ନୂତନ ଜଗନ୍ନାଥ ମନ୍ଦିର ଏବଂ ଘର ଚୋରି ମାମଲାର ପର୍ଦ୍ଦାଫାସ କରିଛି ବିସିଂପୁର ପୁଲିସ। ଆଜି ଏକ ପ୍ରେସ ସମ୍ମିଳନୀରେ ବୋରିଗୁମ୍ମା ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ଗତ ଏପ୍ରିଲ୍ ୧୪ ତାରିଖରେ ବିଳମ୍ବିତ ରାତିରେ କୁମୁଲି ଗ୍ରାମର ନୂତନ ଜଗନ୍ନାଥ ମନ୍ଦିରରୁ ଦୁର୍ବୃତ୍ତ ହୁଣ୍ଡି ଭାଙ୍ଗି ନଗଦ ଲକ୍ଷାଧିକ ଟଙ୍କା ଏବଂ ଠାକୁରଙ୍କ ବ୍ୟବହାର ସୁନା ରୁପା ଅଳଙ୍କାର ଲୁଟି ନେଇଥିଲେ ଏବଂ ପ୍ରମାଣ ନଷ୍ଟ କରିବା ପାଇଁ ସିସିଟିଭି ହାର୍ଡ ଡିସ୍କକୁ ନେଇ ଯାଇଥିଲେ। ଏ ସମ୍ପର୍କରେ ବିସିଂପୁର ଥାନାରେ ଏତଲା ଦେଇଥିଲେ ଗ୍ରାମବାସୀ। ସେହିପରି ଗତ ମାସ ୨୩/୪/୨୬ ତାରିଖରେ ବୋଡିଗାଁ ରେ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ ମାନେ ସୁନା ରୁପା ଗହଣା ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ମଧ୍ୟ ବିସିଂପୁର ଥାନାରେ ଅଭିଯୋଗ ହୋଇଥିଲା। କୋରାପୁଟ ଏସ୍ପି ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଛାନଭିନ ଆରମ୍ଭ କରିଥିଲେ। ୧୮/୫/୨୬ ତାରିଖରେ କୌଣସି ସୂତ୍ରରୁ ଖବର ପାଇଥିଲେ କି ଲାଠିକଟା ଏବଂ ଭାଲୁମହଲ ଜଙ୍ଗଲ ମଧ୍ୟରେ କିଛି ଅଜଣା ବ୍ୟକ୍ତି ମାରଣାସ୍ତ୍ର ନେଇ ସନ୍ଦେହଜନକ ଭାବେ ବୁଲୁଛନ୍ତି। ସଙ୍ଗେ ସଙ୍ଗେ ବିସିଂପୁର ପୋଲିସ ଚଢ଼ଉ କରି ସ୍ୱାମୀ ସ୍ତ୍ରୀଙ୍କ ସହିତ ଜଣେ ଦୁର୍ବୃତକୁ କାବୁ କରିଥିଲେ । ଅନ୍ୟ ମାନେ ଚମ୍ପଟ ମାରିଥିଲେ। ପଚରାଉଚରା ପରେ ମନ୍ଦିର ଚୋରି ଏବଂ ଘରୁ ଚୋରି କରିଥିବା ପୋଲିସକୁ କହିଥିଲେ। ପୋଲିସ ସେମାନଙ୍କ ଠାରୁ ୫୦୦ ଗ୍ରାମ ରୁପା, ୧ ତୋଳା ସୁନା, ୨୬୦ ଗ୍ରାମ ରୁପା, ସାଳଗ୍ରାମ, ରୁଦ୍ରାକ୍ଷ, କିଛି ପୁରୁଣା କଏନ, ପୁରୁଣା ନୋଟ, ଚୋରି କରିବା ପାଇଁ ବ୍ୟବହାର କରୁଥିବା ତିନି ଗୋଟି ବାଇକ, ଖଣ୍ଡା, ଛୁରୀ, ଲୁହା ଛଡ଼, ଲଙ୍କା ଗୁଣ୍ଡ ଏବଂ ଦୁଇଟି ମୋବାଇଲ ଓ ୩ ଟି ବାଇକ୍ ଜବତ କରିଛି । ଗିରଫ ହୋଇଥିବା ସ୍ୱାମୀ ସ୍ତ୍ରୀ ହେଲେ ନନ୍ଦିନୀ ଦାସ ଓରଫ ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ସୁରେଶ ଦାସ ଓ ଅନ୍ୟ ଜଣେ ଦୁର୍ବୃତ ହେଲେ ହେବେଲ ଖୋସଲା। ଗିରଫ କରି ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ଏବଂ ଏହି ଚୋରି ଗ୍ୟାଙ୍ଗ ର ମାଷ୍ଟର ମାଇଣ୍ଡକୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସମ୍ବଲପୁର: ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବିବିଏସଏ ଅନ୍ତର୍ଗତ ଏକ ଦିନିଆ ଶିବିର ଜୁଜୁମୁରା ଆର୍ଏମ୍ସି ପଡିଆଠାରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୭୬ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସ୍ନାତକ କରାଯାଇ ସେମାନଙ୍କର ଅସମର୍ଥାତା ପ୍ରତିଶତ ନିର୍ଣ୍ଣୟ କରାଯାଇଛି। ଏଥିରେ ୮୫ ଜଣ ଶାରିରୀକ ଅକ୍ଷମ, ୧୨ ଜଣ ଦୃଷ୍ଟିବାଧିତ, ୨୩ ଜଣ ବଧିର, ୧୫ ଜଣ ସିକଲ୍ ସେଲ୍ ରୋଗୀ ଏବଂ ୪୧ ଜଣ ବୁଦ୍ଧିଗତ ଅକ୍ଷମତା ବ୍ୟକ୍ତି ଚିହ୍ନଟ ଓ ସର୍ଟିଫାଇଡ ହୋଇଛନ୍ତି। ଜୁଜୁମୁରା ଖଣ୍ଡର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ଏହି ଶିବିରରେ ଯୋଗଦେଇ ତାଙ୍କର ବିଶେଷଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ପୂର୍ଣ୍ଣ ଯାଞ୍ଚ କରାଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର ରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନଙ୍କ ଟିମ୍ ଦ୍ୱାରା ଏହି ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କର ଯାଞ୍ଚ, ପରୀକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟ ସଂପାଦିତ ହୋଇଛି। ଯାଞ୍ଚ ପରେ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ସନଦ ଓ ପ୍ରତିଶତ ନିର୍ଣ୍ଣୟ ପତ୍ର ପ୍ରଦାନ କରାଯାଇଛି। ଶିବିରରେ ବିଭିନ୍ନ ସହାୟକ ସାମଗ୍ରୀ ମଧ୍ୟ ବଣ୍ଟନ କରାଯାଇଛି। ଏପର୍ଯ୍ୟନ୍ତ ୫ ଟି ହୁଇଲ ଚେୟାର ଓ ୨ ଟି ଶ୍ରବଣ ଯନ୍ତ୍ର ଯୋଗ୍ୟ ଲାଭାନ୍ୱିତମାନଙ୍କୁ ଦିଆଯାଇଛି। ଏହି କାର୍ଯ୍ୟକ୍ରମଟି ଜୁଜୁମୁରା ବ୍ଲକ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଜିଲ୍ଲା ସମ୍ବଲପୁର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାନୁସାରେ ଓ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ସମ୍ବଲପୁରଙ୍କ ସହ ଯୋଗ ସମନ୍ୱୟରେ ଆୟୋଜିତ ହୋଇଥିଲା।

# ଗୌଁଡ଼ ସାଂସ୍କୃତିକ ସମାଜ ତରଫରୁ ବନ୍ଧୁମିଳନ

କେନ୍ଦୁଝର: ରାଇପାଳ ପଲ୍ଲୀ ଅନ୍ତର୍ଗତ ରାଇପାଳ ଗ୍ରାମରେ ଗୌଁଡ଼ ସାଂସ୍କୃତିକ ସମାଜ କେନ୍ଦୁଝର ଓଡ଼ିଶା (ରାଜ୍ୟ ଗୌଡ଼ ସାଂସ୍କୃତିକ ସମାଜ ଦ୍ୱାରା ଅନୁବନ୍ଧିତ) ତରଫରୁ ଏକ ବନ୍ଧୁ ମିଳନ ସଭା ଅନୁଷ୍ଠିତ ହୋଇ ଥିଲା। ଉକ୍ତ ସଭାକୁ ରାଇପାଳ ପଲ୍ଲୀ, ବାଂଶଗଡ ପଲ୍ଲୀ, ମଧୁବନ ପଲ୍ଲୀ ଓ ଓସୁପୁରା ପଲ୍ଲୀର କର୍ମକର୍ତ୍ତାମାନେ ଆୟୋଜନ କରିଥିଲେ। ନୂତନ ଜିଲ୍ଲା କମିଟି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭହୋଇଥିଲା। ବାଂଶଗଡ ପଲ୍ଲୀର ବିଦ୍ୟାଧର ନାଏକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଲିନା ନାଏକ ଫୁଲ ତୋଡା ଓ ଉପଢୌକନ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବର୍ତ୍ତମାନ ନୂତନ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ସଭାରେ ବକ୍ତାଗଣ ନିଜ ନିଜ ମତାମତ ଉପସ୍ଥାପନା କରିଥିଲେ। କୁନି ଝିଅ ମାନେ ନୃତ୍ୟ ପରିବେଷଣ କରି ଅତିଥି ମାନଙ୍କୁ ଆପ୍ୟାୟିତ କରିଥିଲେ। ଆନନ୍ଦପୁର ବ୍ଲକ୍ ସଭାପତି ଭାବେ ବାଂଶଗଡର ଅଜୟ କୁମାର ନାଏକ ଙ୍କୁ ନିର୍ବାଚିତ କରାଗଲ ଗଲା। ଆନନ୍ଦପୁର ବ୍ଲକର ଯୁବ ସଂଗଠନ ସଭାପତି ଭାବେ ରାଇପାଳ ଗ୍ରାମର ଶଶୀଭୂଷଣ ନାଏକ (ମୁନା)ଓ ନାରୀ ସଶକ୍ତିକରଣ ସଭାପତି ଭାବେ ଶଙ୍କିରୀ ନାଏକଙ୍କୁ ନିର୍ବାଚିତ କରାଗଲା ଓ ଉକ୍ତ ସଭାରେ ନୂତନ ଜିଲ୍ଲା କମିଟି ଉପଦେଷ୍ଟା ଶ୍ରୀ ହରେକୃଷ୍ଣ ନାୟକ, ଜିଲ୍ଲା ସଦସ୍ୟ ଶ୍ରୀ ସୁଶାନ୍ତି ନାଏକ, ଜିଲ୍ଲା ସଦସ୍ୟା ପୂର୍ଣ୍ଣିମା ନାଏକ, ପୁରୁନ୍ଦୁଣ୍ଡା ପଲ୍ଲୀ ସଭାପତି ବ୍ରହ୍ମାନନ୍ଦ ଦେହୁରୀ, ସମ୍ପାଦକ ଉମେଶ ସିଂ, ଢେଙ୍କିକୋଟ ପଲ୍ଲୀ ସମ୍ପାଦକ ବୃଷକେତୁ ନାୟକ, ମାଧପୁର ପଲ୍ଲୀ ସଭାପତି ଚନ୍ଦ୍ରଶେଖର ନାୟକ, ରାଇପାଳ ପଲ୍ଲୀ ପୂର୍ବତନ ସଭାପତି ରବିନାରାୟଣ ନାଏକ, ବାଂଶଗଡ଼ପଲ୍ଲୀର ଇଶ୍ୱର ଚନ୍ଦ୍ର ନାଏକ, ନିରଞ୍ଜନ ନାଏକ, ମୟୂରଭଞ୍ଜ ଧାଡିକିଡିହା ସରପଂଚ କରୁଣାକର ନାୟକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ମା'ମାଉସୀ ତଥା ଭାଇ ଭଉଣୀ ମାନେ ଯୋଗ ଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଝାରସୁଗୁଡ଼ା ରେଳଷ୍ଟେସନରେ ଅବକାରୀ ଚଢ଼ଉ

# ୧୭ କେଜି ଗଞ୍ଜେଇ ଜବତ, ମହାରାଷ୍ଟ୍ରର ୨ ଯୁବକ ଗିରଫ

ଝାରସୁଗୁଡା: ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଝାରସୁଗୁଡା ରେଳଷ୍ଟେସନ ଅଞ୍ଚଳରେ ଚାଲିଥିବା ବିଶେଷ ଚଢ଼ଉ ସମୟରେ ୧୭ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ମହାରାଷ୍ଟ୍ର ରାଜ୍ୟର ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ଦଳ ପକ୍ଷରୁ ଝାରସୁଗୁଡା ରେଳଷ୍ଟେସନ ନିକଟରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ସନ୍ଦେହଜନକ ଭାବେ ଯାଉଥିବା ଦୁଇ ଜଣଙ୍କ ନିକଟରୁ ୧୭ କେଜି ଗଞ୍ଜେଇ ଜବତ ହୋଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ରର ନୀତେଶ ହୋମେଚାନ୍ଦ ମଂଜଡ଼ ଓ ଶୁଭମ ଶ୍ୟାମ ପରଡେ । ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ଖୀରୋଦ ଦାସ, ଉପ-ନିରୀକ୍ଷକ ବନମାଳୀ ନାଏକ, ସହ-ଉପ-ନିରୀକ୍ଷକ ନୀଳିମା କେର୍କେଟା ସହିତ ସିପାହୀ ବେଣୁଧର ପାଣ୍ଡେ, କୁନାଲ ସାହୁ ଓ ପୂଜା ଡନସେନା ସାମିଲ ଥିଲେ । ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠି ଜିଲ୍ଲାରେ ଅବୈଧ ନିଶା କାରବାର ବିରୋଧରେ ଚଢ଼ଉକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ନକଲି ଦେଶୀ ମଦ ଜବତ

ମାଲକାନଗିରି : କୁଡୁମୁଲୁଗୁମ୍ମା ସ୍ଥିତ ଦେଶୀ ମଦ ଭାଟି ନିକଟରେ ଗୋଟିଏ ଅଟୋ ରେଜିଷ୍ଟ୍ରେସନ ନମ୍ବର - ଓଡି୧୦ୱାଇ ୮୦୫୧ ଯୋଗେ ଗତକାଲି ରାତ୍ରରେ ବାଲିମେଳା ଭାଟିରୁ କୁଡୁମୁଲୁଗୁମ୍ମା ଦେଶୀ ଭାଟିରେ ଅନଲୋଡ କରିବାକୁ ଆସିଥିବା ବେଳେ କିଛି ସ୍ଥାନୀୟ ବାସିନ୍ଦା ଉକ୍ତ ବିଷୟରେ ପୁଲିସକୁ ସୂଚନା ଦେଇଥିଲେ । ସୂଚନା ମୁତାବକ, ଓର୍କେଲ ଥାନାର ସେକେଣ୍ଡ ଅଫିସର ଅଜିତ ସିଂ ବରିହାଙ୍କ ସହିତ କୁଡୁମୁଲୁଗୁମ୍ମା ପୋଲିସ ଫାଣ୍ଡିଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ୍ ଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଟୋକୁ ଫାଣ୍ଡିକୁ ଆଣିବା ସହିତ ସମସ୍ତ ନକଲି ଦେଶୀ ମଦ ପ୍ୟାକେଟ ଗୁଡିକୁ ଜବତ କରିଥିଲେ । ୧୫ଟି ଜରିବସ୍ତା ମଧ୍ୟରେ ପାଖାପାଖି ୩୦୦୦ ପାଉଚ ଯାହା ମଧ୍ୟରେ ୬୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏହି ମଦ ପାଉଚ ଗୁଡିକରେ କୌଣସି ଲାଇସେନ୍ସ ପ୍ରାପ୍ତ ମଦର ସିଲ୍ କିମ୍ବା ଲୋଗୋ ନଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବରେ ନକଲି ମଦ ବୋଲି ବିବେଚନା କରାଯାଉଛି, ଯାହା ଲ୍ୟାବ୍ ପରିକ୍ଷଣ ପରେହିଁ ନକଲି କି ଅସଲି ଜଣାପଡ଼ିବ । ପୋଲିସ ବର୍ତ୍ତମାନ ସୁଦ୍ଧା ଅଟୋ ଡ୍ରାଇଭର ରୋହିତ ଖରା ଓ କୁଡୁମୁଲୁଗୁମ୍ମା ଦେଶୀମଦ ଭାଟିର ସେଲ୍ସ ମ୍ୟାନ ଅଶୋକ ପାଶୱାନ୍ ଙ୍କୁ ଅଟକ ରଖି ପଚରାଉଚରା କରୁଛି ।

# ଜିଲ୍ଲାସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ କୋଠରି ପରିଚାଳନା ପ୍ରଶିକ୍ଷଣ



ବୌଦ୍ଧ (ପିପିଏସ୍) : ବୌଦ୍ଧ ଏନଏସି ସ୍ଥିତ ରାଜନପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ କୋଠରି ପରିଚାଳନା ପ୍ରଶିକ୍ଷଣ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ବୈଷୟିକ ପରାମର୍ଶଦାତା ପରେଶ କୁମାର ବେହେରା, ଜିଲ୍ଲା ଶିକ୍ଷା ସଂଯୋଜକ ଶିବଶଙ୍କର ଶତପଥିଙ୍କ ଉପସ୍ଥିତିରେ ଜିଲ୍ଲାର ୨୪ଜଣ ସି ଆର ସି ସି ଓ ୫୭ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ୨ଟି ପର୍ଯ୍ୟାୟରେ ଉକ୍ତ ପ୍ରଶିକ୍ଷଣ ଦିଆଯାଇଥିଲା କ୍ଷ ବୌଦ୍ଧ ବ୍ଲକ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ଅତିଥି ପରିଚୟ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷା ବିଭାଗ ତରଫରୁ ଯୋଗା ଯାଇଥିବା ରଙ୍ଗୀନ ଗୋଲେଇ ଡେସ୍କ, ସ୍କୁଲ ବ୍ୟାଗରଖିବା ଷ୍ଟାଣ୍ଡ, ଶିକ୍ଷଣ ସାମଗ୍ରୀ ଷ୍ଟାଣ୍ଡ, ସବୁଜ ବୋର୍ଡ, କୋମଳ ବୋର୍ଡ, ପୁସ୍ତକ ରଖିବା ଷ୍ଟାଣ୍ଡ, ଫୋଟ ଝୁଲାଇବା କାଠର ହୁକ, ଦରି ଓ ଜୋତା ଷ୍ଟାଣ୍ଡ କିପରି ଏଫ ଏଲ ଏନ ଶ୍ରେଣୀ କୋଠରୀରେ ସଜାଇ ଆଗରୁ ଯୋଗାଯାଇଥିବା ଶିକ୍ଷଣ ସାମଗ୍ରୀ ଯଥା ଗଣିତ ପାଇଁ ଜି କେ କିଟ, ଭାଷା ପାଇଁ ଚିତ୍ର ପୁସ୍ତକ, ଗଳ୍ପ ପୁସ୍ତକ, ଯାଦୁପେଡି ଓ ଅନ୍ୟ ଶିକ୍ଷଣ ସାମଗ୍ରୀ ଆଦି ବ୍ୟବହାର କରି ଶିଶୁ ବାଟିକା ଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷଣ ଦକ୍ଷତା ଆଧାରିତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ ପରିଚାଳନା କରାଯାଇପାରିବ ଯଦ୍ୱାରା ତୃତୀୟ ଶ୍ରେଣୀ ପାସ କରୁଥିବା ପିଲା ଭାଷାରେ ପଢି, ଲେଖି ବୁଝି, କହି ପାରୁଥିବ ଗଣିତରେ ସାଧାରଣ ହିସାବ କରି ଗାଣିତିକ ସମସ୍ୟା ସମାଧାନ କରିପାରିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଦୁବେ ପରାମର୍ଶ ଦେଇଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜେମା ମେହେର, ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଖଣ୍ଡଗିରି, ସି ଆର ସି ସି ସତ୍ୟ ନାରାୟଣ ସାହୁ ଓ ପାଚିକା ମାନେ ସହଯୋଗ କରିଥିଲେ।

# ରାଗିଂ ବିରୋଧୀ ସଚେତନତା

ବଲାଙ୍ଗିର(ପିପିଏସ୍): ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଡ଼ା. ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜାତୀୟ ରାଗିଂ ବିରୋଧୀ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ ଜାତୀୟ ରାଗିଂ ବିରୋଧୀ ସପ୍ତାହ ପାଳନ ସଭାରେ ରାଗିଂ ସମ୍ବଳିତ ଆଇନ ଏବଂ ବିହିତ ଦଣ୍ଡ ବିଧାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବାର ଆସୋସିଏସନର ସଭାପତି ଆଡଭୋକେଟ ବାସୁ ଦେବ ରଥ , ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ସାହୁ ଓ ଚନ୍ଦ୍ରଶେଖର ମିଶ୍ର, ବଲାଙ୍ଗିର ଟାଉନ ପୋଲିସର ସବ ଇନ୍ସପେକ୍ଟର ସଂଗୀତା ବେକ, ଏଏସଆଇ ମମତା ପ୍ରଧାନ ଉପସ୍ଥିତ ଥିଲେ। କଲେଜ ରାଗିଂ କମିଟି ଓ କାର୍ଯ୍ୟ ପନ୍ଥା ବିଷୟରେ ପ୍ରଫେସର ଡ଼ା ସରିତା ମହନ୍ତ ସବିଶେଷ ବିବରଣୀ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କଲେଜର ଅଧ୍ୟାପିକା ଡ଼ା. ସ୍ନେହଲତା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼ା. ଲିପ୍ସା ଦାସ। ଆୟୁର୍ବେଦିକ କଲେଜର ସମସ୍ତ ଡାକ୍ତର, କର୍ମଚାରୀ ଓ ଡ଼ାକ୍ତରୀ ଛାତ୍ରୀଛାତ୍ର ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ସିନେ ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର(ପିପିଏସ୍):** ମହିଳା କଣ୍ଠଶିଳ୍ପୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛି। ଖାଲି ସେତିକି ନୁହେଁ, ସିନେମା ତିଆରି କରି ୫ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏଭଳି କାଣ୍ଡ ଘିଆଇଥିବା ନିର୍ଦ୍ଦେଶକଙ୍କୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ବଡ଼ମଠର ରଶ୍ମିକାନ୍ତ ଭୂୟାଁ (୩୫)। ପୁଲିସ ସୂଚନାନୁସାରେ, ରାଜଧାନୀରେ ରହୁଥିବା ଜଣେ ମହିଳା କଣ୍ଠଶିଳ୍ପୀ ସିନେମାରେ କାମ କରିବା ସମୟରେ ରଶ୍ମିକାନ୍ତ ସହ ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ରଶ୍ମିକାନ୍ତ ମହିଳା କଣ୍ଠଶିଳ୍ପୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏହାରି ଭିତରେ ରଶ୍ମିକାନ୍ତ ଏକ ସିନେମା ତିଆରି କରିବାକୁ ପ୍ରସ୍ତାବ ଦେବା ସହ ସେଥିରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲା। କଣ୍ଠଶିଳ୍ପୀ ମଧ୍ୟ ତାଙ୍କ କଥାରେ ବିଶ୍ୱାସ କରି ଲକ୍ଷାଧିକ ଟଙ୍କା ନିବେଶ କରିଥିଲେ। ହେଲେ ଚଳଚ୍ଚିତ୍ରଟି ଫ୍ଲପ୍ ହୋଇ ଯାଇଥିଲା। ସେପଟେ ଶାରିରୀକ ସମ୍ପର୍କ ରଖିଥିବା ରଶ୍ମିକାନ୍ତ ବିବାହ କରିବାକୁ ରୋକଠୋକ୍ ରାଜି ହୋଇନଥିଲେ। ଏମିତିକି ଚଳଚ୍ଚିତ୍ର ବାବଦରେ ଦେବାକୁ ଥିବା ୫ ଲକ୍ଷ ଟଙ୍କା ମଧ୍ୟ ଫେରାଇବାକୁ ମନା କରିବା ସହ ଧମକଚମକ ଦେଇଥିଲେ। ଏନେଇ ପୀଡ଼ିତା କଣ୍ଠଶିଳ୍ପୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ରଶ୍ମିକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଏମ୍ସରେ ଡେଙ୍ଗୁ ନିବାରଣ, ଚିକିତ୍ସା ଓ ନିୟନ୍ତ୍ରଣ ରଣନୀତି ସଂକ୍ରାନ୍ତ ଆଲୋଚନା

**ଭୁବନେଶ୍ୱର(ପିପିଏସ୍):** ଜାତୀୟ ଡେଙ୍ଗୁ ଦିବସ ୨୦୨୬ ପାଳନ ଅବସରରେ, ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ ବିଭାଗ ପକ୍ଷରୁ ଡେଙ୍ଗୁ ଅପଡେଟ୍ ୨୦୨୬: କ୍ଲିନିକାଲ୍ ଇନସାଇଟ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଉପରେ ଜାତୀୟ ସିଏମ୍ଇ ଆୟୋଜନ ଅବସରରେ ଉପସ୍ଥିତ ଦେଶର ପ୍ରମୁଖ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଶିକ୍ଷାବିତମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏହି ଦିନିକିଆ ଆଲୋଚନାଚକ୍ରରେ ଡେଙ୍ଗୁ ନିବାରଣ, ନିର୍ଣ୍ଣୟ, ଚିକିତ୍ସା ଏବଂ ନିୟନ୍ତ୍ରଣ ରଣନୀତି ଉପରେ ବ୍ୟାପକ ବୈଜ୍ଞାନିକ ଆଲୋଚନା ହୋଇଥିଲା। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ଭାରତରେ ଡେଙ୍ଗୁର ବର୍ଦ୍ଧିତ ବୋଝକୁ ମୁକାବିଲା କରିବା ପାଇଁ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଗବେଷକ, ପ୍ରଶାସକ ଏବଂ ସମାଜକୁ ସାମିଲ ପୂର୍ବକ ସମନ୍ୱିତ ପଦ୍ଧତିର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍ସ ଭୁବନେଶ୍ୱର ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡା, ଏବଂ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଥିଲେ। ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ପ୍ରଫେସର ତଥା ଆୟୋଜନ କମିଟି ଅଧ୍ୟକ୍ଷ ଡ. ରଶ୍ମି ରଞ୍ଜନ ମହାନ୍ତି, ଆୟୋଜନ କମିଟି ସଂଗଠନ ସମ୍ପାଦକ ତଥା ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସର ଡ. ଦେବାନନ୍ଦ ସାହ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇ ମତ ଦେଇଥିଲେ। ଉଦଘାଟନୀ ସମାରୋହରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ପୂର୍ବତନ ଆଞ୍ଚଳିକ ପରାମର୍ଶଦାତା ଡ. ଏ. ପି. ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶକ ଏବଂ ଆଇସିଏମ୍ଆର, ନୂଆଦିଲ୍ଲୀର ଏଡିଜି, ଡ. ସଂଘମିତ୍ରା ପତି, ସ୍ୱାସ୍ଥ୍ୟ ସେବା ଅତିରିକ୍ତ ନିର୍ଦ୍ଦେଶକ ଏବଂ ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଓଡ଼ିଶା, ଡ. ଶୁଭାଶିଷ ମହାନ୍ତି ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ପିଏମ୍ଶ୍ରୀ କେଭିରେ ଗ୍ରୀଷ୍ମକାଳୀନ କର୍ମଶାଳା



**ଭୁବନେଶ୍ୱର(ପିପିଏସ୍):** ପିଏମ୍ଶ୍ରୀ କେଭି ନଂ-୧ ଭୁବନେଶ୍ୱରରେ ପିଏମ୍ଶ୍ରୀ ଯୋଜନା ଅଧୀନରେ ୪ ମେ'ରୁ ୧୮ ମେ' ପର୍ଯ୍ୟନ୍ତ ୧୫ ଦିନିଆ ଏଆଇ ଓ ଆନିମେସନ୍ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ ପ୍ରିନ୍ସପାଲ୍ ଆଦିତ୍ୟ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟ ପାଇଁ ଦାୟିତ୍ୱବାନ ଭାବରେ ଏଆଇ ବ୍ୟବହାର କରିବାକୁ ପ୍ରେରିତ କରିଥିଲେ। ଏଥିରେ ୩ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ସରକାରଙ୍କ ଏହି ନୂତନ ଶିକ୍ଷାମୂଳକ ପଦକ୍ଷେପରୁ ଲାଭାନ୍ୱିତ ହୋଇଥିଲେ। ଏଥିରେ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଆନିମେସନ୍, ଡିଜିଟାଲ୍ ଡିଜାଇନିଂ, ପ୍ରମ୍ପ୍ଟ ଇଞ୍ଜିନିୟରିଂ, ପୋଷ୍ଟର ପ୍ରସ୍ତୁତି, ଇ-ବୁକ୍ ପ୍ରକାଶନ ଓ ଭିଡିଓ ଏଡିଟିଂର ବ୍ୟବହାରିକ ଦିଗ ସମ୍ପର୍କରେ ପରିଚିତ କରାଯାଇଥିଲା। ସୃଜନଶୀଳତା ଓ ଦଳୀୟ କାର୍ଯ୍ୟଭାବନାକୁ ପ୍ରୋତ୍ସାହନ ଦେବା ପାଇଁ ବିଦ୍ୟାଳୟ ପକ୍ଷରୁ ଶିକ୍ଷାମୂଳକ ଚାର୍ଟ ଡିଜାଇନିଂ ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଶାଳାର ସମାପନୀ ଅବସରରେ ପ୍ରକଳ୍ପ ମୂଲ୍ୟାଙ୍କନ, ଚାର୍ଟ ପ୍ରଦର୍ଶନୀ, ଗ୍ରୁପ୍ ଫଟୋ, ସର୍ଟିଫିକେଟ୍ ବିତରଣ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରିନ୍ସପାଲ୍ ଆଦିତ୍ୟ କୁମାର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟ ପାଇଁ ଦାୟିତ୍ୱବାନ ଭାବରେ ଏଆଇ ବ୍ୟବହାର କରିବାକୁ ପ୍ରେରିତ କରିଥିଲେ। ଭାଇସ୍-ପ୍ରିନ୍ସପାଲ୍ ଭୂପେନ୍ଦ୍ର ସିଂହ ଏଆଇର ନୈତିକ ଓ ଦାୟିତ୍ୱଶୀଳ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି କର୍ମଶାଳାକୁ ଡକ୍ଟର ରବୀନ୍ଦ୍ର କୁମାର ଦୁବେ, ଶିକ୍ଷୟିତ୍ରୀ ରୀନା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ବିଶୋୟୀ, ମାନସ ରଞ୍ଜନ ଶତପଥୀ ଓ ପ୍ରଫୁଲ୍ଲ କୁମାର ସାହୁ ସଫଳତାର ସହ ପରିଚାଳନା କରିଥିଲେ।

# ରହସ୍ୟ, ନିରବତା ଏବଂ ଛାୟା: 'ଦି ମିଡନାଇଟ୍ ଥେରାପିଷ୍ଟ'

**ଭୁବନେଶ୍ୱର(ପିପିଏସ୍):** ଆଗାମୀ ସର୍ଟ ଫିଲ୍ମ 'ଦି ମିଡନାଇଟ୍ ଥେରାପିଷ୍ଟ'ର ଫର୍ଷ୍ଟ ଲୁକ୍ ପୋଷ୍ଟର ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଆଡ୍‌ସଟି ମିଡ଼ିଆ ଏବଂ ଏଡ୍‌ୱାଲ୍ଡ ଇନ୍ସ ପ୍ରଯୋଜିତ ଏହି ଫିଲ୍ମରେ ଟାଇଟସ୍ ଉତ୍ତୁତୁରୁ ଓ କେଶବ ଭାରଦ୍ୱାଜ ମୁଖ୍ୟ ଭୂମିକାରେ ଅଛନ୍ତି। ପୋଷ୍ଟରର ଅନ୍ଧାରମୟ ଭିଜୁଆଲ୍, କୃଷକ ରୂପରେ ଟାଇଟସ୍‌ଙ୍କ ଲୁକ୍ ଏବଂ "ଦ ନାଇଟ ଲିଷ୍ଟିନ୍ ଟୁ ଏଭ୍ରିଥିଙ୍ଗ୍' ଟ୍ୟାଗ୍ଲାଇନ୍ ଦର୍ଶକଙ୍କ ମଧ୍ୟରେ ଭାରି କୌତୁହଳ ସୃଷ୍ଟି କରିଛି। ଫିଲ୍ମଟି ମାନସିକ ଥ୍ରିଲର୍ ଓ ଭାବପୂର୍ଣ୍ଣ ଡ୍ରାମା ହେବ ବୋଲି ଅନୁମାନ କରାଯାଉଛି। 'ନିପ୍ ଇନ୍ ଦ ବୁଡ୍' ଓ 'ପାସେଲ୍' ପରି କାମ ପାଇଁ ପରିଚିତ ଟାଇଟସ୍ ଏଥରେ ନୂତନ ଶୈଳୀରେ ଦେଖାଯାଉଛନ୍ତି। କେବଳ ଗୋଟିଏ ପୋଷ୍ଟର ମାଧ୍ୟମରେ 'ଦି ମିଡନାଇଟ୍ ଥେରାପିଷ୍ଟ' ଏବେ ବର୍ଷର ସବୁଠାରୁ ଚର୍ଚ୍ଚିତ ସର୍ଟ ଫିଲ୍ମମାନଙ୍କ ମଧ୍ୟରେ ସ୍ଥାନ ନେଇଛି।

# ମ୍ୟୁଜିକ ସର୍କଲ ପକ୍ଷରୁ ହିନ୍ଦୁସ୍ତାନୀ ସଙ୍ଗୀତ ସନ୍ଧ୍ୟା

**ଭୁବନେଶ୍ୱର(ପିପିଏସ୍):** ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଏକ ସ୍ମରଣୀୟ ହିନ୍ଦୁସ୍ତାନୀ ସଙ୍ଗୀତ ସନ୍ଧ୍ୟା ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସ୍ଥାନରୁ ସଙ୍ଗୀତପ୍ରେମୀ, କଳାକାର ଓ ସଂସ୍କୃତିପ୍ରେମୀମାନଙ୍କର ସମାଗମ ଦେଖିବାକୁ ମିଳିଥିଲା। ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ପ୍ରସିଦ୍ଧ କଣ୍ଠଶିଳ୍ପୀ ସଙ୍ଗୀତା ଚାମୁଆ। ସେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଭକ୍ତିମୟ ଗୀତ ଏବଂ ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କର ପରିବେଷଣରେ ପ୍ରାୟୋଗିକ ପାରଦର୍ଶିତା, ଭାବନାର ଗଭୀରତା ଏବଂ ଆଧ୍ୟାତ୍ମିକତାର ସମନ୍ୱୟ ସ୍ପଷ୍ଟ ଭାବେ ପ୍ରକାଶ ପାଇଥିଲା। ତାଙ୍କୁ ତବଲାରେ ପ୍ରସିଦ୍ଧ କଳାକାର ତାପସ ପାଳ ଏବଂ ହାର୍ମୋନିୟମରେ ମିତା ପଟ୍ଟନାୟକ ସହଯୋଗ କରିଥିଲେ। ଶେଷରେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା ପାଇଁ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମସ୍ତ କଳାକାର ଓ ଦର୍ଶକମାନଙ୍କୁ ଧନ୍ୟବାଦ ଜଣାଯାଇଥିଲା।

# କଳାରାହଙ୍ଗରୁ ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

**ଭୁବନେଶ୍ୱର(ପିପିଏସ୍):** ରାଜଧାନୀରେ ମଙ୍ଗଳବାର ପୁଣି ଏକ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। କଳାରାହାଙ୍ଗ ମୌଜା ଅନ୍ତର୍ଗତ ପ୍ଲଟ୍ ନମ୍ବର ୧୬୮୩ରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିଛି। ପ୍ରାୟ ୩୦୦ ଡିସିମିଲ ସରକାରୀ ଜମିକୁ ଜବରଦଖଲରୁ ମୁକ୍ତ କରାଯାଇଛି। ତିନୋଟି ନିର୍ମାଣାଧୀନ ଘର, ୬ଟି ଏସିସି ସିଟ୍ ଘର, ୪ଟି ଶୌଚାଳୟ, ଗୋଟିଏ ଚିକେନ୍ ଦୋକାନ, କେବିନ୍, କବାଡ଼ି ଷ୍ଟୋର ଏବଂ ଏକ ପାଣି ଟ୍ୟାଙ୍କି ଭାଙ୍ଗି ଦିଆଯାଇଛି। ଏହା ସହିତ ପ୍ରାୟ ୧୫୦ ଫୁଟ୍ ଚଉଡ଼ାର ଲୁହା ବାଡ଼ ମଧ୍ୟ ହଟାଇ ଦିଆଯାଇଛି। ଏହି ଉଚ୍ଛେଦ କାର୍ଯ୍ୟ ବୁଧବାର ମଧ୍ୟ ଜାରି ରହିବ ବୋଲି ବିଡ଼ିଏ ପକ୍ଷରୁ କୁହାଯାଇଛି।



ତେବେ ଉଚ୍ଛେଦ ବେଳେ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଜୀବନ ଜୀବିକାକୁ ରକ୍ଷା କରିବାକୁ ଯାଇ ମହିଳାମାନେ ପାରମ୍ପରିକ ଅସ୍ତ୍ର ଧରି ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ସରକାରୀ ଜମି ମାଡ଼ିବସିଥିବା ବିଲଡ଼ର, ଆପାର୍ଟମେଣ୍ଟ ମାଲିକଙ୍କୁ ଛୁଇଁ ପାରୁ ନଥିବା ପ୍ରଶାସନ କେବଳ ଗରିବ ଲୋକଙ୍କ ଉପରୁ ବଳ ଦେଖାଉଛି ବୋଲି ପ୍ରଶ୍ନ କରିଥିଲେ। ପ୍ରଶାସନର ଏହି ପାତର ଅନ୍ତର ଉଚ୍ଛେଦ ଉପରେ ସରକାର ବିରୋଧୀ ନାରା ପ୍ରଦର୍ଶନ କରିଥିଲେ। ଉଚ୍ଛେଦ ବେଳେ ଗୋଟିଏ ପଟେ ପ୍ରଶାସନର ବୁଲଡୋଜର ଆଉ ଗୋଟିଏ ପଟେ ସାଧାରଣ ଜନତାଙ୍କ ହାତରେ ପନିକ, ଦା, କଟୁରୀ ଶାବଳ ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ଉଭୟ ମୁହାଁମୁହିଁ ହୋଇଯାଇଥିଲେ। ପ୍ରଶାସନର ଜେସିବି ସରକାରୀ ଜମି ଜବରଦଖଲ ଉଚ୍ଛେଦ କରିବାକୁ ଆଗେଇଲା ବେଳେ ମହିଳାମାନେ ପାରମ୍ପରିକ ଅସ୍ତ୍ର ସହ ବିରୋଧ କରିଥିଲେ। ଏହି ଉତ୍ତେଜନା ଭିତରେ ଯିଏ ତାଙ୍କ ଘର ଭାଙ୍ଗିବାକୁ ଆସିବ ତାଙ୍କ ଚେରକୁ କିଟିକିଟି କରି କାଟିଦେବେ ବୋଲି କହି ମହିଳାମାନେ ପନିକ ଉଠେଇ ମାଡି ଆସିଥିଲେ। ବିଏମସି-୨ନମ୍ବର ୱାର୍ଡ କଳାରାହାଙ୍ଗ ଲେବଲ କ୍ରସିଂ ରୋଡ ରେଗିଡିବସ୍ତି ଠାରେ ଉଚ୍ଛେଦ ବେଳେ ଜଣେ ମହିଳାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଆହତ ହୋଇଥିବା ସୂଚନା ମିଳିଛି। ବଡିଆ ଆପାର୍ଟମେଣ୍ଟଙ୍କୁ ଛାଡ ଗରିବ ମୁଣ୍ଡରେ ଜେସିବି ମାଡ଼ ନେଇ ଆପତ୍ତି ଅଭିଯୋଗ ଉଠାଇଥିଲେ। ଡବଲ ଇଞ୍ଜିନ ସରକାର ଫେଲ ନବୀନ ଭଲ ବୋଲି ଉତେଜନା ବେଳେ ମହିଳାମାନେ ଓ ଦୋକାନୀ ମାନେ ଚିତ୍କାର କରି କହିଥିଲେ। ତେବେ ବିନା ସୂଚନାରେ ଘର ଭଙ୍ଗା ଯାଇଛି ବୋଲି ଅଭିଯୋଗ ହୋଇଛି। ଉଚ୍ଛେଦ ପାଇଁ ଆସିଥିବା ଜିଏ ବିଭାଗର ଏନ୍‌ଫୋରସମେଣ୍ଟ ଡେପୁଟି ଡିରେକ୍ଟର ଅମୀୟ କୁମାର ଦାସଙ୍କ ଏନେଇ କହିଥିଲେକି ଏଠାରେ ଜବରଦଖଲ ସରକାରୀ ଜମି ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଏହା ସହ ରାସ୍ତା କଡରେ ଥିବା ଡ୍ରେନ୍ ଜବରଦଖଲ ମୁକ୍ତ କରାଯାଉଛି। ଆଗରୁ ଆମେ ଏନେଇ ଜଣେଇଥିଲୁ।

# ଉଠାଦୋକାନ ଉଚ୍ଛେଦକୁ ବିରୋଧ

**ଭୁବନେଶ୍ୱର(ପିପିଏସ୍):** ଉଠାଦୋକାନୀ ଆଇନକୁ ବେଖାତିର କରି ବିଏମ୍‌ସି କର୍ମଚାରୀମାନେ ଯେଉଁଭଳି ଭାବରେ ଉଠାଦୋକାନ ଉଚ୍ଛେଦ ଚାଲିଛନ୍ତି ତାହାର ପ୍ରତିବାଦରେ ଆସନ୍ତା ମେ ୨୬ ତାରିଖ ଆନ୍ତର୍ଜାତିକ ଉଠାଦୋକାନୀ ବିରୋଧୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର ତିନୋଟି ଜୋନ୍ ଓ ମୁଖ୍ୟ କାର୍ଯ୍ୟାଳୟକୁ ଘେରାଉ କରିବେ ୧୫ ହଜାରରୁ ଅଧିକ ଉଠାଦୋକାନୀ। ଏଥି ସହିତ ସାରା ଭୁବନେଶ୍ୱରକୁ ଅଚଳ କର ଦିଆଯିବ ବୋଲି ମଙ୍ଗଳବାର ନୂଆପଲ୍ଲୀଠାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନର ଏକ ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୟୁନିଟ୍-୧ ଏବଂ ୟୁନିଟ୍-୨ରୁ ୨ ହଜାର ଉଠାଦୋକାନୀ, ଗୋପବନ୍ଧୁ ଛକରୁ ୧ ହଜାର ଏବଂ ପାୱାର ହାଉସ ଛକରୁ ୧୫ଶହ ଉଠାଦୋକାନୀ ଆସି ସକାଳ ୯ ଘଟିକାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ। ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହସଂଘର ସଭାପତି ପ୍ରତାପ କୁମାର ସାହୁ ଦାୟିତ୍ୱରେ ରହିବେ ଏବଂ ପୁରୀ କଟକରୁ ଆସୁଥିବା ଦୋକାନୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବେ। ରେଣ୍ଟାଲ ବିଏମ୍‌ସି କାର୍ଯ୍ୟାଳୟକୁ ସିଆରପି ଛକରୁ ୫୦୦ ମହିଳା, ପୁରୁଷ ଓ କିନ୍ନର ଉଠାଦୋକାନୀ ଏବଂ ଫାୟାର ଷ୍ଟେସନ ଛକରୁ ୧ ହଜାର ଉଠାଦୋକାନୀ ଆସି ଘେରାଉ କରିବେ। ସେଠାରେ ନସ୍କ ବିଭିଏମ୍‌ର କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ସହ ଅନ୍ୟ କମିଟିର ସଦସ୍ୟମାନେ ଦାୟିତ୍ୱରେ ରହି କାର୍ଯ୍ୟକ୍ରମ ସମ୍ପାଦନ କରିବେ। କଳ୍ପନା ବିଏମ୍‌ସି କାର୍ଯ୍ୟାଳୟକୁ କଳ୍ପନା ଫାୟାର ଷ୍ଟେସନ ଛକରୁ ୮୦୦ ଦୋକାନୀ, ରବି ଟକିଜ ଛକରୁ ୧ ହଜାର ଦୋକାନୀ, ମାଉସୀ ମା' ମନ୍ଦିର ଛକରୁ ୫୦୦ ଦୋକାନୀ ଘେରାଉ କରିବେ। ସେଠାରେ ମହାସଂଘର କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟମଣି ସାହୁ, ମଞ୍ଜୁ ନାୟକ ଏବଂ ସଭାପତି ନିରଞ୍ଜନ ପାଣ୍ଡେ ଦାୟିତ୍ୱରେ ରହି କାର୍ଯ୍ୟକ୍ରମ ସମ୍ପାଦନ କରିବେ। ବିଏମ୍‌ସିର ମୁଖ୍ୟ କାର୍ଯ୍ୟାଳୟ ଘେରାଉ ସମୟରେ ସାଧାରଣ ସମ୍ପାଦକ ଦୀପକ ମହାପାତ୍ର ଦାୟିତ୍ୱରେ ରହିବେ। ଏହି ବୈଠକରେ ଶରତ ସାହୁ, ସତ୍ୟବ୍ରତ ରାଉତ, ରଶ୍ମିତା ପାତ୍ର, ରମେଶ ଚନ୍ଦ୍ର ବାରିକ, ଏମ୍‌ଡ଼ି ଗୁଜୁରାଲ, ଲକ୍ଷ୍ମୀଧର ପ୍ରଧାନ, ସୁନିଲ୍, ବାରିକ ବାବୁଙ୍କ ସମେତ ବହୁ ଉଠାଦୋକାନୀ ସଂଘର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

# ପେଟ୍ରୋଲ ପମ୍ପରୁ ଟ୍ୟାପ୍ ଚୋରି; ଜଣେ ଗିରଫ

**ଭୁବନେଶ୍ୱର(ପିପିଏସ୍):** ପେଟ୍ରୋଲ ପମ୍ପରୁ ଟ୍ୟାପ୍ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଗୁରୁଜଙ୍ଗର ଗୌତମ ରଣା (୨୭)। ପୁଲିସ ସୂଚନା ଅନୁଯାୟୀ, ଗତକାଲି ମଧ୍ୟାହ୍ନରେ ଗୌତମ ବାଇକ୍ ଯୋଗେ ଘାଟିକିଆ ପେଟ୍ରୋଲ ପମ୍ପକୁ ଆସି ବାଥରୁମରୁ ପାଣି ଟ୍ୟାପ ଚୋରି କରି ନେଇଥିଲା। ସେ ପୂର୍ବରୁ ମଧ୍ୟ ଏହି ପେଟ୍ରୋଲ ପମ୍ପରୁ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ପେଟ୍ରୋଲ ପମ୍ପ ମାଲିକ ଭୀଷ୍ମ ରଞ୍ଜନ ଭୂଜବଳ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ପେଟ୍ରୋଲ ପମ୍ପର ଜଣେ କର୍ମଚାରୀ ସମ୍ ହସ୍ପିଟାଲ ନିକଟରେ ଗୌତମକୁ ବାଇକ୍ ସହ ଚିହ୍ନଟ କରି ପିସିଆର କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଏହାପରେ ପୁଲିସ ଗୌତମକୁ ଗିରଫ କରିଥିଲା। ତା' ଠାରୁ ଚୋରି ହୋଇଥିବା ପାଣି ଟ୍ୟାପ ଓ ଘଟଣାରେ ବ୍ୟବହୃତ ବାଇକ୍ ଜବତ କରିଥିଲା।

# ଫର୍ଚୁନର୍ ଧକ୍କାରେ ଯୁବକ ମୃତ, ଚାଳକ ଫେରାର

**ଭୁବନେଶ୍ୱର(ପିପିଏସ୍):** କିଛିଦିନର ବ୍ୟବଧାନ ପରେ ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍ ଘଟଣା ସାମ୍ନାକୁ ଆସିଛି। ଫର୍ଚୁନର୍ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନନ୍ଦନକାନନ ରୋଡରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟାଇଥିବା କାର୍‌କୁ ପୁଲିସ ମଙ୍ଗଳବାର ପଟିଆ ଶ୍ରୀବିହାର ଅଞ୍ଚଳର ଏକ ପରିତ୍ୟକ୍ତ ସ୍ଥାନରୁ ଜବତ କରିଛି। ହେଲେ କାର୍ ଥୋଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୁଲିସ ତାଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମୃତ ଯୁବକ ହେଲେ କୁମାର ନାଥ। ତାଙ୍କ ସ୍ତ୍ରୀ ଲୋହାରାଣୀ ନାଥ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ପୁଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ କୁମାର ନାଥ ବାଇକ ନେଇ ପଟିଆ ପାର୍ଶ୍ୱରୁ ଜୟଦେବ ଆଡ଼କୁ ଯାଉଥିଲେ। ସେହିପରି ପଟିଆ ପାର୍ଶ୍ୱରୁ ନାଲକୋ ଛକ ଆଡ଼କୁ କାରଟି ଯାଉଥିଲା। ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ପାଖରେ ବାଇକକୁ ଧକ୍କା ଦେଇଥିଲା। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବାଇକକୁ କାରଟି ପ୍ରାୟ ୫୦ମିଟର ଘୋଷାଡି ନେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର କାର୍ ନେଇ ଫେରାର ମାରିଥିଲା।

ଅପରପକ୍ଷରେ ଗୁରୁତର ହୋଇଥିବା କୁମାର ନାଥଙ୍କୁ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଜରିଆରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ହେଲେ ଗତକାଲି (ସୋମବାର) କୁମାର ନାଥଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଘଟଣା ପରେ ଉକ୍ତ କାରକୁ ଆମେ ଠାବ କରିଥିଲୁ। ତେବେ ଫେରାର ହୋଇଯାଇଥିବା ଚାଳକଙ୍କୁ ଚିହ୍ନଟ କରି ତାକୁ ଧରିବାକୁ ପ୍ରୟାସ ଜାରି ରହିଛି।

# ତୈଳ ଦର ହ୍ରାସ ପାଇଁ ଦାବି

**ଭୁବନେଶ୍ୱର(ପିପିଏସ୍):** ପୁଣି ଦେଶର ସାଧାରଣ ଲୋକଙ୍କ ଉପରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ଭାର ଲାଦି ଦେଇଛି କେନ୍ଦ୍ର ସରକାର। ଏହି ମୂଲ୍ୟବୃଦ୍ଧି କେବଳ ଗାଡ଼ି ଚାଳକଙ୍କୁ ନୁହେଁ, ଦେଶର କୃଷକ, ଶ୍ରମିକ, ମଧ୍ୟବର୍ଗ, ଛୋଟ ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ଜୀବନକୁ ଅଧିକ ସଂକଟମୟ କରିଦେବ। ଗତ କିଛିବର୍ଷ ଧରି ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲ ଦର କମିଥିବା ସତ୍ତ୍ୱେ କେନ୍ଦ୍ର ସରକାର ଏକ୍ସାଇଜ ଶୁଳ୍କ ବଢ଼ାଇ ସାଧାରଣ ଲୋକଙ୍କୁ ଲୁଟିବାର ନୀତି ଅବଲମ୍ବନ କରିଛି। ଆଜି ପେଟ୍ରୋଲ ଦରବୃଦ୍ଧି ଦେଶର ମହରଗକୁ ଆହୁରି ଉପରକୁ ନେବ। ପରିବହନ ଖର୍ଚ୍ଚ ବଢ଼ିବା ସହ ଖାଦ୍ୟସାମଗ୍ରୀ, ନିତ୍ୟ ପ୍ରୟୋଜନୀୟ ସାମଗ୍ରୀ ଓ ସେବାର ଦର ମଧ୍ୟ ବଢ଼ିବ ବୋଲି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ୍ କାଉନ୍‌ସିଲ ଅଫ୍ ଟ୍ରେଡ୍ ୟୁନିଅନର ସାଧାରଣ ସଚିବ ମହେନ୍ଦ୍ର ପରିଡ଼ା। ସେ ଆହୁରି କହିଛନ୍ତି ଯେ, 'ଭଲ ଦିନ'ର ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ସରକାର ଆଜି ସାଧାରଣ ଲୋକଙ୍କ ପାଇଁ ଜୀବନ ଅସହ୍ୟ ହୋଇପଡ଼ିଛି। ବେକାରି, ଦରବୃଦ୍ଧି, ଇନ୍ଧନ ମୂଲ୍ୟବୃଦ୍ଧି ଓ କର୍ପୋରେଟ ପକ୍ଷପାତୀ ନୀତି ଦେଶର ଅର୍ଥନୀତିକୁ କେବଳ କିଛି ଧନୀ ଶ୍ରେଣୀଙ୍କ ସ୍ୱାର୍ଥରେ ପରିଚାଳିତ କରୁଛି। ଏପରିସ୍ଥଳେ କେନ୍ଦ୍ର ସରକାର ତୁରନ୍ତ ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁଥିବା ଅତ୍ୟଧିକ କର କମାଇବା ସହ ସାଧାରଣ ଲୋକଙ୍କୁ ମହରଗର ଭାରରୁ ମୁକ୍ତି କରିବା ପାଇଁ ଶ୍ରୀ ପରିଡ଼ା ଦାବି କରିଛନ୍ତି।

# ବ୍ରୋଞ୍ଜକୁ ସୁନା କହି ବିକୁଥିଲା; ଧରାପଡ଼ିଲା



**ଭୁବନେଶ୍ୱର(ପିପିଏସ୍):** ନକଲି ସୁନା ଚେନ୍ ବିକ୍ରି କରୁଥିବା ଅଭିଯୋଗରେ ଜଣକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ରଞ୍ଜନ କୁମାର ସାହୁ (୩୪)।

ପୁଲିସ ସୂଚନାନୁସାରେ, ରଞ୍ଜନ ଡେଲଟା ଛକରେ ଥିବା ଗହଣା ଦୋକାନକୁ ଯାଇ ନକଲି ଏଚୟୁଆଇଡି ମାର୍କିଂ ଥିବା ସୁନା ଚେନ୍‌କୁ ଅସଲି ସୁନା ଅଳଙ୍କାର ବୋଲି କହି ବିକ୍ରି କରିବାକୁ ଚେଷ୍ଟା କରୁଥିଲା। ଗହଣା ବ୍ୟବସାୟୀମାନଙ୍କ ଦ୍ୱାରା ଯାଞ୍ଚ ଓ ପରୀକ୍ଷା କରାଯାଇବା ପରେ ଉକ୍ତ ଚେନ୍‌ଗୁଡ଼ିକ ବ୍ରୋଞ୍ଜ ଧାତୁରେ ନିର୍ମିତ ଓ ତାହା ଉପରେ ସୁନା ପ୍ଲେଟିଂ କରାଯାଇଥିବା ଜଣାପଡ଼ିଥିଲା। ଗହଣା ବ୍ୟବସାୟୀମାନଙ୍କୁ ଟାର୍ଗେଟ କରି ଏକ ସଂଗଠିତ ଠକେଇ ରାକେଟ୍ କାର୍ଯ୍ୟ କରୁଥିବା ସନ୍ଦେହରେ ଭୁବନେଶ୍ୱର ଜୁଏଲର୍ସ ଆସୋସିଏସନର ସଭାପତି କେ ବଦ୍ରିନାରାୟଣ ସୁବୁଦ୍ଧି ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ଏଥିସହିତ ରଞ୍ଜନକୁ କାବୁ କରି ପୁଲିସରେ ଜିମା ଦେଇଥିଲେ। କଟକ ସ୍ଥିତ କେପି ଗୋଲ୍ଡ ରିଫାଇନେରୀ ମାଧ୍ୟମରେ ନକଲି ଏଚୟୁଆଇଡି ଷ୍ଟାମ୍ପିଂ କରାଯାଉଛି ବୋଲି ରଞ୍ଜନ କହିଥିଲା। ବିଆଇଏସ୍ ଆପ୍ ମାଧ୍ୟମରେ ଏଚୟୁଆଇଡି ନମ୍ବର ଯାଞ୍ଚ କରିବାରୁ ଏହା ସାସ୍ୱିକ ହଲମାର୍କିଂ ସେଣ୍ଟର ନାମରେ ଜାରି ହୋଇଥିବା ହଲମାର୍କ ବୋଲି ଜଣାପଡ଼ିଥିଲା। ରଞ୍ଜନକୁ ଗିରଫ କରିବା ସହ ତା' ଠାରୁ ନକଲି ସୁନା ଚେନ୍ ଓ ସ୍କୁଟି ଜବତ କରିଥିଲା। ସେପଟେ ରେକର୍ଡ ଯାଞ୍ଚ ଓ ସତ୍ୟତା ନିର୍ଣ୍ଣୟ ଲାଗି ନକୋଡା ହଲମାର୍କିଂ ସେଣ୍ଟର ଓ ବିଆଇଏସ୍ କର୍ତ୍ତୃପକ୍ଷଙ୍କ ସହ ପୁଲିସ ଯୋଗାଯୋଗ କରିଛି।

# ବଇଁଚୁଆ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

**ଭୁବନେଶ୍ୱର(ପିପିଏସ୍):** ବଇଁଚୁଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଜନିତ ଶିବିର 'ପଲ୍ଲୀରେ ପ୍ରଶାସନ' ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ବିଡ଼ିଓ ରଶ୍ମିତା ନାଥ, ସାଂସଦ ପ୍ରତିନିଧି ବିଜୟ ମହାରଣା, ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣୀ ଭୂଷଣ ବାରିକ, ପଞ୍ଚାୟତ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ସର୍ବମୋଟ ୪ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧ ଗୋଟି, ଖାଉଟି କାର୍ଡ ସମ୍ବନ୍ଧୀୟ ୨ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧ଟି ଅଭିଯୋଗ ହସ୍ତଗତ ହୋଇଥିଲା।

# ବାଲିଅନ୍ତା ଭିଡ଼ ହତ୍ୟା ମାମଲା: ଡାକ୍ତରଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର(ପିପିଏସ୍):** ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ସୌମ୍ୟଙ୍କୁ ପ୍ରାରମ୍ଭିକ ଚିକିତ୍ସା କରିଥିବା ବାଲିଅନ୍ତା ଡାକ୍ତରଙ୍କ ବୟାନ ରେକର୍ଡ କରିଛି କ୍ରାଇମ୍‌ବ୍ରାଞ୍ଚ। ତାଙ୍କ ବୟାନ ଭିଡ଼ ହତ୍ୟା ମାମଲାର ମହା ଖୁଲାସା କରିଛି। ଯାହା ପୂର୍ବରୁ ନିଲମ୍ବିତ ୪ଜଣ ପୁଲିସ କର୍ମଚାରୀଙ୍କୁ ଅଡୁଆରେ ପକାଇପାରେ। କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଥିବା ବୟାନ ଅନୁଯାୟୀ, ୪ଜଣ ପୁଲିସ କର୍ମଚାରୀ ଜିଆର୍‌ପି କନ୍‌ଷ୍ଟେବଳ ସୌମ୍ୟ ରଞ୍ଜନ ସାଇଁଙ୍କ ହାତ ଗୋଡ଼କୁ ବାଉଁଶରେ ବାନ୍ଧି ବାଳକାଟି ଡାକ୍ତରଖାନା ଆଣିଥିଲେ। ସେମାନଙ୍କ ସହ ଆଉ ଦୁଇ ଜଣ ମଧ୍ୟ ଆସିଥିଲେ। ଡାକ୍ତରଖାନାରେ ସେ ହଲଚଲ୍ ହେଉ ନଥିଲେ। ତାଙ୍କ ବିପି ମାପି ହେଉ ନ ଥିଲା। ପଲ୍ସ ମଧ୍ୟ ଜଣାପଡୁ ନଥିଲା। ତାଙ୍କ ନାକରୁ ରକ୍ତସ୍ରାବ ହେଉଥିଲା। ବାଳକାଟି ଡାକ୍ତରଖାନାରେ ଇସିଜି ବ୍ୟବସ୍ଥା ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ବାଳକାଟି ଡାକ୍ତରଖାନାରେ ସୌମ୍ୟଙ୍କୁ ଧରି ପହଞ୍ଚିଲା ବେଳକୁ ତାଙ୍କ ବାମ ଆଖିରେ ଏକ ବଡ଼ କ୍ଷତ ଥିଲା। ଆଣ୍ଠୁରେ ଗଭୀର ଆଘାତ ଲାଗିଥିଲା। ସେତେବେଳକୁ ତାଙ୍କ ବ୍ରେନ୍ ଡେନ୍ ହୋଇଯାଇଥିଲା। ତେବେ ମୁଣ୍ଡକୁ ଆକ୍ରମଣ କରିବା ଯୋଗୁଁ ତାଙ୍କର ବ୍ରେନ୍‌ଡେଡ୍‌ର ସମ୍ଭାବନା ଥାଇପାରେ ବୋଲି ଡାକ୍ତର କହିଛନ୍ତି। ତେବେ ବିପି ମାପି ହେଉ ନଥିବାରୁ ବାଳକାଟି ହସ୍ପିଟାଲରେ ସୌମ୍ୟଙ୍କୁ ଏଠାରେ କୌଣସି ପ୍ରକାର ଚିକିତ୍ସା କରାଯାଇ ନଥିଲା। ଇସିଜି ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ଡାକ୍ତର କ୍ରାଇମ୍‌ବ୍ରାଞ୍ଚକୁ ବୟାନ ଦେଇଥିବା ସୂଚନା ମିଳିଛି। ସୌମ୍ୟଙ୍କୁ ପୁଲିସ ଉପସ୍ଥିତିରେ ପ୍ରଥମେ ଆକ୍ରମଣ କରାଗଲା। ଏହି ଘଟଣାର ମୁକସାକ୍ଷୀ ଥିବା ସୌମ୍ୟଙ୍କ ସମ୍ପର୍କୀୟ ଓମ୍ ହାତଗୋଡ଼ ବନ୍ଧିବାକୁ ନେଇ ପୁଲିସ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ। ପୁଲିସ ଇଙ୍ଗିତରେ ସୌମ୍ୟଙ୍କ ହାତ ଗୋଡ଼ ବନ୍ଧା ଯାଇଥିଲା। ହାତଗୋଡ଼ ବାନ୍ଧିବାର ପ୍ଲାନ୍ ସାଦା ପୋଷାକରେ ଥିବା ପୁଲିସ କର୍ମଚାରୀଙ୍କ ଥିଲା ବୋଲି ଓମ୍ ସିଧାସଳଖ ଅଭିଯୋଗ କରିଥିଲେ। ଅତି ଅମାନବୀୟ ଭାବେ ଗାଇ, ଛେଳିଙ୍କୁ ଦୌଡ଼ିରେ ବାନ୍ଧି ପୁଲିସ ଆଣିଥିବା ଘଟଣାକୁ ସୌମ୍ୟଙ୍କ ପରିବାର ଲୋକେ ମଧ୍ୟ ନିନ୍ଦା କରିଥିଲେ। ଡାକ୍ତରଙ୍କ ବୟାନ ପରେ ନିଲମ୍ବିତ ପୁଲିସ କର୍ମଚାରୀଙ୍କ ପାଇଁ ଅଡୁଆ ବଢ଼ିପାରେ। ପୁଲିସର ଏଭଳି କାର୍ଯ୍ୟ ଖୋଲାଖୋଲି ଭାବେ ମାନବାଧିକାର ଉଲଙ୍ଘନ ବୋଲି ମାନବାଧିକାର କର୍ମୀମାନେ ମତ ପ୍ରକାଶ କରିଛନ୍ତି।

# ୫ ରାଜପଥ ଲୁଟେରାଙ୍କୁ କାବୁ କଲା କମିସନରେଟ୍ ପୁଲିସ

**ଭୁବନେଶ୍ୱର(ପିପିଏସ୍):** ଧଉଳି ଥାନା ପୁଲିସ ଆଜି ୫ ଜଣ ରାଜପଥ ଲୁଟିଆଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଏଥିସହ ସେମାନଙ୍କ ଠାରୁ ୨ଟି ମୋଟର ସାଇକଲ ଓ ୯ଟି ମୋବାଇଲ ଫୋନ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଝାରପଡ଼ାସ୍ଥିତ ବିଚାର ବିଭାଗ ହାଜତକୁ ପଠାଇଛି। ଆଜି ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଜୋନ-୨ ଏସିପି କୃଷ୍ଣଚନ୍ଦ୍ର ପଲ୍ଲେଇ, ଧଉଳି ଥାନା ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ସେମାନେ ହେଲେ ଜଗତସିଂହପୁର ରଘୁନାଥପୁର ଥାନା କୋଟକଣା ଗ୍ରାମର ଧନିଆ ଓରଫ ସୂର୍ଯ୍ୟକାନ୍ତ ଜେନା ଓ ନାଉଗାଁ ଥାନା ନଳଙ୍ଗା ଗ୍ରାମର ଈଶ୍ୱର ସାଇଁ, ଲକ୍ଷ୍ମୀସାଗର ଥାନା କଦଳୀଗୋଦାମ ବସ୍ତିରେ ରହୁଥିବା ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଞ୍ଚଳର ଏନ. ରୋଶନ ରେଡି, ଲିଙ୍ଗରାଜ ଥାନା ସାମନ୍ତରାପୁର ମହାବୀରଲେନରେ ରହୁଥିବା ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ଓ ଶୁଭ୍ରଜିତ ମଲ୍ଲିକ। ଏହି ଲୁଟିଆ ଗ୍ୟାଙ୍ଗକୁ ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଚଳାଉଥିବା ପୁଲିସ ସାମ୍ବାଦିକ ସମ୍ମିଳନୀରେ କହିଛି। ଖବରନେବାରେ ଜଣାପଡିଛି ବାଲିପାଟଣା ଥାନା ଅଞ୍ଚଳର ପ୍ରଦୀପ ସେନାପତି ଗତ ୧୧ ତାରିଖ ରାତିରେ କେଶୁରା ଅଞ୍ଚଳରୁ ଏକ ରୋଷେଇ ସାରି ଘରକୁ ଫେରୁଥିବା ବେଳେ ଭୁବନେଶ୍ୱର-ପୁରୀ ବାଇପାସ୍ ରୋଡ୍‌ର ଓଡ଼ିଆଣୀ ଢାବା ନିକଟରେ ଏକ କଳା ରଙ୍ଗର ପଲସର ମୋଟର ସାଇକେଲରେ ଆସିଥିବା ଉପରୋକ୍ତ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ସେମାନେ ଶ୍ରୀ ସେନାପତିଙ୍କ ପାଖରୁ ନଗଦ ୪,୫୦୦ ଟଙ୍କା ଓ ଏକ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଏହାପରେ ସେମାନେ ମୋବାଇଲ ଫୋନରୁ ଫୋନ ପେ ଯୋଗେ ତାଙ୍କ ଆକାଉଣ୍ଟରୁ ୬୩,୦୦୦ ଟଙ୍କା ନେଇଥିଲେ। ଏନେଇ ଶ୍ରୀ ସେନାପତି ପ୍ରଥମେ ବଡ଼ଗଡ଼ ଥାନାକୁ ଯାଇଥିଲେ। ମାତ୍ର ଘଟଣାଟି ଧଉଳି ଥାନା ଅଧିନ ଅଞ୍ଚଳରେ ହୋଇଥିବାରୁ ଏଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅଭିଯୋଗକାରୀ ଶ୍ରୀ ସେନାପତିଙ୍କ ଫୋନ-ପେ ଏବଂ ବ୍ୟାଙ୍କ ନେଣଦେଣ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଏହି ପଇସା ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଓ ଗୋବିନ୍ଦଙ୍କ ମୋବାଇଲ ଫୋନ-ପେକୁ ଯାଇଥିବା ଜାଣିବାକୁ ପାଇଲେ। ପରେ ଲୋକେସନ୍ ଟ୍ରାକିଂ ମାଧ୍ୟମରେ ପୁଲିସ ପ୍ରଥମେ ଗୋବିନ୍ଦ ଓ ତାଙ୍କ ସହଯୋଗୀ ସୁଭ୍ରଜିତଙ୍କୁ କାବୁ କରିଥିଲା। ଏବଂ ପରେ ସେମାନେ ଅନ୍ୟ ସହଯୋଗୀ ସୂର୍ଯ୍ୟକାନ୍ତ, ଈଶ୍ୱର ଏବଂ ଏନ୍. ରୋଶନଙ୍କ ନାମ କହିବା ସହ ଘଟଣାରେ ସମ୍ପୃକ୍ତି ବିଷୟରେ ପୁଲିସକୁ ଜଣାଇଥିଲେ। ଶେଷରେ ସମସ୍ତ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏଥିସହ ସେମାନଙ୍କ ବ୍ୟବହୃତ ମୋବାଇଲ, ମୋଟର ସାଇକଲ ଜବତ କରିଥିଲେ। ସମ୍ପୃକ୍ତ ଅଭିଯୁକ୍ତମାନେ ପୂର୍ବ ଯୋଜନାବଦ୍ଧ ଭାବେ ବିଭିନ୍ନ ସମୟରେ ରାଜପଥର ନିଛାଟିଆ ସ୍ଥାନରେ ଠିଆହୋଇ ଏହି ଅପରାଧ ଭିଆଇଥାନ୍ତି ବୋଲି ପୁଲିସ ପଚରାଉଚରା ସମୟରେ ଜାଣିବାକୁ ପାଇଛି।








## ରାହୁଲ ଗାନ୍ଧୀ ଅରାଜକତାବାଦୀ ମାନସିକତା ଥିବା ବ୍ୟକ୍ତି : ନୀତିନ ନବୀନ



ନୂଆଦିଲ୍ଲୀ : ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ବିଶ୍ୱାସଘାତକ' ସମ୍ପର୍କିତ ଆପତ୍ତିଜନକ ମନ୍ତବ୍ୟକୁ ନେଇ ପାଲଟା ଆକ୍ରମଣ କରିଛନ୍ତି। ନୀତିନ ନବୀନ କେବଳ ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟକୁ ଦୁର୍ଭାଗ୍ୟଜନକ କହି ନାହାଁନ୍ତି , ବରଂ ତାଙ୍କୁ ଅରାଜକତାବାଦୀ ମାନସିକତା ଥିବା ବ୍ୟକ୍ତି ବୋଲି କହିଛନ୍ତି। ବିଜେପି ନେତା ଏହା ମଧ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଏବଂ ତାଙ୍କ ଦଳକୁ ଏହାର ବହୁତ ମୂଲ୍ୟ ଦେବାକୁ ପଡିବ। ବିଜେପି ଅଧକ୍ଷ ନୀତିନ ନବୀନ ନ୍ୟୁଜ୍ ଏଜେନ୍ସି ଇଘଓକୁ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ଆଜିର ବକ୍ତବ୍ୟ ଖୁବ୍ ଦୁର୍ଭାଗ୍ୟଜନକ ଏବଂ କେଉଁଠି ନା କେଉଁଠି ତାଙ୍କର ଅରାଜକତାବାଦୀ ମାନସିକତାକୁ ପ୍ରତିଫଳିତ କରୁଛି । ଭାରତୀୟ ରାଜନୀତିରେ ଯେଉଁଠାରେ ପବିତ୍ରତା, ସାମାଜିକତା ଏବଂ ପାରସ୍ପରିକ ସମ୍ମାନ ଦେବାର ପ୍ରକ୍ରିୟା ରହିଛି , ଏଥିରେ ତାଙ୍କର ବକ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେପି ଅଧକ୍ଷ ଅଭିଯୋଗ କରିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ପୂର୍ବଜମାନେ ଏହି ଦେଶର ବିବେକ ଓ ଜମିକୁ ସର୍ବଦା ବନ୍ଧକ ରଖିବାର କାମ କରିଛନ୍ତି। କେବେ ବି ଦେଶର ସୈନିକଙ୍କ ମନୋବଳ ବୃଦ୍ଧି କରିବା କାମ କରି ନାହାନ୍ତି। ନୀତିନ ନବୀନ ରାହୁଲ ଗାନ୍ଧୀଙ୍କୁ ପଚାରିଛନ୍ତି , ନକ୍ସଲବାଦ ବନ୍ଦ କରିବା କଣ ବିଶ୍ୱାସଘାତକତା ? ଏହି ଦେଶର ଭୂଇଁକୁ ସୁରକ୍ଷିତ ରଖିବା କଣ ବିଶ୍ୱାସଘାତକ? ସମଗ୍ର ବିଶ୍ୱରେ ଏହି ଦେଶର ତ୍ରିରଙ୍ଗାର ସମ୍ମାନ କରିବା କଣ ବିଶ୍ୱାସଘାତକତା ?

## କୋଲକାତାରେ ଅଭିଷେକ ବାନାର୍ଜୀଙ୍କର ୪୩ ସମ୍ପତ୍ତି



କୋଲକାତା: ପଶ୍ଚିମବଙ୍ଗ ବିଜେପି ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ସହ ଜଡିତ ୪୩ଟି ସମ୍ପତ୍ତିର ତାଲିକା ପ୍ରକାଶ କରିଛି। ଏହିସବୁ ସମ୍ପତ୍ତି ବାନାର୍ଜୀଙ୍କ ସହଯୋଗୀ ଓ ପରିବାର ସଦସ୍ୟଙ୍କ ସହ ମିଳିତ ମାଲିକାନା ଥିବା କୁହାଯାଉଛି। ସୂତ୍ର ଅନୁସାରେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ଏହି ତାଲିକାକୁ ନେଇ ବିସ୍ତୃତ ତଦନ୍ତ କରିବ। ଟିଏମସି-ନିୟନ୍ତ୍ରିତ କୋଲକାତା ମ୍ୟୁନିସିପାଲ କର୍ପୋରେସନ (କେଏମସି) ମମତା ବାନାର୍ଜୀଙ୍କ ଭଣଜାଙ୍କ ସହ ଜଡିତ ୧୭ଟି ସମ୍ପତ୍ତିକୁ ନୋଟିସ ଜାରି କରିବା ପରେ ଏହି ଘଟଣା ଘଟିଛି। ତୃଣମୂଳ କଂଗ୍ରେସ ଏହି ତାଲିକାକୁ ମିଥ୍ୟା ଓ ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହି ଖାରଜ କରିଦେଇଛି। ତେବେ ତୃଣମୂଳ କଂଗ୍ରେସର ସାଂସଦ ତଥା ଯୁବ ଶାଖା ମୁଖ୍ୟ ସାୟୋନି ଘୋଷଙ୍କ ସହିତ ବାନାର୍ଜୀଙ୍କର ମିଳିତ ମାଲିକାନାରେ ଥିବା ସମ୍ପତ୍ତିକୁ ନେଇ ବିବାଦ ଉଠିଛି। ଡକ୍ୟୁମେଣ୍ଟରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିର ଠିକଣା ୧୯ଡି, ସେଭେନ୍ ଟ୍ୟାଙ୍କ୍ ଲେନ୍ ରହିଛି। ତେବେ ଯାଦବପୁର ସାଂସଦ ଏହି ସମ୍ପତ୍ତି ସହିତ ତାଙ୍କର କୌଣସି ପ୍ରକାର ସମ୍ପର୍କକୁ ଅସ୍ୱୀକାର କରିଛନ୍ତି। ଅଭିଯୋଗ-ଗୁଡ଼ିକୁ ଭିତ୍ତିହୀନ କହିବା ସହିତ ନିର୍ବାଚନ ସତ୍ୟପାଠରେ ତାଙ୍କ ସମ୍ପତ୍ତି ତାଲିକା ରହିଥିବା କହିଛନ୍ତି। ସାୟୋନି କହିଛନ୍ତି, ସେ ସାଧାରଣ ପୃଷ୍ଠଭୂମିରୁ ଆରମ୍ଭ କରିଥିଲେ ଓ ଆଜି ପର୍ଯ୍ୟନ୍ତ ରାଜନୀତିରୁ କୌଣସି ଅପ୍ରତ୍ୟାଶିତ ଲାଭ ପାଇ ନାହାନ୍ତି। କୌଣସି ପ୍ରମାଣ ବିନା ମୋତେ ବଦନାମ କରିବାକୁ ଚେଷ୍ଟା କରୁଥିବା ଲୋକମାନେ ଏସବୁ ବନ୍ଦ କରନ୍ତୁ ବୋଲି ଟ୍ୱିଟ୍ କରିଥିଲେ। ତାଙ୍କ ବିରୋଧରେ ଅପ୍ରଚାର କଲେ ସାୟୋନି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଧମକ ଦେଇଛନ୍ତି।

## ଭିସା-ମୁକ୍ତ ପ୍ରବେଶ ନିୟମରେ ପରିବର୍ତ୍ତନ



ବ୍ୟାଙ୍କକ: ଥାଇଲ୍ୟାଣ୍ଡ ସରକାର ଏକ ନୂଆ ଭିସା ବ୍ୟବସ୍ଥା ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଥାଇ କ୍ୟାବିନେଟ ୯୩ ଦେଶର ପର୍ଯ୍ୟଟକଙ୍କ ପାଇଁ ଭିସା-ମୁକ୍ତ ପ୍ରବେଶ ଯୋଜନାରେ ହ୍ରାସକୁ ଅନୁମୋଦନ କରିଛି। ଏହି ଯୋଜନା ଅନ୍ତର୍ଗତ, ଥାଇଲ୍ୟାଣ୍ଡ ୬୦ ଦିନିଆ ଭିସା ଛାଡକୁ ପ୍ରତ୍ୟାହାର କରିନେଇଛି। ଯାହା ମହାମାରୀ ପରେ ଅର୍ଥନୀତିକୁ ସୁଧାରିବା ପାଇଁ ଜୁଲାଇ ୨୦୨୪ରେ ପ୍ରଚଳନ କରାଯାଇଥିଲା। ଏହି ଛାଡ ଆମେରିକା, ଇସ୍ରାଏଲ, ଦକ୍ଷିଣ ଆମେରିକା ଏବଂ ୟୁରୋପର ୨୯ଟି ଦେଶର ସେଙ୍ଗେନ ଜୋନ୍ ଅଞ୍ଚଳ ପାଇଁ ଥିଲା।ଥାଇଲ୍ୟାଣ୍ଡର ନୂତନ ନିଷ୍ପତ୍ତି ଭାରତୀୟ ପର୍ଯ୍ୟଟକଙ୍କୁ ମଧ ସିଧାସଳଖ ପ୍ରଭାବିତ କରିବ ବୋଲି କୁହାଯାଉଛି। ନୂତନ ବ୍ୟବସ୍ଥା ଅନୁଯାୟୀ,ଭିସା-ମୁକ୍ତ ରହଣି ସୀମା ୩୦ ଦିନ ସ୍ଥିର କରାଯିବ। କିଛି ଦେଶର ନାଗରିକଙ୍କ ପାଇଁ ଅନୁମୋଦିତ ଅବଧି ୧୫ ଦିନକୁ ହ୍ରାସ କରାଯିବ। ଥାଇ ସରକାରଙ୍କ ମୁଖପାତ୍ର ରଚାଦା ଧନାଡିରେକ କହିଛନ୍ତି, ବର୍ତ୍ତମାନର ଯୋଜନା ଯୋଗୁଁ ଅନେକ ଲୋକ ଲାଭ ଉଠାଉଛନ୍ତି। ପର୍ଯ୍ୟଟନ ଆମ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ, କିନ୍ତୁ ସୁରକ୍ଷା ଚିନ୍ତାକୁ ଅଣଦେଖା କରାଯାଇପାରିବ ନାହିଁ। ଥାଇ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ ୬୦ ଦିନର ଛାଡ଼ରେ ଅଜାଣତରେ କିଛି ତ୍ରୁଟି ରହିଯାଇଛି, ଯାହା ଫଳରେ ବେଆଇନ ଗ୍ରେ-ମାର୍କେଟ୍ ବ୍ୟବସାୟ, ଅନଧିକୃତ ବିଦେଶୀ କର୍ମଚାରୀ ଏବଂ ଅନଲାଇନ୍ ଠକେଇ ସମସ୍ୟା ଦେଖାଦେଇଛି। ସରକାର ବର୍ତ୍ତମାନ ୩୦ ଦିନର ସୀମାକୁ ପ୍ରକୃତ, ଉଚ୍ଚ-ମୂଲ୍ୟର ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ସମୟସୀମା ବୋଲି ବିବେଚନା କରିଛନ୍ତି। ଏହି ନୀତି ପରିବର୍ତ୍ତନ ଡ୍ରଗ୍ସ ଚାଲାଣ, ମାନବ ଚାଲାଣ ଏବଂ ହୋଟେଲ ଭଳି ଅନଧିକୃତ ସ୍ଥାନୀୟ ବ୍ୟବସାୟ ପରିଚାଳନାରେ ସମ୍ପୃକ୍ତ ବିଦେଶୀ ନାଗରିକଙ୍କ ସହିତ ଜଡିତ ଅନେକ ହାଇ-ପ୍ରୋଫାଇଲ୍ ଗିରଫଦାରୀ ଘଟଣା ବଢ଼ିବା ପରେ କରାଯାଇଛି। ବୈଦେଶିକ ମନ୍ତ୍ରୀ ସିହାସାକ ଫୁଆଙ୍ଗକେଟକେଓ କହିଛନ୍ତି ଯେ, ଏହି ପଦକ୍ଷେପ ମାଧମ କୌଣସି ନିର୍ଦ୍ଦିଷ୍ଟ ଦେଶ ବିରୋଧରେ କାର୍ଯ୍ୟକାରୀ କରାଯାଉ ନାହିଁ ବରଂ ଆଇନରୁ ଖସିଯିବା ପାଇଁ ଭିସା ବ୍ୟବସ୍ଥାର ଅପବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ ଏହା ଦ୍ୱାରା ଟାର୍ଗେଟ କରାଯାଇଛି।

## ବାୟୁସେନାର ଟ୍ରେନିଂ ବିମାନ କ୍ରାଶ

ଇସଲାମବାଦ : ମିଆଁୱାଲି ନିକଟରେ ପାକିସ୍ତାନ ବାୟୁସେନାର ଏକ ବିମାନ କ୍ରାଶ ହୋଇଛି । ଜିସେହଙ୍ଗଡୁ କ-୮ ଟ୍ରେନିଂ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ରହିଛି । ଦୁର୍ଘଟଣା ପୂର୍ବରୁ, ଉଭୟ ପାଇଲଟ୍ ପାରାଚ୍ୟୁଟ ମାଧ୍ୟମରେ ବିମାନରୁ ବାହାରି ସୁରକ୍ଷିତ ଭାବରେ ବାହାରି ଆସିଛନ୍ତି । ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । ପାଇଲଟ୍‌ଙ୍କ ଅବସ୍ଥା କିମ୍ବା ଭୂମିରେ କୌଣସି ସମ୍ଭାବ୍ୟ ମୃତାହତ ସମ୍ପର୍କରେ ପାକିସ୍ତାନ ବାୟୁସେନା ବର୍ତ୍ତମାନ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ । ଘଟଣା ପରେ, ଜରୁରୀକାଳୀନ ଦଳ ଏବଂ ସ୍ଥାନୀୟ ଅଧିକାରୀମାନେ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି । ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଘଟଣାର ତଦନ୍ତ ପରେ ହିଁ ଦୁର୍ଘଟଣା ପଛର ପ୍ରକୃତ କାରଣ ଜଣାପଡିବ ।

# ନୀତିଗତ ମାମଲାରେ ଆମେ ହସ୍ତକ୍ଷେପ କରିପାରିବୁ ନାହିଁ

ନୂଆଦିଲ୍ଲୀ: ବୁଧବାର ଦିନ ସୁପ୍ରିମକୋର୍ଟ ଜାତିଗତ ଜନଗଣନାକୁ ଚ୍ୟାଲେଞ୍ଜ କରାଯାଇଥିବା ଏକ ଆବେଦନକୁ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଜାତିଗତ ଜନଗଣନା ଏକ ନୀତିଗତ ମାମଲା ଏବଂ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଜାତିଗତ ଜନଗଣନା ଜାତିଭିତ୍ତିକ ହେବା ଉଚିତ କି ନାହିଁ ତାହା ସରକାରଙ୍କ ନିଷ୍ପତ୍ତି। କୋର୍ଟ ଏହା ମଧ କହିଛନ୍ତି ଯେ, ସରକାରଙ୍କୁ ଓବିସିଙ୍କ ସଂଖ୍ୟା ଜାଣିବା ଉଚିତ। ପଛୁଆ ବର୍ଗର ଲୋକଙ୍କ ସଂଖ୍ୟା ସରକାରଙ୍କର ଜାଣିବା ଉଚିତ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ, ଜାତିଗତ ତଥ୍ୟର ଅପବ୍ୟବହାର ହୋଇପାରେ। ସରକାରଙ୍କ ପାଖରେ ପୂର୍ବରୁ ପର୍ଯ୍ୟାପ୍ତ ତଥ୍ୟ ଅଛି, ତେଣୁ ନୂତନ ଜାତିଗତ ଜନଗଣନାର ଆବଶ୍ୟକତା ନାହିଁ। ପ୍ରଧାନ ବିଚାରପତି ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଦେଶରେ କେତେ ଲୋକ ପଛୁଆ ବର୍ଗର ତାହା ଜାଣିବା ସରକାରଙ୍କ ପାଇଁ ଅତ୍ୟାବଶ୍ୟକ, ଯାହା ଦ୍ୱାରା ସେମାନଙ୍କ ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଯାଇପାରିବ। କୋର୍ଟ ଏହି ସରକାରୀ ନୀତିଗତ ନିଷ୍ପତ୍ତିଗୁଡ଼ିକରେ ହସ୍ତକ୍ଷେପ କରିପାରିବେ ନାହିଁ, ଯେପର୍ଯ୍ୟନ୍ତ ଏହା ଆଇନ ବିରୋଧୀ ନ ହୋଇଛି।ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଭାରତରେ ଚଳିତବର୍ଷ ଏପ୍ରିଲ ୧ ରେ ଆରମ୍ଭ ହୋଇଥିଲା। କରୋନା ଯୋଗୁଁ ପାଞ୍ଚ ବର୍ଷ ବିଳମ୍ବ



ପରେ, ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ଭାବରେ ଜନଗଣନା କରାଯାଉଛି। ଘର ତାଲିକାଭୁକ୍ତକରଣ ଏବଂ ପରିବାର ଗଣନା ଏପ୍ରିଲ ୧୬ ରୁ ମେ' ୧୫ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ପର୍ଯ୍ୟାୟରେ ପରିବାର ଏବଂ ସମ୍ପତ୍ତି ବିଷୟରେ ସୂଚନା ସଂଗ୍ରହ କରାଯାଇଥିଲା, ଯେତେବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ପରିବାର ସଦସ୍ୟଙ୍କ ବିଷୟରେ ସୂଚନା ସଂଗ୍ରହ କରାଯିବ। ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ରେ ଆରମ୍ଭ ହେବ। ଜନଗଣନାର ପ୍ରଥମ ପର୍ଯ୍ୟାୟ ବର୍ତ୍ତମାନ ଆଠଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି। ସେଥିମଧ୍ୟରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣ୍ଣାଟକ, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା, ସିକିମ ଏବଂ ଦିଲ୍ଲୀର ଏନ୍‌ଡିଏମ୍ସି ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଅଞ୍ଚଳ ରହିଛି। ଜନଗଣନାର ପ୍ରଥମ ପର୍ଯ୍ୟାୟ ୧ ଏପ୍ରିଲରୁ ୩୦ ସେପ୍ଟେମ୍ବର, ୨୦୨୬ ପର୍ଯ୍ୟନ୍ତ ଛଅ ମାସ ପାଇଁ ଚାଲିବ। ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିଜ ନିଜ ଅଞ୍ଚଳରେ ୩୦ ଦିନ ମଧ୍ୟରେ ସର୍ଭେ ସମାପ୍ତ କରିବାକୁ ପଡିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମ ଥର ପାଇଁ, ଘର ଘର ସର୍ଭେ ପୂର୍ବରୁ ଆତ୍ମ-ଗଣନା ପାଇଁ ୧୫ ଦିନର ସମୟ ରଖାଯାଇଛି, ଯାହା ଦେଶର ଯେକୌଣସି ନାଗରିକଙ୍କୁ ସେମାନଙ୍କ ସୁବିଧା ଅନୁସାରେ ପୂର୍ବରୁ ସେମାନଙ୍କର ସୂଚନା ପ୍ରବେଶ କରିବାକୁ ଅନୁମତି ଦେବ। ଏହା ଉଲ୍ଲେଖନୀୟ ଯେ, ଏହା ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ୍ ଜନଗଣନା, ଯାହାକୁ ସ୍ୱୟଂ-ଗଣନା ପୋର୍ଟାଲ ମାଧ୍ୟମରେ ମଧ ସମାପ୍ତ କରାଯାଇପାରିବ।

## ଆମେରିକା ସିନେଟ୍‌ରେ ଇରାନ ଯୁଦ୍ଧ ବନ୍ଦ କରିବା ପ୍ରସ୍ତାବକୁ ଅନୁମୋଦନ

ୱାସିଂଟନ: ଆମେରିକା ସିନେଟ୍ରେ ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମରିକ ଶକ୍ତି ସୀମିତ କରିବାର ପ୍ରସ୍ତାବ ପାରିତ ହୋଇଯାଇଛି। ଭୋଟରେ ବିରୋଧୀ ଡେମୋକ୍ରାଟଙ୍କ ସହ ଚାରି ଜଣ ରିପବ୍ଲିକାନ ସାଂସଦ ସାମିଲ ହୋଇଥିଲେ। ତଥାପି ତିନି ଜଣ ରିପବ୍ଲିକାନ ସାଂସଦ ଭୋଟ ଦେବାରୁ ବିରତ ରହିଥିଲେ। ପ୍ରସ୍ତାବଟି ୫୦-୪୭ ଭୋଟରେ ଗୃହୀତ ହୋଇଛି, ଯଦିଓ ଏହାକୁ ଆଇନରେ ପରିଣତ ହେବା ପୂର୍ବରୁ ଆହୁରି ଅନେକ ପଦକ୍ଷେପ ଦେଇ ଯିବାକୁ ପଡିବ। ଏହା ଆଇନରେ ପରିଣତ ହୁଏ, ତେବେ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବା ପାଇଁ ଟ୍ରମ୍ପ ପ୍ରଶାସନକୁ କଂଗ୍ରେସ (ଆମେରିକା ସଂସଦ)ର ଅନୁମୋଦନ ଆବଶ୍ୟକ ହେବ।ବିଲ୍ ଉପରେ ଏକ ଚୂଡ଼ାନ୍ତ ଭୋଟ୍ ଏବେବି ସିନେଟରେ ବିଚାରାଧୀନ ଅଛି। ଏହା ପରେ ଏହାକୁ ରିପବ୍ଲିକାନ୍-ବହୁଳ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଦ୍ୱାରା ଅନୁମୋଦନ କରିବାକୁ ପଡିବ। ତଥାପି ଏହା ପରେ ମଧ ଟ୍ରମ୍ପ ଏହାକୁ



ଭିଟୋ ଦେଇପାରିବେ। ସେହି ଭିଟୋକୁ ଖାରଜ କରିବା ପାଇଁ ସିନେଟ୍ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଉଭୟରେ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ ହେବ, ଯାହାକୁ ବର୍ତ୍ତମାନ କଷ୍ଟକର ବୋଲି ବିବେଚନା କରାଯାଉଛି। ଏହି ଭୋଟକୁ ବିରୋଧୀଙ୍କ ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି। ବିରୋଧୀ ଯୁକ୍ତି ଦେଇଛନ୍ତି ଯେ, ଆମେରିକାରେ ଯୁଦ୍ଧ ଆରମ୍ଭ କରିବା କିମ୍ବା ସେନା ପଠାଇବାର କ୍ଷମତା ରାଷ୍ଟ୍ରପତିଙ୍କ ପାଖରେ ନୁହେଁ, କଂଗ୍ରେସ ପାଖରେ ରହିବା ଉଚିତ। ଆମେରିକା ସମ୍ବିଧାନ ଏହି ସମାନ ବ୍ୟବସ୍ଥା ପ୍ରଦାନ କରେ। ଏହି ପ୍ରସ୍ତାବ ଭର୍ଜିନିଆ ଡେମୋକ୍ରାଟିକ୍ ସିନେଟର ଟିମ୍ କେନ୍‌ଙ୍କ ଦ୍ୱାରା ଆଗତ କରାଯାଇଥିଲା। ବିତର୍କ ସମୟରେ କେନ୍ କହିଥିଲେ ଯେ ଯୁଦ୍ଧବିରତି ନେଇ ଆଲୋଚନା ଚାଲିଥିବା ବେଳେ, ଟ୍ରମ୍ପ କଂଗ୍ରେସ ସମ୍ମୁଖରେ ହାଜର ହୋଇ ତାଙ୍କର ରଣନୀତି ବ୍ୟାଖ୍ୟା କରିବା ଉଚିତ। କେନ୍ କହିଛନ୍ତି ଯେ କେବଳ ରାଷ୍ଟ୍ରପତି ନୁହେଁ, କଂଗ୍ରେସ ପାଖରେ ଯୁଦ୍ଧ ଆରମ୍ଭ କରିବାର ଅଧିକାର ଅଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ, ଟ୍ରମ୍ପ ଆମେରିକାର ସୁରକ୍ଷା ପାଇଁ ତାଙ୍କ କ୍ଷମତା ମଧ୍ୟରେ କାର୍ଯ୍ୟ କରିଛନ୍ତି। ଆମେରିକା ଆଇନ ଅନୁଯାୟୀ, ଜଣେ ରାଷ୍ଟ୍ରପତି କଂଗ୍ରେସ ଅନୁମୋଦନ ବିନା କେବଳ ୬୦ ଦିନ ପାଇଁ ସାମରିକ ଅଭିଯାନ ଆରମ୍ଭ କରିପାରିବେ। ଏହାପରେ ତାଙ୍କୁ ଯୁଦ୍ଧ ସମାପ୍ତ କରିବାକୁ ପଡିବ, କଂଗ୍ରେସ ଅନୁମୋଦନ ନେବାକୁ ପଡିବ, କିମ୍ବା ସୈନ୍ୟମାନଙ୍କର ସୁରକ୍ଷିତ ପ୍ରତ୍ୟାହାର ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ୩୦ ଦିନ ମାଗିବାକୁ ପଡିବ।

## କ୍ୟାବିନେଟ୍‌ରେ ସାମିଲ ହେବେ ନାହିଁ ଏଆଇଏଡିଏମ୍‌କେର ବିଦ୍ରୋହୀ ବିଧାୟକ

ଚେନ୍ନାଇ: ସରକାରଙ୍କୁ ସମର୍ଥନ କରୁଥିବା ଏଆଇଏଡିଏମ୍‌କେର ବିଦ୍ରୋହୀ ବିଧାୟକଙ୍କ ମଧ୍ୟରୁ କାହାରିକୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସି. ଯୋଶେଫ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ଏହାର ସହଯୋଗୀ ଦଳଗୁଡ଼ିକୁ ଆଶ୍ୱାସନା ଦେଇଛି। ଏଆଇଏଡିଏମ୍‌କେର ବିଦ୍ରୋହୀ ବିଧାୟକମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ଟିଭିକେ ପ୍ରସ୍ତାବ ଦେଇଥିବା କଥା ପ୍ରଚାର ହେବା ପରେ ଏହାକୁ ତୀବ୍ର ବିରୋଧ କରିଥିଲେ ଟିଭିକେକୁ ସରକାର ଗଠନ କରିବାରେ ସହଯୋଗ କରିଥିବା ଭିସିକେ ଓ ବାମଦଳ। ଆଉ ତା'ପରେ ଟିଭିକେ ପକ୍ଷରୁ ସହଯୋଗୀ ଦଳଗୁଡ଼ିକୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଭିସିକେ ମୁଖ୍ୟ ଥୋଲ୍ ଥିରୁମାଭାଲାଭାନ୍ କହିଛନ୍ତି ଯେ ତାଙ୍କ ଦଳ ଏହି ବିଷୟରେ ପୂର୍ବରୁ ହିଁ ଟିଭିକେକୁ ନିଜର ଆଭିମୁଖ୍ୟ ଜଣାଇ ସାରିଥିଲା ଏବଂ ଚେତାବନୀ ଦେଇଥିଲା ଯେ ବିଦ୍ରୋହୀ ଏଆଇଏଡିଏମ୍‌କେ ବିଧାୟକମାନଙ୍କୁ ମନ୍ତ୍ରୀ ପଦ ଦେବା ପାଇଁ କୌଣସି ବି ପଦକ୍ଷେପ



ନିଆଗଲେ, ସହଯୋଗୀ ଦଳଗୁଡ଼ିକ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିବାକୁ ଚିନ୍ତା କରିପାରନ୍ତି। ସେ ଏହା ମଧ କହିଛନ୍ତି ଯେ ଭିସିକେକୁ ଟିଭିକେ ପକ୍ଷରୁ ଆଶ୍ୱାସନା ମିଳିଛି ଯେ ଏଭଳି କୌଣସି ଯୋଜନା କରାଯାଉ ନାହିଁ। ବିଦ୍ରୋହୀ ଏଆଇଏଡିଏମ୍‌କେ ଗୋଷ୍ଠୀକୁ କୌଣସି କ୍ୟାବିନେଟ୍ ପଦବୀ ଦିଆଯିବ ନାହିଁ ବୋଲି ଟିଭିକେ ଆମକୁ ସୂଚନା ଦେଇଛି। ସିପିଆଇ(ଏମ) ମଧ ସମାନ ଆଭିମୁଖ୍ୟ ଗ୍ରହଣ କରିଛି। ବିଦ୍ରୋହୀ ଏଆଇଏଡିଏମ୍‌କେ ବିଧାୟକମାନଙ୍କୁ କ୍ୟାବିନେଟ୍ରେ ସ୍ଥାନ ଦିଆଗଲେ ସରକାରକୁ ସମର୍ଥନ ନେଇ ଦଳ ପୁଣି ଥରେ ବିଚାର କରିବ ବୋଲି କହିଛି। ମୁଖ୍ୟମନ୍ତ୍ରୀ ବିଜୟ ଏକ ବଡ଼ ଧରଣର କ୍ୟାବିନେଟ୍ ସମ୍ପ୍ରସାରଣ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିରେ କଂଗ୍ରେସକୁ ଦୁଇଟି ମନ୍ତ୍ରୀ ପଦ ମିଳିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ତାମିଲନାଡୁ ବିଧାନସଭାରେ କଂଗ୍ରେସର ୫ ଜଣ ବିଧାୟକ ଅଛନ୍ତି। ଟିଭିକେ ସାଧାରଣ ସମ୍ପାଦକ ଆଧବ ଅର୍ଜୁନ ଆଜି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଷୟରେ ସୂଚନା ଦେଇ କହିଥିଲେ ଯେ କଂଗ୍ରେସ କ୍ୟାବିନେଟରେ ଯୋଗ ଦେଉ ବୋଲି ମୁଖ୍ୟମନ୍ତ୍ରୀ ସି. ଯୋଶେଫ ବିଜୟ ଜିଦ୍ ଧରିଛନ୍ତି। ସରକାରଙ୍କୁ ବାହାରୁ ସମର୍ଥନ ଦେବା ପାଇଁ ବାମପନ୍ଥୀ ଦଳଗୁଡ଼ିକର ନିଷ୍ପତ୍ତିକୁ ଟିଭିକେ ସମ୍ମାନ ଜଣାଉଛି। କିନ୍ତୁ ଭିସିକେ ଏବଂ ଓଟଗ-ଖକୁ ମନ୍ତ୍ରିମଣ୍ଡଳରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯାଇଛି।

## ପଞ୍ଜାବୀ ଗାୟିକା ଇନ୍ଦର କୌରଙ୍କୁ ହତ୍ୟା

ଲୁଧିଆନା କେନାଲରୁ ପଞ୍ଜାବୀ ଗାୟିକା ଇନ୍ଦର କୌରଙ୍କ ମୃତଦେହ ଉଦ୍ଧାର; ତଦନ୍ତ ଜୋରଦାର ହେବା ସହ ଦୁଇଜଣ ଗିରଫ। ଏକ ଚାଞ୍ଚଲ୍ୟକର ଘଟଣାକ୍ରମରେ, ପଞ୍ଜାବୀ ଗାୟିକା ତଥା ମେକଅପ୍ ଆର୍ଟିଷ୍ଟ ଇନ୍ଦର କୌର, ଯିଏ କି ଯଶିନ୍ଦର କୌର ନାମରେ ମଧ ପରିଚିତ, ନିଖୋଜ ହେବାର କିଛି ଦିନ ପରେ ଲୁଧିଆନାର ଏକ କେନାଲରୁ ତାଙ୍କର ମୃତଦେହ ମିଳିଛି। ପୋଲିସର ସୂଚନା ଅନୁଯାୟୀ, ମେ ୧୩ ତାରିଖରେ ସେ ନିଖୋଜ ହେବା ପରେ ଏକ ବ୍ୟାପକ ସର୍ଚ୍ଚ ଅପରେସନ କରାଯାଇ ମଙ୍ଗଳବାର ଦିନ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଲୁଧିଆନାର ଜମାଲପୁରର ବାସିନ୍ଦା ଇନ୍ଦର କୌର ନିଖୋଜ ହେବା ଦିନ ନିଜ କାର୍ରେ ଘରୁ ବାହାରିଥିଲେ। ଏହାର କିଛି ସମୟ ପରେ ତାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ତାଙ୍କ ଭାଇ ବିଶେଷ କରି ସୁଖବିନ୍ଦର ସିଂହ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାର ପକ୍ଷରୁ ଆହୁରି ମଧ ଦାବି କରାଯାଇଛି ଯେ, କାନାଡାରେ ରହୁଥିବା ଜଣେ ବ୍ୟକ୍ତି ଏହି ହତ୍ୟାକାଣ୍ଡର ଯୋଜନା କରିଥିଲେ, ଯାହାଙ୍କ ବିବାହ ପ୍ରସ୍ତାବକୁ ସେ ନିକଟରେ ପ୍ରତ୍ୟାଖ୍ୟାନ କରିଥିଲେ।

## କେଦାରନାଥରେ ଭୂସ୍ଖଳନ



ଡେରାଡୁନ: ଉତ୍ତରାଖଣ୍ଡରେ କେଦାରନାଥ ଯାତ୍ରା ଉତ୍ସାହର ସହିତ ଜାରି ରହିଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ କେଦାରନାଥଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି। ସେମାନଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଉଛି। ଏହି ସମୟରେ, କେଦାରନାଥ ରୁଟ୍ରେ ଭୂସ୍ଖଳନ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ରୁଦ୍ରପ୍ରୟାଗରେ ଭୂସ୍ଖଳନ ଯୋଗୁଁ କେଦାରନାଥ ଯାତ୍ରା ରୁଟ୍ ବାଧାପ୍ରାପ୍ତ ହୋଇଥିଲା। ଏହି ସମୟରେ, ଏସ୍ଡିଆର୍ଏଫ୍ ପକ୍ଷରୁ ୧୦,୪୫୦ ଶ୍ରଦ୍ଧାଳୁଙ୍କୁ ରାତି ଅନ୍ଧାରରେ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ରାତିସାରା ଉଦ୍ଧାର ଅପରେସନରେ ନିୟୋଜିତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ବିଳମ୍ବିତ ରାତିରେ କେଦାରନାଥ ଯାତ୍ରା ମାର୍ଗରେ ସୋନପ୍ରୟାଗ ଏବଂ ଗୌରୀକୁଣ୍ଡ ମଧ୍ୟରେ ମୁଙ୍କାଟିଆ ଅଞ୍ଚଳରେ ହଠାତ୍ ଭୂସ୍ଖଳନ ଘଟି ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା। ଅବରୋଧ ଯୋଗୁଁ ବହୁ ସଂଖ୍ୟକ ତୀର୍ଥଯାତ୍ରୀ ଫସି ରହିଥିଲେ। ରାତି ଅନ୍ଧାର, ଖରାପ ପାଗ, ପାହାଡିଆ ଅଞ୍ଚଳରୁ ଲଗାତାର ଖସିପଡୁଥିବା ମାଟି ଅତଡ଼ାର ଭଗ୍ନାବଶେଷ ଏବଂ ତୀର୍ଥଯାତ୍ରୀଙ୍କ ଭିଡ଼ ପରିସ୍ଥିତିକୁ ଅତ୍ୟନ୍ତ ଚ୍ୟାଲେଞ୍ଜିଂ କରିଥିଲା।

## ଜାପାନରେ ଶକ୍ତିଶାଳୀ ଭୂକମ୍ପ


ଟୋକିଓ: ବୁଧବାର ଦିନ ଦକ୍ଷିଣ ଜାପାନରେ ୫.୯ ତୀବ୍ରତାଯୁକ୍ତ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। କାଗୋସିମା ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଫଳରେ ଅଞ୍ଚଳର ଅନେକ କୋଠା ଥରି ଉଠିଥିଲା, ଯାହା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା।ଲୋକେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ଜାପାନ ପାଣିପାଗ ସଂସ୍ଥା (ଜେଏମ୍ଏ) ଅନୁଯାୟୀ, ଓକିନାୱାର ମୁଖ୍ୟ ଦ୍ୱୀପ ନିକଟରେ ଏହି ଶକ୍ତିଶାଳୀ ଭୂମିକମ୍ପ ଆସିଥିଲା।କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ କୌଣସି ସୁନାମି ବିପଦ ନାହିଁ। ବୁଧବାର ସକାଳେ ପୂର୍ବ ଚୀନ୍ ସାଗରରେ ମଧ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୬.୦ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ଜାପାନର ଦକ୍ଷିଣ ଦ୍ୱୀପପୁଞ୍ଜ କାଗୋସିମା ଏବଂ ଓକିନାୱା ନିକଟରେ ଥିବାରୁ, ଆଖପାଖ ଉପକୂଳରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା।

## ପଞ୍ଜାବରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ

ନୂଆଦିଲ୍ଲୀ : ପଞ୍ଜାବରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ। ଶ୍ରୀମନ୍ଦିର ପ୍ରଶାସନର ପ୍ରତିବାଦ ପରେ ସ୍ଥଗିତ ହୋଇଥିବା ନେଇ ଘୋଷଣା କରାଯାଇଛି। ଫିରୋଜପୁର କ୍ୟାଣ୍ଟନମେଣ୍ଟ ଜଗନ୍ନାଥ ମନ୍ଦିର ପକ୍ଷରୁ ସ୍ଥଗିତ ରଖିବାକୁ ସହମତି ମିଳିଛି। ମେ' ୨୩ ତାରିଖରେ ହେବାକୁ ଥିବା ରଥଯାତ୍ରାକୁ ସ୍ଥଗିତ ନେଇ ଘୋଷଣା କରାଯାଇଛି। ଧାର୍ଯ୍ୟ ତିଥି ଜୁଲାଇ ୧୬ରେ ରଥଯାତ୍ରା କରିବା ନେଇ ସହମତି ଦେଇଛନ୍ତି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଲେ ଫିରୋଜପୁର ଜିଲ୍ଲାପାଳ। ମାତ୍ର ୟୁପି ହାପୁର ରଥଯାତ୍ରା ସ୍ଥଗିତ ନେଇ କୌଣସି ସୂଚନା ମିଳି ନାହିଁ। ମନ୍ଦିର ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫିରୋଜପୁର କ୍ୟାଣ୍ଟନମେଣ୍ଟରେ ଅବସ୍ଥିତ ଏକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସରକାରୀ ଭାବରେ ନିର୍ଦ୍ଧାରିତ ତାରିଖର ପ୍ରାୟ ଦୁଇ ମାସ ପୂର୍ବରୁ ରଥଯାତ୍ରା ଆୟୋଜନ କରିବାକୁ ଯୋଜନା କରୁଥିଲା।ଶ୍ରୀମନ୍ଦିର ପ୍ରଶାସନ କହିଛି ଯେ ପବିତ୍ର ପର୍ବ ପ୍ରଭୁ ଜଗନ୍ନାଥଙ୍କ ସହିତ ଜଡିତ ପାରମ୍ପରିକ ତିଥି ଅନୁସରଣ କରିବା ଉଚିତ।

# ଇରାନ ଯୁଦ୍ଧରେ ୪୨ ବିମାନ ହରାଇଛି ଆମେରିକା : ରିପୋର୍ଟ

ୱାସିଂଟନ : ଆମେରିକା ଇରାନ ଉପରେ ଏକ ବଡ଼ ଆକ୍ରମଣ କରିଥିଲା। ଏହାପରେ, ଇରାନ ଉପସାଗରରେ ଥିବା ଆମେରିକୀୟ ସାମରିକ ବାହିନୀ ଉପରେ ପ୍ରତିଶୋଧ ନେଇଥିଲା। ଏବେ, ଇରାନ ସହିତ ଯୁଦ୍ଧ ସମୟରେ ଆମେରିକା କେତେ ବିମାନ ହରାଇଛି ସେ ବିଷୟରେ ସୂଚନା ମିଳିଛି। ଭୟଙ୍କର ଯୁଦ୍ଧ ପରେ ମଧ୍ୟପ୍ରାଚ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଛି। ତଥାପି ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବା ଜାରି ରହିଛି। ଆମେରିକା ଖୁବ୍ ଶୀଘ୍ର ଇରାନ ଉପରେ ଆଉ ଏକ ଆକ୍ରମଣ କରିପାରେ ବୋଲି ଆଶଙ୍କା ରହିଛି। ଗତ କିଛି ଦିନ ଧରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ବାରମ୍ବାର ଧମକ ଦେଇ ଆସୁଛନ୍ତି। ତେବେ ସମ୍ପ୍ରତି ଆସିଥିବା ରିପୋର୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟରେ ଦାବି କରାଯାଇଛି ଯେ, ଇରାନ ଯୁଦ୍ଧରେ ଆମେରିକା ୪୨ ଟି ବିମାନ ହରାଇଛି। ଏତେ ସଂଖ୍ୟକ ବିମାନ



ହରାଇବା ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି ବୋଲି ବିବେଚନା କରାଯାଉଛି। ଦୀର୍ଘ ଦିନ ଧରି ଟ୍ରମ୍ପ ପ୍ରଶାସନ ଏହାକୁ ଲୁଚାଉଥିଲେ। ତେବେ ଏବେ ସତ ସାମ୍ନାକୁ ଆସିଛି। ଫେବ୍ରୁଆରି ୨୮ ତାରିଖରେ ଆମେରିକା ଇରାନକୁ ଟାର୍ଗେଟ କରି ଅପରେସନ ଏପିକ୍ ଫ୍ୟୁରି ଆରମ୍ଭ କରିଥିଲା। ଏହି ଅପରେସନ ସମୟରେ ଇରାନର ଅନେକ ଅଞ୍ଚଳରେ ଥିବା ସାମରିକ ଘାଟିକୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖେମିନିଙ୍କ ସମେତ ଅନେକ ପ୍ରମୁଖ ନେତା ଏବଂ ସାମରିକ ଅଧିକାରୀ ନିହତ ହୋଇଥିଲେ। କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ୍ (ସିଆର୍ଏସ୍) ଆମେରିକାର ଅପରେସନ୍ ଉପରେ ଏକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧରେ ଆମେରିକା ବହୁ କ୍ଷତି ସହିଛି। ରିପୋର୍ଟରେ କୁହାଯାଇଛି ଯେ, ଇରାନ ଅପରେସନ ସମୟରେ କ୍ଷତିଗ୍ରସ୍ତ ବିମାନ ମଧ୍ୟରେ ଚାରୋଟି ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଲଢୁଆ ବିମାନ,ଗୋଟିଏ ଏଫ୍-୩୫ଏ,ଲାଇଟନିଂ -୨ ଲଢୁଆ ବିମାନ, ଗୋଟିଏ ଏ-୧୦ ଥଣ୍ଡରବୋଲ୍ଟ-୨ ଭୂମି ଆକ୍ରମଣ ବିମାନ, ସାତଟି କେସି-୧୩୫ ଷ୍ଟ୍ରାଟୋଟାଙ୍କର୍ ଏରିଆଲ୍ ରିଫ୍ୟୁଲିଙ୍ଗ୍ ବିମାନ, ଗୋଟିଏ ଇ-୩ ସେଣ୍ଟ୍ରି ଆୱାକ୍ସ ବିମାନ, ଦୁଇଟି ଏମ୍ସି-୧୩୦ଜେ କମାଣ୍ଡୋ-୨ ସ୍ୱତନ୍ତ୍ର ଅପରେସନ୍ ବିମାନ, ଗୋଟିଏ ଏଚ୍ଏଚ୍ -୬-ଡବ୍ଲୁ ଜଲି ଗ୍ରୀନ୍-୨ ହେଲିକପ୍ଟର, ୨୪ଟି ଏମକ୍ୟୁ-୯ ରିପର ଡ୍ରୋନ୍ ଏବଂ ଗୋଟିଏ ଏମ୍କ୍ୟୁ-୪ସି ଟ୍ରାଇଟନ୍ ଡ୍ରୋନ୍ ଆଦି ରହିଛି। ନଷ୍ଟ ହୋଇଥିବା ବିମାନ ସଂଖ୍ୟା ପୁଣି ଅପଡେଟ୍ ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ଫଳରେ ସଂଖ୍ୟା ପୁଣି ବଢ଼ିବ ବୋଲି ଅନୁମାନ କରାଯାଉଛି।

## ବିଜ୍ଞାନରେ ସାଗର ଓ କଳାରେ ଜ୍ୟୋତିର୍ମୟୀ ଟପ୍ପର

ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ କୁମ୍ଭିଆପଲ୍ଲୀ ସ୍ଥିତ ପଠାଣି ସାମନ୍ତ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଆଇଟି (ପିଆଇ ଏମ୍ ଆଇଟି) ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଓ କଳା ବିଭାଗରେ ଶତ ପ୍ରତିଶତ ଫଳାଫଳ ହୋଇଛି।ବିଜ୍ଞାନ ବିଭାଗର ମୋଟ - ୫୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୨ ଜଣ ପ୍ରଥମ ଶ୍ରେଣୀ,୫ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ସେହିପରି କଳା ବିଭାଗରେ ୮୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦ ପ୍ରଥମ,୩୦ ଜଣ ଦ୍ୱିତୀୟ ଓ ୨୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ଯୁକ୍ତଦୁଇ ବିଜ୍ଞାନରେ ସାଗର ମହାପାତ୍ର ମୋଟ୍ ୫୫୩ ନମ୍ବର ରଖି କଲେଜ୍ ଟପର ହୋଇଥିବାବେଳେ କଳା ବିଭାଗର ଜ୍ୟୋତିର୍ମୟୀ ନାୟକ ୫୩୭ ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଛନ୍ତି । କଲେଜ ଅଧକ୍ଷ ସୁରେଶ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧାପକ ଅଧାପିକାଙ୍କ ଅଭିନବ ସୃଜନାତ୍ମକ ଅଧାପନା ପାଇଁ ଏହା ସମ୍ଭବ ହୋଇଥିବା ଅଭିଭାବକମାନେ କହିଛନ୍ତି।ଅନୁଷ୍ଠାନର ପରିଚାଳନା ମୁଖ୍ୟ ଡ.ସନ୍ତୋଷ କୁମାର ପ୍ରଧାନ,ପରିଚାଳନା ନିର୍ଦ୍ଦେଶକ ଉଲ୍ଲାସ ପ୍ରଧାନ ଓ ସମ୍ପାଦକ ସୁଶୀଲ କୁମାର ପ୍ରଧାନ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।ରଘୁନାଥ ସମବାୟ ମହାବିଦ୍ୟାଳୟ କୃତିତ୍ୱ ୨୦୨୫-୨୬ ଶିକ୍ଷାବର୍ଷର ୨୦ ତାରିଖ ବୁଧବାର ଦିନ+୨ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଆଶାନୁରୂପକ ସଫଳତା ହାସଲ କରିଥିବା ଜଣାପଡିଛି।+୨ ବିଜ୍ଞାନ ରେ ୧୭୯ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୫୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୯ ଜଣ , ତୃତୀୟ ଶ୍ରେଣୀରେ ଓ କମ୍ପାର୍ଟମେଣ୍ଟାଲ ରେ ଜଣେ ଲେଖାଏଁ ପାଶ୍ କରିଥିବା ବେଳେ+୨କଳାରେ ପ୍ରଥମ ଶ୍ରେଣୀରେ ୧୧୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୯୦ ଜଣ, ତୃତୀୟ ଶ୍ରେଣୀରେ ୧୪୧ ଜଣ ଓ କମ୍ପାର୍ଟମେଣ୍ଟାଲରେ ୫୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ସର୍ବାଧିକ ୫୮୨ ନମ୍ବର ରଖି ସତ୍ୟ ଧର୍ମ ସାହୁ ପ୍ରଥମ ସ୍ଥାନ,୫୭୮ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ୫୭୬ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଥିବା ବେଳେ କଳାରେ ୫୫୮ ନମ୍ବର ରଖି ଓମିସଭ ପ୍ରଧାନ ପ୍ରଥମ ସ୍ଥାନ,୫୩୧ ନମ୍ବର ରଖି ପ୍ରିୟଙ୍କା ମହାପାତ୍ର ଦ୍ୱିତୀୟ ସ୍ଥାନ ,୫୨୫ ନମ୍ବର ରଖି ପୂର୍ଣ୍ୟତୋୟା ବାରିକ ତୃତୀୟ ସ୍ଥାନ ହାସଲ କରି କଲେଜର ସୁନାମ ଅର୍ଜନ କରିଥିବା ଜଣାପଡିଛି।

# କେନ୍ଦ୍ରାପଡ଼ା ବିଧାନସଭା ସ୍ତରୀୟ ବିଜେଡିର ନାରୀ ଅଧିକାର ଅଭିଯାନ



କେନ୍ଦ୍ରାପଡ଼ା, (ପିପିଏସ): ପାର୍ଲାମେଣ୍ଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମର ତ୍ୱରିତ କାର୍ଯ୍ୟାୟନ୍ବନ ଓ ମହିଳାମାନଙ୍କ ପ୍ରତି ବଢିଚାଲିଥିବା ନୃଶଂସ ନିର୍ଯାତନାକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ସମ୍ବନ୍ଧେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଦିଆଯାଇଥିଲା । ଜିଲ୍ଲା ମହିଳା ବିଜେଡି ସଭାପତି ତଥା ନଗରପାଳ ସରିତା ସାହୁଙ୍କ ନେତୃତ୍ୱରେ ରାଜ୍ୟ ବିଜେଡି ଆହ୍ୱାନରେ ୩ହଜାରରୁ ଅଧିକ ମହିଳା କେନ୍ଦ୍ରାପଡା ସହରସ୍ଥ ନୂଆ ବସ୍ଷ୍ଟାଣ୍ଡ ଠାରୁ ଶୋଭାଯାତ୍ରାରେ ବାହାରି ନାରୀ ଅଧିକାର ସ୍ଲୋଗାନ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ

## ରାଷ୍ଟ୍ରପତିଙ୍କୁ ମହିଳା ସଂରକ୍ଷଣ ଦାବିପତ୍ର

ନିକଟକୁ ଆସିଥିଲେ । ସେଠାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାକୁ ଅସମର୍ଥ ପ୍ରତିବାଦରେ ବିଜେପି ସରକାରକୁ ବିରୋଧ କରି କେନ୍ଦ୍ରାପଡା ବିଜୁ ଜନତା ଦଳ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମରେ ହଜାର ହଜାର ମହିଳା କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇ ନାରୀଙ୍କୁ ସମ୍ମାନ ଓ ଅଧିକାର ଦାବି କରିଥିଲେ । ଏହିଠାରେ ଜିଲ୍ଲା ବିଜେଡି ମହିଳା ସଭାପତି ଶ୍ରୀମତୀ ସାହୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଶିଷ୍ଟ ଅତିଥି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ସମ୍ମାନୀତ ଅତିଥି ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, କେନ୍ଦ୍ରାପଡା ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ରାଜ୍ୟ ମହିଳା ବିଜେଡି ଉପସଭାପତି ଜ୍ୟୋତିରେଖା ନାୟକ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦକ ଡ. ମିନତି ବେହେରା ଯୋଗଦେଇଥିଲେ । ଅତିଥି ମାନେ କହିଥିଲେ ଯେ ଗତ ବିଜେଡି ସରକାର ସମୟରେ ମହିଳା ସଂରକ୍ଷଣ ବିଜୁ ଜନତା ଦଳର ସବୁ ସମୟରେ ପ୍ରଥମ ଆଭିମୁଖ୍ୟ ରହିଛି ଓ ରହିଥିବ। ମହିଳା ସଂରକ୍ଷଣ ବିଲ୍ ୨୦୨୩କୁ ପାର୍ଲାମେଣ୍ଟରେ ବିଜୁ ଜନତା ଦଳ ଦୃଢ ଭାବରେ ନିଃସର୍ତ୍ତ ସମର୍ଥନ କରିଥିଲା। ଦୁଃଖ ଓ ପରିତାପର ବିଷୟ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଲାଗୁ କଲେ ନାହିଁ । ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଲୁକ୍କାୟିତ ଭାବରେ ମହିଳା ସଂରକ୍ଷଣ ବିଲ୍ ନାଁରେ ପାରିତ କରିବାର ଅପଚେଷ୍ଟା ଓ ହୀନ ଚକ୍ରାନ୍ତ କରିଥିଲେ। ଆମର ଦୃଢ ଦାବି ୩୩ ପ୍ରତିଶତ ମହିଳା ସଂରକ୍ଷଣ ଉଭୟ ଲୋକସଭା ଓ ବିଧାନସଭାରେ ତୁରନ୍ତ ଲାଗୁ କରାଯାଉ। ବର୍ତ୍ତମାନ ଲୋକସଭାରେ ସ୍ଥାନ ସଂଖ୍ୟା ଭିତ୍ତିରେ ଏହି ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କୁ ଦିଆଯାଉ। ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣକୁ ଯୋଡି ମହିଳାଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରାନଯାଉ। ନାରୀମାନଙ୍କ ଅଧିକାର ପ୍ରତି ବିଜେପି ସରକାର କୁମ୍ଭୀର କାନ୍ଦଣା କାନ୍ଦୁଛି । ୨୦୨୩ ମସିହାରେ ଲୋକସଭାରେ ପାସ୍ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ କାର୍ଯ୍ୟକାରୀ ନ କରିବାକୁ ତୀବ୍ର ସମାଲୋଚନା କରିଥିଲେ । ନାରୀ ନିର୍ଯ୍ୟାତନା ବଢିବଢି ଚାଲିଥିବା ବେଳେ ବିଜେପି ସରକାର ଆଖିବୁଜି ଦେଇଛି । ଆଇନଶୃଙ୍ଖଳା ବୋଲି କିଛି ନାହିଁ । ଟଙ୍କାର ମୂଲ୍ୟ ଅବମୂଲ୍ୟାୟନ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦରଦାମ୍ ନିୟନ୍ତ୍ରଣ କରିପାରୁ ନାହାନ୍ତି । ଗାଡି କମ୍ ଚଳାଇବାକୁ, ଖାଇବା ତେଲ କମ୍ କରିବାକୁ, ସୁନା ନକିଣିବାକୁ, ବିଦେଶ ନଯିବାକୁ, ଘରେ ବସି କାମ କରିବାକୁ ବିଶ୍ୱଗୁରୁ ମୋଦି ଆହ୍ୱାନ ଦେଇଛନ୍ତ । ରାଜ୍ୟ ବିଜେପି ସରକାର ଥିଲାପରି ମନେ ହେଉନାହିଁ । କେବଳ ପୂର୍ବ ଯୋଜନା ନା ବଦଳେଇ ରଙ୍ଗ ବଦଳାଉଛନ୍ତି । ଋଣଭାର ବଢି ବଢି ଚାଲିଛି । ନିଯୁକ୍ତି ନାହିଁ ଓ ବେକାରୀ ସମସ୍ୟା ବଢି ବଢି ଚାଲିଛି ବୋଲି ନେତାମାନେ ସମାଲୋଚନା କରିଥିଲେ । ନାରୀ ଅଧିକାର ପାଇଁ ନାରି ସରକ୍ଷଣ ଆଇନକୁ ଲାଗୁ କରାନ୍ତୁ ବୋଲି ଦାବି କରିଥିଲେ । ରାଷ୍ଟ୍ରପତିଙ୍କ ନିକଟକୁ ଏକ ଦାବି ପତ୍ର ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସଭାପତି ଜ୍ୟୋସ୍ନାମୟୀ ପରିଡା, ସୁମିତ୍ରା ପାଢି, ପ୍ରିୟଦର୍ଶିନୀ ତରାଇ, ଲୋପାମୁଦ୍ରା ବାରିକ, ଅକ୍ତରି ଖାତୁନ, ରଶ୍ମିତା ସେଠୀ, ସ୍ୱୟଂପ୍ରଭା କର ପ୍ରମୁଖ ସାମିଲ ହୋଇଥିଲେ । ବରିଷ୍ଠ ବିଜେଡି ନେତା ରଞ୍ଜିତ ସାହୁ, ରାଜେଶ ଦାସ, ଆଲୋକ ସାହୁ, ନଗର ବିଜେଡି ସଭାପତି ଯଯାତି ମହାନ୍ତି, ପୌର ସଭ୍ୟ ଉମେଶ ନାୟକ, ରମେଶ ଦାସ, ସୁକୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବ ସେଷରେ ରାଜ୍ୟ ମହିଳା ବିଜେଡି ଉପସଭାପତି ରୋସନା ସାହୁ ଧନ୍ୟବାଦ ଦେଇଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ ଆଣିଲେ ପରିବାର, ୨ ଅଟକ



କୋରେଇ, (ପିପିଏସ) ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତ ର ନୂଆପାଟଣା ଗ୍ରାମର ଆମ୍ବ ଗଛରୁ ଜଣେ ଯୁବକର ଝୁଲନ୍ତା ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ୱଷ୍ଟ ହୋଇନଥିବା ବେଳେ ମୃତ୍ୟୁ କାରଣ ଅସ୍ୱଷ୍ଟ ଅଛି । ଅପର ପକ୍ଷେ ଏକ ହତ୍ୟାକାଣ୍ଡ ବୋଲି ବୋଲି ଅଭିଯୋଗ ହୋଇଛି । ଏନେଇ ପୁଲିସ ଏକ ମାମଲା ୧୮୯/୨୬ ରୁଜୁ କରି ତଦନ୍ତ ଜାରି ରଖିଛି । ଘଟଣାସ୍ଥଳେ ଥାନାଧିକାରୀ ରଂଜିତ ମହାନ୍ତି ଓ ଓ ଫାଣ୍ଡି ଅଧିକାରୀ ଦେବବ୍ରତ ମହାନ୍ତି ସଦଳ ବଳେ ପହଞ୍ଚି ସାଇଟିଫିକ ଟିମ ଡକାଇ ତଦନ୍ତ ଆରମ୍ଭ କରିଥିଲେ । ପରେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମେନ୍ତ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି । ପ୍ରକାଶଯେ ନୂଆପାଟଣା ଗ୍ରାମର ବାଉରୀବନ୍ଧୁ ସାହୁ ସ୍ତ୍ରୀ ଶ୍ରମତୀ ସାହୁଙ୍କ ଅଭିଯୋଗ ମୁତାବକ ତାଙ୍କ ବଡପୁଅ ବସନ୍ତ କୁମାର ସାହୁ ତାଙ୍କ ଦିଅର ବାଇଧର ସାହୁ ଓ ତାଙ୍କ ପୁଅ ହେମନ୍ତ ସାହୁଙ୍କ ପ୍ରରୋଚନାରେ ପଡି ବାଉରୀଙ୍କ ନାମରେ ଥିବା ଜମିଲୁ ଜାଲି ଆତି କରି ନିଜ ନାମକୁ ଆଣି ତିନି ମାସ ତଳେ ଅନ୍ୟତ୍ର ବିକ୍ରି କରିଦେଇଛି । ଏହା ଜାଣି ଚାଉରୀ ପଚାରିବାରୁ ବସନ୍ତ ଅଶ୍ଳୀଳ ଗାଳିଗୁଲଜ କରି ଘରେ ତାଲା ପକାଇ ତାଙ୍କୁ ଘରୁ ବାହାର କରିଦେଇଥିଲା । ସାନପୁଅ ପ୍ରଦୀପ ଏହାର ପ୍ରତିବାଦ କରିବାରୁ ତାକୁ ୨ ମାସ ମଧ୍ୟରେ ମାରିଦେବାକୁ ଧମକ ଦେଇଥିଲା । ଏପରି ସ୍ଥଳେ ସେ ଆଜି ସକାଳୁ ଖବର ପାଇ ଦେଖିବା ବେଳକୁ ତାଙ୍କ ବାଡି ପଛ ଏକ ଆମ୍ବ ଗଛରେ ଲୁଗା ଦ୍ୱାରା ଦଉଡି ଲଗାଇ ସାନପୁଅ ରଞ୍ଜନ ଓରଫ ପ୍ରଦୀପ ସାହୁ (୨୭)ର ମୃତ ଦେହ ଝୁଲୁଛି । ପ୍ରଦୀପର ମୃତ୍ୟୁ ବସନ୍ତ, ହେମନ୍ତ ଦ୍ୱାରା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଏହା ଥାନାରେ ଜଣାଇବା ପରେ ପୁଲିସ ମାମଲା ରୁଜୁ କରି ଘଟଣା ସ୍ଥଳେ ପହଂଚିଥିଲା । ସେଠାରେ ତଦନ୍ତ ପରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା । ଏହି ଘଟଣାରେ ପାଣିକୋଇଲି ଥାନାରେ ପୁଲିସ ଦୁଇ ଜଣ ଅଭିଯୁକ୍ତ ବସନ୍ତ ଓ ହେମନ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ୱଷ୍ଟ ହେବା ସହ ଏହା ହତ୍ୟା ନା ଆତ୍ମହତ୍ୟ ତାର ପର୍ଦାଫାସ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ । ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ମର ଶରୀର ଗ୍ରାମରେ ପହଂଚିବା ପରେ ଗାଁ ଶ୍ମଶାନରେ ସମ୍ପନ୍ନ କରାଯାଇଛି ।

## ଖ୍ରୀଷ୍ଟକଲେଜର +୨ ବାଣିଜ୍ୟ, କଳା ଓ ବିଜ୍ଞାନରେ ସଫଳତା

କଟକ (ତା୨୦.୦୫.୨୬) ଖ୍ରୀଷ୍ଟକଲେଜର +୨ ବାଣିଜ୍ୟରଛାତ୍ରଛାତ୍ରୀ ୯୪.୪% ପ୍ରତିଶତସଫଳତାଲାଭକରିଛନ୍ତି। ୧୮୦ ବିଦ୍ୟାର୍ଥୀଙ୍କମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୧, ଦ୍ୱିତୀୟଶ୍ରେଣୀରେ ୫୨ ଓ ତୃତୀୟଶ୍ରେଣୀରେ ୩୭ ଜଣ ଉତୀର୍ଣ୍ଣହୋଇଛନ୍ତି ।କଲେଜରଛାତ୍ରୀକାଜଲଶାହାସର୍ବୋଚ୍ଚ ୫୩୮ ମାର୍କରଖିକଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।ବିଜ୍ଞାନରଛାତ୍ରଛାତ୍ରୀ ୭୯.୩୩% ପ୍ରତିଶତସଫଳତାଲାଭକରିଛନ୍ତି। ୧୨୧ ବିଦ୍ୟାର୍ଥୀଙ୍କମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୯, ଦ୍ୱିତୀୟଶ୍ରେଣୀରେ ୪୨ ଓ ତୃତୀୟଶ୍ରେଣୀରେ ୫ ଜଣ ଉତୀର୍ଣ୍ଣହୋଇଛନ୍ତି ।କଲେଜରଛାତ୍ରସୌମ୍ୟ ରଞ୍ଜନ ସାହୁସର୍ବୋଚ୍ଚ ୫୩୦ ମାର୍କରଖିକଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।କଳାରଛାତ୍ରଛାତ୍ରୀ ୮୨.୩୩% ପ୍ରତିଶତସଫଳତାଲାଭକରିଛନ୍ତି। ୨୮୩ ବିଦ୍ୟାର୍ଥୀଙ୍କମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୮, ଦ୍ୱିତୀୟଶ୍ରେଣୀରେ ୪୫ ଓ ତୃତୀୟଶ୍ରେଣୀରେ ୧୧୦ ଜଣ ଉତୀର୍ଣ୍ଣହୋଇଛନ୍ତି ।କଲେଜରଛାତ୍ରୀତୁହିନାତରାସ୍ୱିନୀସର୍ବୋଚ୍ଚ ୫୨୦ ମାର୍କରଖିକଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।କଲେଜ ପରିଚାଳନାସମିତିରକର୍ମକର୍ତା ଓ ଅଧକ୍ଷା ଡଃ ଦେବଯାନୀ ଦାଶଉତୀର୍ଣ୍ଣସମସ୍ତବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇବାସହସେମାନଙ୍କ ଉଜ୍ଜ୍ୱଳ-ଭବିଷ୍ୟତ ପାଇଁଶୁଭକାମନାଜଣାଇଛନ୍ତି।

## ବର୍ଷେ ହେବ ଅଟକିଛି ସାଂସଦ ଆଦର୍ଶ ଗ୍ରାମ ଯୋଜନା

ଖଣ୍ଡପଡ଼ା, (ପିପିଏସ): ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ବାହାଡା ଗ୍ରାମକୁ ଗତ ପ୍ରାୟ ୨ବର୍ଷେ ତଳେ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରଯାଇଥିଲା। ମାତ୍ର ଇତି ମଧ୍ୟରେ ଦୀର୍ଘଦିନ ବିତିଥିଲେ ସୁଦ୍ଧା ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇପଡିଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତବର୍ଷ ୪୦ ଲକ୍ଷ ଟଙ୍କାର ଅନୁଦାନ ଏହି ଗ୍ରାମ ପାଇଁ ଦିଆଯାଇଛି। ଗ୍ରାମର ଅନୁସୂଚିତ ଜନଜାତି ଲୋକମାନେ ବସବାସ କରୁଥିବା ସ୍ଥାନରେ ଏହି ଅନୁଦାନ ରାଶି ଖର୍ଚ୍ଚ ହେବାର ନିୟମ ରହିଛି। ତେଣୁ ନିୟମ ଅନୁସାରେ ଗ୍ରାମରେ ଗ୍ରାମସଭା ଓ ପଲ୍ଲୀସଭା କରାଯାଇ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ଜିଲାପାଳଙ୍କ ନିକଟକୁ ପଠାଯିବା ପରେ ଏହା ଅନୁମୋଦନ ଲାଭ କରିଥିଲା। ଗତ ପ୍ରାୟ ବର୍ଷେ ତଳେ ଏହି ପ୍ରକଳ୍ପ ନିମନ୍ତେ ଆର୍ଥିକ ଅନୁଦାନ ରାଶି ମଞ୍ଜୁର ହୋଇଥିବା ବେଳେ ଯଥାଶୀଘ୍ର କାମ ନିମନ୍ତେ ଦାବି କରିଥିଲେ ଗ୍ରାମର ୱାର୍ଡ ସଭ୍ୟ ଓ ସଭ୍ୟାଙ୍କ ସମେତ ଶତାଧିକ ଜନତା। ମାତ୍ର ବର୍ଷେ ହେବ ପ୍ରକଳ୍ପ ବାବଦରେ ମାଟି ମୁଠାଏ ମଧ୍ୟ ପଡିନଥିବା ଦେଖିବାକୁ ମିଳିଛି। ମାସ ମାସ ଧରି ଅଭିଯୋଗ ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉନଥିବା ସୂଚନା ମିଳିଛି। ଏପରିକି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସମୟରେ ଗତବର୍ଷ ଗ୍ରାମର ୪ ୱାର୍ଡ ସଭ୍ୟ ଏବଂ ଜନସାଧାରଣ ଜିଲ୍ଲାପାଳଙ୍କୁ ଏଥିନିମନ୍ତେ ଫେରାଦ ମଧ୍ୟ ହୋଇଥିଲେ। ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ରାସ୍ତା, ଡ୍ରେନେଜ ଭଳି ମୌଳିକ ସୁବିଧା ଆଜି ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି। ଯାହା ଫଳରେ ବର୍ଷା ଦିନେ ଲୋକ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷାରେ ଗ୍ରାମର ରାସ୍ତା ଘାଟ କାଦୁଅ ପଚ ପଚ ହେଉଥିବା ବେଳେ ବାରମ୍ବାର ପ୍ରତିବାଦ କରିଆସୁଛନ୍ତି ଅଞ୍ଚଳ ବାସିନ୍ଦା। ଏ ନେଇ ବିଡିଓ ଅଙ୍କୁର ଅଭିଳାଷଙ୍କୁ ପଚାରିବାରେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ନିଗମାନନ୍ଦ ହାଇସ୍କୁଲର ୧୯୯୦ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଜଳଛତ୍ର ଉଦ୍‌ଯାପନ



ଗୋପ (ପିପିଏସ ) ପ୍ରଚଣ୍ଡ ରୌଦ୍ରତାପରେ ସାରା ଜନଜୀବନ ଅତିଷ୍ଠ ହୋଇପଡ଼ିଥିବା ବେଳେ, ପଥିକଙ୍କ ଶୋଷ ମେଣ୍ଟାଇବାକୁ ଆଗେଇ ଆସିଛନ୍ତି ପୁରାତନ ଛାତ୍ରଛାତ୍ରୀ। ପୁରୀ ଜିଲ୍ଲା ଗୋପ ବଜାରଠାରେ ନିଗମାନନ୍ଦ ହାଇସ୍କୁଲର ୧୯୯୦ ମସିହା ବ୍ୟାଚ୍ ପକ୍ଷରୁ ଦୀର୍ଘ ୧୦ ଦିନ ଧରି ଚାଲିଥିବା ମାଗଣା ଜଳଛତ୍ର କାର୍ଯ୍ୟକ୍ରମ ଆଜି ସଫଳତାର ସହ ଉଦଯାପିତ ହୋଇଯାଇଛି। ଛାତ୍ର ଶକ୍ତି ସମାଜ ଗଠନ ଓ ସେବାରେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରେ, ଏହି ପ୍ରୟାସ ତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ।ଗ୍ଲୋବାଲ୍ ୱାର୍ମିଂ ବା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି। ବିଭିନ୍ନ କାମରେ ଗୋପ ବଜାରକୁ ଆସୁଥିବା ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାକୁ ଦୂର କରିବା ପାଇଁ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ୯୦ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନେ ଏହି ଜଳଛତ୍ରର ଆୟୋଜନ କରିଥିଲେ, ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ଏହି ସମାପନୀ ଉତ୍ସବରେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଗୁରୁ ପ୍ରକାଶ ଚନ୍ଦ୍ର ଖଟୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଶୁଭ କରକମଳରେ ଜଳଛତ୍ରର ଉଦଯାପନ କରିଥିଲେ। ଏହା ସହିତ ସମ୍ମାନିତ ଅତିଥି ଭାବେ ଗୋପ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ରଅଗ୍ନିଶମ ବିଭାଗ ଅଧିକାରୀ ମନୋଜ ପାତ୍ରଗୋପ ମେଡିକାଲ ଇନଚାର୍ଜ ଡା. ଜସ୍ମିନ ଅଫରୋଜସମାଜସେବୀ ବିଭୁତି ପଟନାୟକଙ୍କ ସମେତ ଅଞ୍ଚଳର ଅନେକ ବରିଷ୍ଠ ବ୍ୟକ୍ତିତ୍ୱ ଉପସ୍ଥିତ ରହି ଏହି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।ଏହି ୧୦ ଦିନିଆ ସେବା କାର୍ଯ୍ୟକ୍ରମକୁ ୯୦ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀ ଯଥା ଜୟନ୍ତୀ ବାରିକ, ପ୍ରଦୀପ୍ତ ସିଂ, ସନତ ସେନାପତି, ମିଲନ ମହାନ୍ତି, ଭବାନୀ ଶଙ୍କର ସାମନ୍ତରାୟ, ଅମର ମିଶ୍ର, ମଧୁସୂଦନ ବେହେରା, ରତ୍ନାକର ସେଠୀ, ମନୋରଞ୍ଜନ ମୁଖି, ସଚ୍ଚିଦାନନ୍ଦ ଗୋଛାୟତ, ରତିକାନ୍ତ ବାରିକ, ସେକ ବାବର, ନିରଞ୍ଜନ ମୁଦୁଲି, ରାଜା, ବୁଲୁ, ଜାପାନୀ, ମାନସୀ ଏବଂ ବୈଲୋଚନଙ୍କ ସମେତ ଅନ୍ୟ ସଦସ୍ୟମାନେ ଅତ୍ୟନ୍ତ ସୁଚାରୁରୂପେ ପରିଚାଳନା କରିଥିଲେ।

## ବିଲକୁ ପାଣି ମଡ଼ାଇବାକୁ ଯାଇ ଚାଷୀ ମୃତ



ଭାପୁର, (ପିପିଏସ) ବିଲକୁ ପାଣି ମଡ଼ାଇବାକୁ ଯାଇ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି. ଏଭଳି ଘଟଣା ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ କରବର ଘାଟ ସାହି ଗ୍ରାମରେ ଘଟିଛି. ଘଟଣାରୁ ପ୍ରକାଶ, ଭାପୁର ବ୍ଲକ କରବାର ଗ୍ରାମର ମହେନ୍ଦ୍ର ପାଟଶାଣିଙ୍କ ପୁଅ ଛବିନ୍ଦ୍ର ପାଟଶାଣୀ (୪୦) ମଙ୍ଗଳବାର ଅପରାହ୍ନରେ ଚାଷ ଜମିକୁ ପାଣି ମାଡ଼ାଇବାକୁ ଯାଇଥିଲେ. ହଠାତ କାଳବୈଶାଖୀ ପବନରେ ଗଛରୁ ଡାଳ ଭାଙ୍ଗି ଛବିନ୍ଦ୍ର ମୁଣ୍ଡରେ ପଡ଼ିଯିବାରୁ ତାଙ୍କର ଅବସ୍ଥା ଗୁରୁତର ହୋଇଯାଥିଲା. ତାଙ୍କୁ ପ୍ରଥମେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା. ସେଠାରେ କାର୍ଯ୍ୟରତ ଡାକ୍ତର ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ. କିନ୍ତୁ ଆଜି ଦିନ ୨ଟା ସମୟରେ ଚିକିତ୍ସାଧିନ ଅବସ୍ଥାରେ କିମ୍ସ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି. ଛବିନ୍ଦ୍ର ଜଣେ ଗରିବ ଚାଷୀ ହୋଇଥିବାରୁ ପ୍ରଶାସନ୍ନ ତରଫରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତିଫ।

## ୩୦ ପେଟି ବିଅର ଓ ୪୩ ଲିଟର ଫରେନ ଲିକର ଜବତ

ଭାପୁର,(ପିପିଏସ) ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମରେ ବୁଧବାର ଦିନ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି. କୌଣସି ସୂତ୍ରରୁ ଖବର ପାଇ ନୟାଗଡ଼ ଅବକାରୀ ବିଭାଗ ଅଧିକାରୀ ରମେଶ ମହାନ୍ତି ମୋବାଇଲ ସ୍କ୍ୱାର୍ଡ ଧରି ଭଗବାନପୁର ଗ୍ରାମର ଲଡୁକିଶୋର ପ୍ରଧାନଙ୍କ ପୁଅ ରବୀନ୍ଦ୍ର କୁମାର ପ୍ରଧାନ(୫୨)ଙ୍କ ଘର ନିକଟରେ ଚଢ଼ାଉ କରିଥିଲେ. ଚଢ଼ାଉ ସମୟରେ ପାଲ ଘୋଡ଼ାଇ ଓ ଡିପ୍ ଫ୍ରିଜରରେ ୨୩ ପେଟି କିଙ୍ଗଫିସର ଏବଂ ୭ ପେଟି ଟର୍ବୋ ଏପରି ୩୦ ପେଟି ବିଅର ଜବତ କରିବା ସହ ୪୩ ଲିଟର ବିଭିନ୍ନ ବ୍ରାଣ୍ଡର ଫରେନ ଲିକର ଜବତ କରିଛ।

## ରାସ୍ତା ପୁନରୁଦ୍ଧାର ନିମନ୍ତେ ୱାର୍ଡ ବାସିନ୍ଦାଙ୍କ ଦାବିପତ୍ର

ଖଣ୍ଡପଡ଼ା, (ପିପିଏସ) : ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ କାଦୁଆସାହି ଓ ବେବର୍ତ୍ତାସାହି ବାସିନ୍ଦା ରାସ୍ତା ପୁନରୁଦ୍ଧାର ନିମନ୍ତେ ଏନଏସି କର୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏନଏସି ଅଧୀନ ଏକଚାଳିଆ ସାହି ପାର୍ଶ୍ୱରୁ ଆରମ୍ଭ ହୋଇଥିବା ଉକ୍ତ ରାସ୍ତାଟି କାଳକ୍ରମେ ସଂକୀର୍ଣ୍ଣ ହୋଇଯାଇଛି। ଅନ୍ୟପକ୍ଷରେ ବର୍ଷ ବର୍ଷ ଧରି ଅବହେଳା ଯୋଗୁଁ ରାସ୍ତାରେ ଗଛଲତା ଏବଂ ସରୀସୃପଙ୍କ ଆଶ୍ରୟସ୍ଥଳ ହୋଇଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଉକ୍ତ ପରିତ୍ୟକ୍ତ ଅଞ୍ଚଳରୁ ବିଷଧର ସରୀସୃପ ମାନେ ଘର ମଧ୍ୟକୁ ଚାଲିଆସୁଥିବା ଭଳି ଘଟଣା ଘଟୁଛି। ଫଳରେ ଅଞ୍ଚଳ ବାସିନ୍ଦା ଏକପ୍ରକାର ଆତଙ୍କିତ ଅବସ୍ଥାରେ ରହୁଥିବା ଅଭିଯୋଗ କରିଛନ୍ତି। ସେହିପରି ସଂକୀର୍ଣ୍ଣ ରାସ୍ତାଟି ମଧ୍ୟ ଜବରଦଖଲ ହୋଇଥିବା ଦେଖିବାକୁ ମିଳିଛି। ଏ ନେଇ ଆଜି ସାହି ବାସିନ୍ଦା ଏନଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ଲିଖିତ ଅଭିଯୋଗ କରିବା ସହିତ ପରିତ୍ୟକ୍ତ ରାସ୍ତା ସଫେଇ ଏବଂ ଜବରଦଖଲ ମୁକ୍ତ ରଖିବାକୁ ଦାବି କରିଛନ୍ତି। ତେବେ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଏ ଦିଗରେ ପଦକ୍ଷେପ ନେବାକୁ କହିଥିବା ସୂଚନା ମିଳିଛି।

## ଦୁର୍ଗା ମାଧବ ବାରିକ ଦକ୍ଷିଣ ଓଡିଶା ଟପ୍ପର



ବ୍ରହ୍ମପୁର (ପିପିଏସ)ସ୍ଥାନୀୟ ଜୟପ୍ରକାଶ ନଗର ଦ୍ୱିତୀୟ ଲାଇନ ସ୍ଥିତ ନାଳନ୍ଦା ଶ୍ରୀ ହାଏର ସେକେଣ୍ଡାରୀ ସ୍କୁଲରେ ଚଳିତବର୍ଷର ବିଜ୍ଞାନ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଅନୁଷ୍ଠାନର ବିଦ୍ୟାର୍ଥୀ ମାନେ ସତପ୍ରତିସତ ଉତୀର୍ଣ୍ଣ ହେବା ସହିତ ୭୫ ଜଣ ଛାତ୍ର ଛାତ୍ରୀ ଏ୧ ରଖିଛନ୍ତି,ସେମାନଙ୍କ ମଧ୍ୟରୁ ଦୁର୍ଗା ମାଧବ ବାରିକ ୫୯୬ (୯୯.୩୩) ଦକ୍ଷିଣ ଓଡିଶା ରେ ପ୍ରଥମ ସ୍ଥାନ ଏବଂ ସମଗ୍ର ଓଡିଶା ରେ ପ୍ରଥମ ତିନି ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ବେଳେ ଲାଭ କରିଥିବା ବେଳେ ସୁଶ୍ରୀ ଖୁସି ରଣା ୫୮୭ (୯୭.୮୩) ଏବଂ ଶୁଭମ ପାତ୍ର ୫୮୫ (୯୭.୫) ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଛନ୍ତି.ସମଗ୍ର ଓଡିଶା ରେ ପ୍ରଥମ ତିନି ଜଣ ମଧ୍ୟରେ ସ୍ଥାନ ପାଇଥିବା ଦୁର୍ଗା ମାଧବ ନିଜର ସଫଳତା ର ଶ୍ରେୟ ନିଜ ପିତା ମାତା ତଥା ଅନୁଷ୍ଠାନ ର ସମସ୍ତ କର୍ମକର୍ତ୍ତାଙ୍କୁ ଦେଇଥିବା ବେଳେ ଭବିଷ୍ୟତ ରେ ଭଲ ଇଂଜିନିୟର ଭାବେ ନିଜକୁ ଗଢି ତୋଳି ବେ ବୋଲି ନିଜ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ଏହି ଅବସର ରେ ଆୟୋଜିତ ଉତ୍ସବରେ '+୨ ବିଜ୍ଞାନ ଉତ୍କର୍ଷ ସମ୍ମାନ 'ରେ ସମ୍ମାନିତ କରିବା ସାଙ୍ଗକୁ ଅନୁଷ୍ଠାନର ଅଧକ୍ଷ ତଥା ପ୍ରତିଷ୍ଠାତା ଶ୍ରୀଯୁକ୍ତ କାଳିଚରଣ ସାହୁ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସାଙ୍ଗକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ । ଉପଦେଷ୍ଟା ଉମାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ.

## ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଙ୍ଗନୱାଡି କେନ୍ଦ୍ର ୨୧ରୁ ୩୧ ବନ୍ଦ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲାରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରାକ୍-ପ୍ରାଥମିକ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେଇ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ଆସନ୍ତା ୨୧ ମେ ୨୦୨୬ ଠାରୁ ୩୧ ମେ ୨୦୨୬ ପର୍ଯ୍ୟନ୍ତ ବନ୍ଦ ରଖାଯିବ। ତେବେ ଏହି ସମୟ ମଧ୍ୟରେ ସମସ୍ତ ପ୍ରାକ୍-ପ୍ରାଥମିକ ଶିଶୁମାନଙ୍କୁ ନିର୍ଦ୍ଦେଶିକା ଅନୁଯାୟୀ ଏଚସିଏମ୍ ଡ୍ରାଇ ରେସନ ବଂଟନ କରାଯିବ। ପ୍ରାକ୍-ପ୍ରାଥମିକ କାର୍ଯ୍ୟକଳାପ ବ୍ୟତୀତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକଳାପ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପୂର୍ବବତ୍ ଚାଲୁ ରହିବ ।

## ମାଙ୍କଡା ଗାଡ଼ି ଜବତ, ଜଣେ କୋର୍ଟଚାଲାଣ

ଭାପୁର, (ପିପିଏସ)ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ପିଠାଖାଇ ଗ୍ରାମରୁ ଚୋରା ମାଙ୍କଡା ବୋଝାଇ ଟ୍ରକ ଜବତ ହେବାସହ ଜଣକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ଜଣାପଡିଛି. ପୋଲିସ ସୂତ୍ରରୁ ପ୍ରକାଶ ମଙ୍ଗଳବାର ରାତି ୩ଟା ସମୟରେ ଫତେଗଡ଼ ପୋଲିସ ପକ୍ଷରୁ ପେଟ୍ରୋଲିଂ ହେଉଥିଲା. ପିଠାଖାଇ ଗ୍ରାମର ପଞ୍ଚୁ ଲେଙ୍କାଙ୍କ ପୁଅ ସରୋଜ ଲେଙ୍କା ମାଙ୍କଡା ବୋଝାଇ ଟ୍ରକ ଓଆର - ୦୯ ଏଚ - ୭୧୪୯ ଯୋଗେ ଚୋରା ମାଙ୍କଡ଼ା ପଥର ବୋଝେଇ କରି ଆସୁଥିଲା. ଫତେଗଡ଼ ପୋଲିସ ଟ୍ରକଟିକୁ ଜବତ କରିବା ସହ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା. ଏନେଇ ଫତେଗଡ଼ ଥାନାରେ କେସ ନଂ - ୧୬୨/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ବୁଧବାର ଦିନ ଅଦାଲତ ଚାଲାଣ କରାଯାଇଥିବା ଥାନା ଅଧିକାରୀଙ୍କ ଠାରୁ ପ୍ରକାଶ।

# ଲୋକଙ୍କ ପରେ ଅସହାୟ ଦେବଦେବୀ ମନ୍ଦିର

ଅସ୍ତରଙ୍ଗ (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଖଣ୍ଡାସାହି (ବାଲିସାହି )ଅଂଚଳର ରାଧାକୃଷ୍ଣ ମନ୍ଦିରରୁ ଚୋରୀ ହେଉ କି ଅସ୍ତରଙ୍ଗ ଥାନା ଠାରୁ ଅଳ୍ପ କିଛି ଦୂରରେ କୁଆଁରପୁର ଶିବ ମନ୍ଦିର, ବରଡ଼ି ମନ୍ଦିର, ଆଙ୍କୁଅ ମନ୍ଦିର ହେଉ ଠାକୁର ଙ୍କ ରୁପା, ସୁନା ମୁକୁଟ ସମେତ ବିଭିନ୍ନ ସାମଗ୍ରୀ ଚୋରି ଘଟଣାର କାକଟପୁର

**ବର୍ଷ ବିତୁଛି, ଚୋର ଧରିପାରୁନି ପୁଲିସ**

**ଅନେକ ମାମଲା ରୁଜୁ ହୋଇ ଫାଇଲିରେ ଧୂଳି ବସିଗଲାଣି**

**ପୁଲିସ କାର୍ଯ୍ୟ କୁ ନେଇ ଚାରିଆଡ଼େ ଅସନ୍ତୋଷ**

ଥାନା ଓ ଅସ୍ତରଙ୍ଗ ଥାନାରେ ରେ ଅଭିଯୋଗ ହେଉଛି। କିନ୍ତୁ ମାସ ମାସ ବିତିଯାଉଥିଲେ ସୁଦ୍ଧା ପୂର୍ବରୁ ବିଭିନ୍ନ ମନ୍ଦିର ରୁ ଚୋରି କରିଥିବା ଚୋରଙ୍କ ଟେର ପାଉନି



ପୁଲିସ। କେବଳ ମାମଲା ରୁଜୁ କରି ଚୁପ ବସିଛି ପୁଲିସ। ସ୍ଥାନୀୟ ଥାନା ଅଧିକାରୀ ଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ଅଧିକାରୀ ବଦଳୁଛନ୍ତି। ଫଳରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ବିଭିନ୍ନ ମନ୍ଦିର ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାକଟପୁର ଥାନା ଅଧୀନ ଖଣ୍ଡାସାହି (ବାଲିସାହି) ଗ୍ରାମର ରାଧାକୃଷ୍ଣ ମନ୍ଦିର ରୁ କିଛି ଦିନ ତଳେ ଚୋରୀ ହୋଇଥିବା ବେଳେ ଅସ୍ତରଙ୍ଗ ଥାନା ଅଧୀନରେ ଥିବା ବିଭିନ୍ନ ମନ୍ଦିର ରୁ ଚୋରୀ କ୍ରମାଗତ ଜାରୀ ରହିଛି କିନ୍ତୁ ପୁଲିସ ଦୁର୍ବୃତ୍ତ ଙ୍କୁ ଧରିବାରେ ବିଫଳ ହେଉଥିବାରୁ ପୁଲିସ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ରୁପା ମୁକୁଟ ସହ ରୂପା ପାଉଁଜି, ସୁନା ମଙ୍ଗଳସୂତ୍ର, ନାକଫୁଲ, ରୂପା ହାର, ସୁନା ମୁଦି, ଖଡୁ ଢାଳ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ପୁଲିସ ଉପରେ ଆସ୍ଥା ଓ ଭରସା ରଖି ଅଭିଯୋଗ କରୁଛନ୍ତି କିନ୍ତୁ ଥାନା କର୍ମଚାରୀ ଘଟଣା ସ୍ଥଳ ପରିଦର୍ଶନ କରି ମାମଲା ରୁଜୁ କରି ବସୁଛନ୍ତି, ଦୁର୍ବୃତ୍ତ ଙ୍କ ଟେର ପାଉନାହାନ୍ତି। ଅନେକ ମନ୍ଦିର ରୁ ଚୋରି ଏକ ବର୍ଷ ରୁ ଉର୍ଦ୍ଧ ବିତିବାକୁ ବସିଲାଣି ତଥାପି ଚୋରକୁ ଠାବ କରିବାରେ ସଫଳ ହୋଇନାହିଁ ପୁଲିସ। ଅନେକ ସ୍ଥାନରେ ସାଇଣ୍ଟିଫିକ ଟିମ୍ କେବଳ ଯାଞ୍ଚ କରି ସାରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଫାଇଲି ତଳେ ରହିଯାଉଛି। ଥାନାରେ ଏତଲା ଦେଇ କେବଳ ଚୁପ ବସିବା ଛଡା ଆଉ କିଛି ଉପାୟ ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକ। ଅନେକ ସ୍ଥାନରେ ଚୋରି ପରେ ପୁଲିସ କର୍ମଚାରୀ ଲୋକ ଦେଖାଣିଆ ରାତିରେ ପୁଲିସ କର୍ମଚାରୀ ମାନେ ମନ୍ଦିର ଜଗିଲେ। ତା ପରେ ନାଁ ଚୋରକୁ ଧରିଲେ ନାଁ ମନ୍ଦିର କୁ ସୁରକ୍ଷା ଦେଲେ । ଅଧିକାରୀ ମାନେ ବଦଳୁଛନ୍ତି, କିନ୍ତୁ ମାମଲା ଗୁଡିକ ଫାଇଲିରେ ରହିଯାଉଛି। ଅସ୍ତରଙ୍ଗ ବ୍ଲକ ଅଂଚଳରେ ସମସ୍ତ ଦେବାଳୟ ଲୋକଙ୍କ ଆସ୍ଥା ଓ ବିଶ୍ୱାସ। ମାତ୍ର ପୁଲିସର ଆନ୍ତରିକତା ଅଭାବରୁ ମନ୍ଦିର ରୁ ଚୋରି ଜିନିଷ ଉଦ୍ଧାର ହେଉନାହିଁ କି ଚୋର ଧରାପଡୁନାହାନ୍ତି। ସମସ୍ତ ଆଧୁନିକ ଜ୍ଞାନ କୌଶଳ ଥିବା ସତ୍ତ୍ୱେ ବର୍ଷ ବର୍ଷ ଧରି ଚୋରଙ୍କୁ ଚିହ୍ନଟ କରିପାରୁନି ପୁଲିସ। ଅନ୍ୟ ପକ୍ଷରେ ଥାନାର ଅଧିକାରୀ ମାନେ ବଦଳିଲେ ଫାଇଲି ରେ ଧୂଳି ଲାଗିଯାଉଛି। ସ୍ଥାନୀୟ ଲୋକ ଙ୍କ ଏସପି ଙ୍କ ଉପରେ ଭରସା ରହିଛି, ଯଦି ଅସ୍ତରଙ୍ଗ ଥାନା ଓ କାକଟପୁର ଥାନାର କିଛି ଗାଦି ମଡ଼ା କର୍ମଚାରୀ ଓ ଅଧିକାରିଣୀ ଙ୍କୁ ବଦଳି କରି ନୂତନ ଅଧିକାରୀ ମାନେ ନିଯୁକ୍ତି ହୁଅନ୍ତେ ଚୋରି ଘଟଣାର ଫର୍ଦାଫାଶ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।ଚୋର ବି ଆଗକୁ ଚୋରି କରିବାକୁ ଭୟ କରନ୍ତେ ।ଅପେକ୍ଷା କେବେ ଗାଦି ମଡ଼ା କର୍ମଚାରୀ ଥାନାରୁ ବଦଳି ହେବେ ଏହା ସହ ଅନେକ ମନ୍ଦିର ରୁ ଚୋରୀ ମାମଲା ରେ ସମ୍ପୃକ୍ତ ଦୁର୍ବୃତ୍ତ ଧରାହେବେ ।


**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA


ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୯ ରେ ପ୍ଲଟ୍ ନଂ-1C/23 ଟିକୁ ଶ୍ରୀ ସୁରେଶ କୁମାର ସ୍ୱାଇଁ, ପିତା- ସ୍ୱର୍ଗତ ଭ୍ରମର ବର ସ୍ୱାଇଁ, ସା- ମୁଖ୍ୟ ପରିଚାଳକ, ଇଣ୍ଡିଆନ୍ ବ୍ୟାଙ୍କ, ବାପୁଜୀ ନଗର ଶାଖା, ପ୍ଲଟ୍ ନଂ- ୧୫୮, ବାପୁଜୀ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୯, ଜିଲ୍ଲା- ଖୋର୍ଦ୍ଧା, ରାଜ୍ୟ-ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀ ସୁରେଶ କୁମାର ସ୍ୱାଇଁ ଉକ୍ତ ପ୍ଲଟ୍ ସହିତ ଗୃହ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଅନିତା ମହାନ୍ତି, ସ୍ୱାମୀ-ଶ୍ରୀ ଶୁଭବ୍ରତ ମହାନ୍ତି, ସା-ମେହେନ୍ଦିପୁର, କାଳିଗଳି, ପୋ-ଚାନ୍ଦିନୀ ଚୌକ, ଥା-ଲାଲବାଗ, ଜି-କଟକ, ପିନ୍-୭୫୩୦୦୨, ରାଜ୍ୟ-ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/25-26/0027 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)





# ଟି-୨୦ : ଚମକିଲେ ସୂର୍ଯ୍ୟବଂଶୀ



ଜୟପୁର: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୪ତମ ମ୍ୟାଚ୍‌ରେ ରାଜସ୍ଥାନ ବିଜୟୀ ହୋଇଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ରାଜସ୍ଥାନ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି। ରାଜସ୍ଥାନ ରୟାଲ୍ସ ୨୨୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୯.୧ ଓଭରରେ ୩ଟି ଓ୍ୱିକେଟ ହରାଇ ୨୨୫ ରନ୍ କରିଛି। ଦଳର ପ୍ରାରମ୍ଭିକ ବ୍ୟାଟିଂ ମଧ୍ୟ ଭଲ ରହିଥିଲା। ପ୍ରାରମ୍ଭିକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ପ୍ରଥମ ଓ୍ୱିକେଟ୍ ପାଇଁ ୭୫ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ଜୟସ୍ୱାଲ ୪୩ ରନ୍ ସଂଗ୍ରହ କରିଥିଲେ। ସେ ୨୩ଟି ବଲ୍ ଖେଳି ୮ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ରାଜସ୍ଥାନ ପାଇଁ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୮ଟି ବଲ୍ ଖେଳି ୭ଟି ଚୌକା ଏବଂ ୧୦ଟି ଛକା ମାରିଥିଲେ। ମୋହସି ଖାନଙ୍କ ବଲ୍ ଅବଦୁଲ ସାମାଦଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଧ୍ରୁବ ଜୁରେଲ ଅର୍ଦ୍ଧଶତକ ମାରିଥିଲେ। ସେ ୩୮ ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ବଳରେ ଅପରାଜିତ ୫୩ ରନ୍ କରିଥିଲେ। ଜୟପୁରସ୍ଥିତ ସଓ୍ୱାଇ ମାନସିଂହ ଷ୍ଟାଡିୟମରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅତିଥି ଦଳ ବ୍ୟାଟିଂ କରିଥିଲା। ଋଷଭ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ଓ୍ୱିକେଟ୍ ହରାଇ ୨୨୦ ରନ୍ ସଂଗ୍ରହ କରିଥିଲା। ଲକ୍ଷ୍ନୌ ପାଇଁ ମିଚେଲ ମାର୍ଶ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଶତକ ଠାରୁ ୪ ରନ୍ ଦୂରରେ ରହି ଆଉଟ୍ ହୋଇଛନ୍ତି।

ରାଜସ୍ଥାନର ପ୍ରାରମ୍ଭିକ ବ୍ୟାଟିଂ ଶକ୍ତିଶାଳୀ ଥିଲା। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ଶ ଏବଂ ଜୋଶ ଇଂଲିଶ ଶତକୀୟ ଭାଗିଦାରୀ କରିଥିଲେ। ଉଭୟ ବ୍ୟାଟର ପ୍ରଥମ ଓ୍ୱିକେଟ୍ ପାଇଁ ୧୦୯ ରନ୍ ଯୋଡ଼ିଥିଲେ। ଏଥିରୁ ଜୋଶ ଇଂଲିଶ ଏକାକୀ ୬୦ ରନ୍ ସଂଗ୍ରହ କରିଥିଲେ। ସେ ସେ ଯଶ ରାଜ ପୁଞ୍ଜାଙ୍କ ହାତରେ ଆଉଟ୍ ହେବା ପୂର୍ବରୁ ୨୯ଟି ବଲ୍ ଖେଳିଥିଲେ। ଏଥିରୁ ସେ ୭ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଦଳ ୧୫୧ ରନ୍‌ରେ ଦ୍ୱିତୀୟ ଓ୍ୱିକେଟ୍ ଭାବେ ନିକୋଲାସ ପୂରନଙ୍କୁ ହରାଇଥିଲା। ସେ ୧୧ଟି ବଲ୍ ଖେଳି ୨ଟି ଛକା ବଳରେ ୧୬ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନର ତୃତୀୟ ଓ୍ୱିକେଟରେ ଲକ୍ଷ୍ନୌର ଅଧିନାୟକ ଋଷଭ ପନ୍ତ ଆଉଟ୍ ହୋଇଥିଲେ। ସେ ୨୩ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ବଳରେ ୩୫ ରନ୍ ସଂଗ୍ରହ କରିଥିଲେ। ମିଚେଲ ମାର୍ଶ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଶତକ ପୂରଣ ପାଇଁ ଲଢ଼େଇ କରିଥିଲେ। ୫୭ଟି ବଲ୍ ଖେଳି ୧୧ଟି ଚୌକା ଏବଂ ୫ଟି ଛକା ବଳରେ ୯୬ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନ ପାଇଁ ଯଶ ରାଜ ପୁଞ୍ଜା ୨ଟି ଏବଂ ଜୋଫ୍ରା ଆର୍ଚ୍ଚର ଗୋଟିଏ ଓ୍ୱିକେଟ୍ ଅକ୍ତିଆର କରିଥିଲେ।

# ଭାରତୀୟ ଦଳରେ ୪ ନୂଆ ଖେଳାଳିଙ୍କ ଆଗମନ



ନୂଆଦିଲ୍ଲୀ: ବିସିସିଆଇ ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଏବଂ ଏକମାତ୍ର ଟେଷ୍ଟ ପାଇଁ ଦଳ ଘୋଷଣା କରିଛି। ଆଫଗାନିସ୍ତାନ ଭାରତ ଗସ୍ତରେ ଗୋଟିଏ ଟେଷ୍ଟ ଖେଳିବ, ଯାହା ଜୁନ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯିବ। ଏହା ପରେ ଜୁନ ୧୪ ତାରିଖରୁ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ। ଟେଷ୍ଟ ଏବଂ ଦିନିକିଆ କ୍ରିକେଟରେ ପ୍ରଥମ ଥର ପାଇଁ ଟିମ ଇଣ୍ଡିଆରେ ଚାରି ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ପ୍ରିନ୍ସ ଯାଦବ, ହର୍ଷ ଦୁବେ, ମାନବ ସୁଥାର ଏବଂ ଗୁରନୁର ବରାଡ। କିନ୍ତୁ ସେମାନଙ୍କ ଆଗମନ ସହିତ, ଅନେକ ଖେଳାଳି ଅଛନ୍ତି ଯାହାଙ୍କ କ୍ୟାରିଅର ବିପଦରେ ପଡ଼ିଛି। ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ ଏବଂ ଦିନିକିଆ ଦଳରେ ହର୍ଷ ଦୁବେ ଏବଂ ଗୁରନୁରଙ୍କୁ ଚୟନ କରାଯାଇଛି। ପ୍ରିନ୍ସ ଯାଦବଙ୍କୁ କେବଳ ଦିନିକିଆ ସିରିଜ ପାଇଁ ଏବଂ ମାନବ ସୁଥାରଙ୍କୁ କେବଳ ଟେଷ୍ଟ ଦଳରେ ସାମିଲ କରାଯାଇଛି। ସେମାନଙ୍କ ପ୍ରଦର୍ଶନ ସେମାନଙ୍କର ଭବିଷ୍ୟତ ନିର୍ଣ୍ଣୟ କରିବ, କିନ୍ତୁ ସେମାନଙ୍କ ସାମିଲ ଅନେକ ଅନ୍ୟ ଖେଳାଳିଙ୍କ ଭବିଷ୍ୟତକୁ ବିପଦରେ ପକାଇଛି।

ହର୍ଷ ଦୁବେ ଜଣେ ଅଲରାଉଣ୍ଡର ଯାହାକୁ ଟେଷ୍ଟ ଏବଂ ଦିନିକିଆ ଦଳରେ ସାମିଲ କରାଯାଇଛି। ଅକ୍ଷର ପଟେଲଙ୍କୁ ବାଦ୍ ? ଦିଆଯାଇଛି। ହର୍ଷ ମଧ୍ୟ ଜଣେ ବାମହାତୀ ସ୍ପିନର ଯିଏ ଭଲ ବ୍ୟାଟିଂ କରିପାରିବେ ଏବଂ ଅକ୍ଷରଙ୍କ ସ୍ଥାନରେ ତାଙ୍କୁ ଚେଷ୍ଟା କରାଯାଉଛି। ଏପରି ପରିସ୍ଥିତିରେ, ଯଦି ହର୍ଷ ଦୁବେ ପ୍ରଭାବଶାଳୀ ପ୍ରଦର୍ଶନ କରନ୍ତି, ତେବେ ଅକ୍ଷର ପଟେଲଙ୍କ ପ୍ରତ୍ୟାବର୍ତ୍ତନ କଷ୍ଟକର ହେବ। ରବିନ୍ଦ୍ର ଜାଡେଜାଙ୍କ ବିଷୟରେ କହିବାକୁ ଗଲେ ତାଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି, କିନ୍ତୁ ହର୍ଷ ଦୁବେ ଏବଂ ମାନବ ସୁଥାର ଭବିଷ୍ୟତରେ ନିଜ ସ୍ଥାନ ସୁରକ୍ଷିତ କରିବା ପାଇଁ ଏହି ସୁଯୋଗର ଫାଇଦା ଉଠାଇ ପାରିବେ। ଉଭୟ ୩୭ ବର୍ଷୀୟ ଜାଡେଜାଙ୍କ ସ୍ଥାନ ନେବା ପାଇଁ ଦାବିଦାର, କିନ୍ତୁ ସେମାନଙ୍କୁ ଏହି ସୁଯୋଗକୁ ହାତଛଡ଼ା କରିବାକୁ ପଡିବ।

ଜସପ୍ରିତ ବୁମରା ଆଫଗାନିସ୍ତାନ ବିପକ୍ଷରେ ଉଭୟ ଫର୍ମାଟରେ ଖେଳିବେ ନାହିଁ; ତାଙ୍କୁ ବିଶ୍ରାମ ଦିଆଯାଇଛି। ମହମ୍ମଦ ସିରାଜଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇଛି, କିନ୍ତୁ ଓଡିଓ ଦଳରେ ସାମିଲ କରାଯାଇନାହିଁ। ପଞ୍ଜାବର ଗୁରନୁର ଏବଂ ଦିଲ୍ଲୀର ପ୍ରିନ୍ସ ଯାଦବ ଦ୍ରୁତ ବୋଲର ଯେଉଁମାନେ ଘରୋଇ ସର୍କିଟରେ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ, ଯଦି ଏହି ବୋଲରମାନେ ପାଓ୍ୱାରପ୍ଲେ ଏବଂ ଡେଥ ଓଭରରେ ଭଲ ବୋଲିଂ କରନ୍ତି, ଇକନୋମିକ ରୁହନ୍ତି, କିମ୍ବା ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ନିଅନ୍ତି, ତେବେ ସିରାଜଙ୍କ ଓଡିଓ ଦଳକୁ ଫେରିବା ଅତ୍ୟନ୍ତ କଷ୍ଟକର ହେବ। ମହମ୍ମଦ ଶାମିଙ୍କୁ ପୂର୍ବରୁ ବହୁତ ଦିନ ଧରି ଅଣଦେଖା କରାଯାଇଛି। ଯଦି ଏହି ବୋଲରମାନେ ପ୍ରଭାବ ପକାଇବାରେ ସଫଳ ହୁଅନ୍ତି, ତେବେ ଶାମିଙ୍କ ଅନ୍ତର୍ଜାତୀୟ କ୍ୟାରିଅର ଶେଷ ହୋଇପାରେ। ଭୁବନେଶ୍ୱର କୁମାର ଓଚଖ ୨୦୨୬ରେ ଚମତ୍କାର ବୋଲିଂ କରୁଛନ୍ତି, ପାଓ୍ୱାରପ୍ଲେରେ ଉଇକେଟ୍ ? ନେଉଛନ୍ତି, ଏବଂ କୌଣସି ବ୍ୟାଟସମ୍ୟାନ ତାଙ୍କ ବିପକ୍ଷରେ ସହଜରେ ସ୍କୋ ? କରୁଥିବାର ଦେଖାଯାଇନାହିଁ। ତାଙ୍କୁ ଆଫଗାନିସ୍ତାନ ବିପକ୍ଷ ଓଡିଓ ଦଳରେ ସାମିଲ କରାଯାଇ ନଥିଲା; ଗୁରନୁର ଏବଂ ପ୍ରିନ୍ସ ଯାଦବଙ୍କୁ ସୁଯୋଗ ଦିଆଯାଇଛି। ଏହା ସୂଚାଇ ଦିଏ ଯେ ଓଡିଓ ଆଉ ଭୁବନେଶ୍ୱର କୁମାରଙ୍କ ନାମ ବିଚାର କରୁନାହିଁ। ଉଇକେଟ୍‌କିପର-ବ୍ୟାଟସମ୍ୟାନ ରିଷଭ ପନ୍ତଙ୍କୁ ଟେଷ୍ଟ ଦଳରେ ସାମିଲ କରାଯାଇଛି, ଯଦିଓ ତାଙ୍କୁ ଉପ-ଅଧିନାୟକ ପଦରୁ ବାହାର କରାଯାଇଛି। ତାଙ୍କୁ ଓଡିଓ ଦଳରୁ ବାଦ ଦିଆଯାଇଛି, ଯାହା ସୂଚାଇ ଦେଉଛି ଯେ ସେ ୨୦୨୭ ବିଶ୍ୱକପ ଯୋଜନାର ଅଂଶ ହୋଇପାରିବେ ନାହିଁ।

# ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ଓଡିଓ) ମଙ୍ଗଳବାର ଆଫଗାନିସ୍ତାନ ବିପକ୍ଷରେ ହେବାକୁ ଥିବା ଦିନିକିଆ ସିରିଜ ପାଇଁ ଟିମ ଇଣ୍ଡିଆର ଦଳ ଘୋଷଣା କରିଛି। ଶୁବମନ ଗିଲଙ୍କୁ ୧୫ ଜଣିଆ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ୨୦୨୬ ଓଚଖରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଚମତ୍କାର ବୋଲିଂ ପ୍ରଦର୍ଶନ କରିଆସୁଥିବା ଦ୍ରୁତ ବୋଲର ପ୍ରିନ୍ସ ଯାଦବଙ୍କୁ ଦଳରେ ସୁଯୋଗ ଦିଆଯାଇଛି। ଏହା ସହିତ ପଞ୍ଜାବ କିଙ୍ଗସର ଗୁରକୀରତ ବ୍ରାର ଏବଂ ସନରାଇଜର୍ସ ହାଇଦ୍ରାବାଦର ହର୍ଷ ଦୁବେଙ୍କୁ ମଧ୍ୟ ସାମିଲ କରାଯାଇଛି। ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେଏଲ ରାହୁଲ, ଇଶାନ କିଷାନ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତିଶ କୁମାର ରେଡ୍ଡୀ, ଓ୍ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରକୀରତ ବ୍ରାର, ହର୍ଷ ଦୁବେ। ଦିନିକିଆ ସିରିଜର ପ୍ରଥମ ମ୍ୟାଚ ଜୁନ ୧୪ ତାରିଖରେ ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଖେଳାଯିବ। ଦ୍ୱିତୀୟ ଦିନିକିଆ ୧୭ ତାରିଖରେ ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଖେଳାଯିବ। ଶେଷରେ ସିରିଜର ତୃତୀୟ ଏବଂ ଶେଷ ଦିନିକିଆ ଜୁନ ୨୦ ତାରିଖରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ।

## ସପ୍ତାହର ଶେଷରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୧୭ -୨୩ ମଇ, ୨୦୨୬

ନୂଆ ସରକାର




**ଜାତୀୟ:** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିପରି ବିଜେପିର 'ଜାଇଣ୍ଟ ସ୍ଲେୟାର' ରଣନୀତିକାର ହେଲେ
**ଅନ୍ତର୍ଜାତୀୟ:** ଆମେରିକାରେ ଇଓ ଉପରେ କଡ଼ା ଲଗାମ
**ବିଶେଷ ପ୍ରସଙ୍ଗ:** ଓଡ଼ିଆ ଅସ୍ମିତା : ଅତୀତର ନଷ୍ଟାଲଜିଆ ନା ବର୍ତ୍ତମାନର ସଂଘର୍ଷ ?
**କ୍ଷୁଦ୍ରଗଳ୍ପ :** ସପନିର ସପ
**ନାରୀ :** କାହିଁକି ମହିଳାମାନଙ୍କୁ ହୁଏ ବାରମ୍ବାର ୟୁରିନ୍ ଇନଫେକ୍ସନ
**ଚଳଚ୍ଚିତ୍ର :** ଚଳିତ ବର୍ଷ ପରଦାକୁ ଆସିବ ଫିଲ୍ମ 'ସନା'
ଚଳଚ୍ଚିତ୍ର: ଚର୍ଚ୍ଚାରେ ଅଭିନେତା ମୁକେଶ ଖାନ୍ନା
**ଖେଳ:** ବିବାହକୁ ନେଇ ବଡ଼ ଅପଡେଟ ଦେଲେ ଶୁଭମନ ଗିଲ୍ !
**ମୀନାବଜାର :** ମୀନାବଜାର: ମଶାର ଆଶା, **ଚର୍ଚ୍ଚାରେ:** ନିଧିବନର ଅଭିଶପ୍ତ ତେନ୍ତୁଳି ଗଛ, **ବିଜ୍ଞାନ:** ମହାକାଶକୁ ଯିବେ ସାଧାରଣ ଲୋକେ, ପର୍ଯ୍ୟଟନ: ପଶ୍ଚିମବଙ୍ଗର ଅନ୍ୟତମ ଶୈଳନିବାସ, ଜାଣନ୍ତି କି ? : ଦହି-ଚିନି ଖାଇବାର ପରମ୍ପରାଙ୍କ କେଉଁଠୁ ଆରମ୍ଭ ହେଲା ? **ସ୍ୱାସ୍ଥ୍ୟ:** ସୁସ୍ଥ ରହିବା ପାଇଁ ସବୁଠୁ ଭଲ ବିକଳ୍ପ ବାସି ରୁଟି ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**

# ସାଲିମା ମହିଳା ହକି ଦଳର ଅଧିନାୟିକା

ନୂଆଦିଲ୍ଲୀ:ଆସନ୍ତା ଅଷ୍ଟ୍ରେଲିଆ ଟୁର ପାଇଁ ପୁରୁଖା ମିଡ୍‌ଫିଲ୍ଡର ସାଲିମା ଟେଟେ ଭାରତୀୟ ମହିଳା ହକି ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ଡିଫେଣ୍ଡର ଲାଲ୍‌ଥାଣ୍ଟଲୁଆଙ୍ଗିଙ୍କୁ ପ୍ରଥମ ଥର ଦଳରେ ନିଆଯାଇଛି। ଜୁନ୍ ୧୫ରୁ ୨୧ ଅକଲାଣ୍ଡଠାରେ ଏଫ୍‌ଆଇଏଚ୍ ମହିଳା ନେଶନ୍ସ କପ୍ ହକି ଅନୁଷ୍ଠିତ ହେବ। ମ୍ୟାଚ୍‌ଗୁଡ଼ିକ ପର୍ଥରେ ମେ ୨୬ରୁ ୩୦ ପର୍ଯ୍ୟନ୍ତ ଖେଳାଯିବ। ଭାରତ ଚଳିତବର୍ଷ ପ୍ରଥମ ଭାଗରେ ଆର୍ଜେଣ୍ଟିନାରେ ଚମତ୍କାର ପ୍ରଦର୍ଶନ କରି ୪ମ୍ୟାଚ ବିଶିଷ୍ଟ ସିରିଜରେ ଦୁଇଟି ମ୍ୟାଚରେ



ବିଜୟ ଲାଭ କରିଥିଲା। ସାଲିମା ହେଉଛନ୍ତି ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା। ଦଳରେ ସ୍ଥାନ ପାଇଥିବା ଅନ୍ୟ ଅଭିଜ୍ଞ ଖେଳାଳିମାନେ ହେଲେ ସବିତା, ସୁଶିଲା ଚାନୁ ପୁଖରାମବାମ୍, ଲାଲ୍‌ରେମସିଆମି ଓ ନବନୀତ କୌର। ସବିତା ଓ ବିଚୁ ଦେବୀ ହେଉଛନ୍ତି ନିର୍ଭରଯୋଗ୍ୟ ଗୋଲ୍‌କିପର। ଡିଫେନ୍ସରେ ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ସୁଶିଲା ଚାନୁ ପୁଖରାମବାମ୍, ଲାଲଥାଣ୍ଟଲୁଆଙ୍ଗି ଏବଂ ନବାଗତ ଶିଳ୍ପୀ ଦାବାସଙ୍କ ସହିତ ଜ୍ୟୋତି ସିନିୟର ଦଳରେ ସ୍ଥାନ ପାଇଛନ୍ତି। ମ୍ୟାଚଗୁଡ଼ିକ ମେ' ୨୬, ୨୭, ୨୯ ଏବଂ ୩୦ରେ ଖେଳାଯିବ। ଭାରତୀୟ ମହିଳା ହକି ଦଳ: ଗୋଲକିପର: ସବିତା, ବିଚୁ ଦେବୀ ଖରିବାମ୍। ଡିଫେଣ୍ଡର: ନିକ୍କି ପ୍ରଧାନ, ଇଶିକା ଚୌଧରୀ, ସୁଶିଲା ଚାନୁ ପୁଖରାମବାମ୍, ଲାଲଥାଣ୍ଟଲୁଆଙ୍ଗି, ଜ୍ୟୋତି ଓ ଶିଳ୍ପୀ ଦାବାସ। ମିଡ୍ ଫିଲ୍ଡର: ସାଲିମା ଟେଟେ, ଲାଲରେମ୍‌ସିଆମି, ନେହା, ସାକ୍ଷୀ ରାଣା, ସୁନେଲିତା ଟୋପ୍ପୋ, ଦୀପିକା ସୋରେଙ୍ଗ ଓ ସୋନମ। ଫରଓ୍ୱାର୍ଡ: ନଭନୀତ କୌର, ବଲ୍‌ଜିତ୍ କୌର, ଦୀପିକା, ଅନୁ, ଇଶିକା, ହୀନା ବାନୋ ଓ ରତୁଜା ଦାଦାସୋ ପିସାଲ।

# ବୁମରା ଓ ସାମିଙ୍କୁ ନେଇ ନିଷ୍ପତ୍ତି ପରିବର୍ତ୍ତନ କରିପାରେ ବିସିସିଆଇ



ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୩୧ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହା ପରେ ଅନ୍ତର୍ଜାତୀୟ କ୍ରିକେଟ୍ ପୁଣି ଆରମ୍ଭ ହୋଇଯିବ। ଆସନ୍ତା ଜୁନ ୬ ତାରିଖ ଠାରୁ ଭାରତୀୟ ଟିମ୍‌କୁ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ପଡ଼ିବ। କୁହାଯାଉଛି ଯେ, ଆଇପିଏଲ୍ ଶେଷ ହେବା ପୂର୍ବରୁ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳ ଚୟନ ହେବ। ଏଥି ସହିତ 'ବିସିସିଆଇ'ର ଏକ ବୈଠକ ବସିବ। ଏଥିରେ ଜସପ୍ରୀତ ବୁମରା ଏବଂ ମହମ୍ମଦ ସାମିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଅଜିତ ଆଗରକରଙ୍କ ନେତୃତ୍ୱରେ ଚୟନ କମିଟି ବିସିସିଆଇ ସହିତ ଆଗାମୀ କିଛି ମାସର ରୋଡମ୍ୟାପ୍ ଉପରେ ଆଲୋଚନା କରିବାକୁ ଏକ ବୈଠକ ନିର୍ଦ୍ଧାରଣ କରିଛନ୍ତି। ଏହି ଚୟନ ବୈଠକ ଆଗାମୀ ୭ରୁ ୧୦ ଦିନ ମଧ୍ୟରେ ହୋଇପାରେ। ରିପୋର୍ଟରେ କୁହାଯାଇଛି ଯେ, ଦ୍ରୁତ ବୋଲରଙ୍କୁ ବୋର୍ଡର ଏଜେଣ୍ଡାରେ ଗୁରୁତ୍ୱ ଦିଆଯାଇପାରେ। ଏଥିରେ ସାମିଲ ହେବାକୁ ଥିବା ବୋଲରଙ୍କୁ ଅବଶିଷ୍ଟାଂଶ ଆଇପିଏଲ୍‌ର ଶେଷ ମ୍ୟାଚ୍‌ରେ ଅଧିକ ପରିଶ୍ରମ କରିବାକୁ କୁହାଯାଇପାରେ। ବିସିସିଆଇ ସୂତ୍ର ଅନୁସାରେ, ଚୟନକର୍ତ୍ତା କେବଳ ଏଥି ପାଇଁ ଟେଷ୍ଟ ଟିମ୍‌ର କ୍ୱାଲିଟିକୁ ଦେଖିବେ ନାହିଁ, ବରଂ ଆଫଗାନିସ୍ତାନକୁ ମୁକାବିଲା କରିବା ଭଳି ଏକ ଟିମ୍ ଚୟନ କରିବ। ଚୟନକର୍ତ୍ତାମାନେ ଚାହାଁନ୍ତି ଯେ, ଭଲ ଟିମ୍ ପଡ଼ିଆରେ ଅବତୀର୍ଣ୍ଣ କରୁ। ସିରାଜ ଚାପଗ୍ରସ୍ତ ହୋଇ ଖେଳିବାକୁ ପଛାନ୍ତି ନାହିଁ। ନୀତିଶ କୁମାର ରେଡ୍ଡିଙ୍କୁ ସୁଇଙ୍ଗ ବୋଲିଂ ବିଭାଗରେ ନିଆଯାଇପାରେ।

# ପଡ଼ିଆକୁ ଓହ୍ଲାଇଲେନି ମହେନ୍ଦ୍ର ସିଂ ଧୋନି

ଚେନ୍ନାଇ: ଆଇପିଏଲ୍ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲେ ବି ମହେନ୍ଦ୍ର ସିଂ ଧୋନି ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଖେଳିନାହାନ୍ତି। ସୋମବାର ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ସେ ଖେଳିବେ ବୋଲି ଆଶା କରାଯାଉଥିଲେ ବି ସେ ଖେଳିନଥିଲେ। ଏହାପରେ ପୁଣିଥରେ ତାଙ୍କ ଅବସରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏ ସଂପର୍କରେ ତାଙ୍କର ଏକ ବୟାନ ମଧ୍ୟ ଏହି ଚର୍ଚ୍ଚାକୁ ବଳ ଯୋଗାଇଛି। ସୋମବାର ମ୍ୟାଚ୍ ମଧ୍ୟାନ୍ତରରେ ପରେ ଧୋନି ସିଏସ୍‌କେର ଅନ୍ୟ ଖେଳାଳିଙ୍କ ସହ ପଡ଼ିଆକୁ ଆସି ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ। ସେମାନଙ୍କ ସହ ଫଟୋ ଉଠାଇଥିଲେ। ଏହି ସମୟରେ ଧୋନିଙ୍କ ମୁଖମଣ୍ଡଳ ଉଦାସ ଉଦାସ ଲାଗୁଥିଲା। ଯାହାକି ତାଙ୍କ ଅବସର ଆଭାସ ଥିଲା ବୋଲି ବିବେଚନା କରାଯାଉଛି। ତେବେ ଏସବୁ ମଧ୍ୟରେ ପୂର୍ବତନ ଭାରତୀୟ ଦଳ ଓ ସିଏସ୍‌କେ ସଦସ୍ୟ ସୁରେଶ ରାଇନାଙ୍କ ଏକ ପ୍ରଶ୍ନ ଓ ଧୋନି ଦେଇଥିବା ଉତ୍ତର ଅବସର ଚର୍ଚ୍ଚାକୁ ଆହୁରି ବଢାଇଦେଇଛି। ଧୋନିଙ୍କୁ ଏକ କଥାବାର୍ତ୍ତା ସମୟରେ ରାଇନା ପଚାରିଥିଲେ,'୨୦୨୬ ଆଇପିଏଲ୍ ଆଦୌ ଖେଳିନଥିବାରୁ ତାହାକୁ ଗଣାଯିବ ନାହିଁ। ଆପଣ ୨୦୨୭ରେ ଖେଳିବେ କି ?' ଏହାର ଜବାବରେ ଧୋନି କହିଥିଲେ ଯେ ତାଙ୍କ ଶରୀର ଦୁର୍ବଳ ହୋଇଯାଇଛି। ଧୋନିଙ୍କ ଏହି ବୟାନ ପରେ ଅନୁମାନ କରାଯାଉଛି ଯେ ସେ ଅବସର ନେବାକୁ ଯାଉଛନ୍ତି ଓ ଆସନ୍ତା ବର୍ଷ ଖେଳିବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ଦଳର ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ୍ ଫ୍ଲେମିଂ କହିଛନ୍ତି ଯେ ଧୋନି ଖେଳୁନଥିଲେ ବି ଡ୍ରେସିଂ ରୁମ୍‌ରେ ତାଙ୍କର ପ୍ରଭାବ ଅକ୍ଷୁଣ୍ଣ ରହିଛି। ତାଙ୍କ ଉପସ୍ଥିତି ଦଳ ପାଇଁ ବେଶ ମୂଲ୍ୟବାନ।



ସୂଚନାଯୋଗ୍ୟ ଯେ ଚଳିତ ଋତୁ ଆରମ୍ଭରୁ ଧୋନିଙ୍କ ଖେଳିବା ନେଇ ଦୃଢ଼ ଆଶା ସୃଷ୍ଟି ହୋଇଥିଲା। ଚେନ୍ନାଇ ଆସି ସେ ଅଭ୍ୟାସ ମଧ୍ୟ ଆରମ୍ଭ କରି ଦେଇଥିଲେ। ହେଲେ ଧୋନି ଅସମୟରେ ଆହତ ହେବା ପ୍ରଶଂସକଙ୍କ ସହ ଦଳଗତ ଭାବେ ଚେନ୍ନାଇ ପାଇଁ ଶକ୍ତ ଝଟକା ଥିଲା। ସେଥିପାଇଁ ସେ ଗୋଟିଏ ବି ମ୍ୟାଚ୍ ଖେଳି ପାରି ନଥିଲେ। ଧୋନି ମ୍ୟାଚ୍ ଖେଳିବା ପରିବର୍ତ୍ତେ କେବଳ ଷ୍ଟାଡିୟମ୍ ଆସି ଫଟୋ ଉଠାଇବା ପରେ ଚଳିତ ଋତୁରେ ସେ ଖେଳିବା ସମ୍ଭାବନା ପ୍ରାୟ ଶେଷ ହୋଇଯାଇଛି। କେବଳ ଯାହା ଚେନ୍ନାଇ ଓ ତାଙ୍କ ପକ୍ଷରୁ ଆନୁଷ୍ଠାନିକ ଘୋଷଣା ବାକି ରହିଛି। ଧୋନି ଫିଟ୍ ନଥିବାରୁ ଚଳିତ ଋତୁରେ ଖେଳିବା ସମ୍ଭବ ହେଲାନି ବୋଲି ଅଧିନାୟକ ଗାଏକ୍ୱାଡ୍ କହିଛନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583